## ପୁଣି ଆଇସିସି କ୍ରିକେଟ କମିଟି ଅଧ୍ୟକ୍ଷ ମନୋନୀତ ହେଲେ ସୌରଭ ଗାଙ୍ଗୁଲି



ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର
31 YEARS
e-paper www.sambadkalika.in
# ସମ୍ବାଦ କଳିକା
The Sambad Kalika
TM
E-mail : sambadkalikanews@gmail.com
ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର
The only ISO Certified Odia Newspaper
NS-EN ISO 9001:2008
କର୍ମଣ୍ୟେ ବାଧିକାରସ୍ତେ ମା ଫଳେଷୁ କଦାଚନ
୮ ପୃଷ୍ଠା ମୂଲ୍ୟ : ୨.୦୦ ଟଙ୍କା
8 Pages, ₹ 2.00
● ବର୍ଷ–୩୨ ● ସଂଖ୍ୟା–୭୭ ● ୧୫ ଅପ୍ରେଲ ୨୦୨୫, ମଙ୍ଗଳବାର ● ଭୁବନେଶ୍ୱର ● Vol -32 ● Issue-77 ● 15th April 2025, Tuesday ● Bhubaneswar
RNI Regd.No. : 52640/94 Postal Regd.No. : BN-60/25-27

# ଘଟଗାଁ ତାରିଣୀ ମନ୍ଦିରକୁ ୨୧୫ କୋଟି ଟଙ୍କାର ଅନୁଦାନ ଘୋଷଣା କଲେ ମୁଖ୍ୟମନ୍ତ୍ରୀ

**ଘଟଗାଁ, ୧୪।୪**

**ନ୍ୟୁଜ୍ ବ୍ୟୁରୋ**

ଘଟଗାଁ ତାରିଣୀ ମନ୍ଦିରକୁ ୨୧୫ କୋଟି ଟଙ୍କା ମଞ୍ଜୁର କରିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ସୋମବାର ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ମା' ତାରିଣୀଙ୍କୁ ଦର୍ଶନ କରି ମା'ଙ୍କର କୃପାଲାଭ କରିବାପରେ ମା'ଙ୍କ ମନ୍ଦିରର ଉନ୍ନତିକରଣ ନିମନ୍ତେ ୨୧୫ କୋଟି ଟଙ୍କାର ଅନୁଦାନ ଘୋଷଣା କରିଛନ୍ତି । ଏହି ଅର୍ଥରେ ଉନ୍ନତିକରଣ କାମ ଖୁବ ଶୀଘ୍ର ଆରମ୍ଭ ହେବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।



ପବିତ୍ର ମହାବିଷୁବ ବା ପଣା ସଂକ୍ରାନ୍ତି ଅବସରରେ କେନ୍ଦୁଝର ଜିଲ୍ଲା ଘଟଗାଁ ମା' ତାରିଣୀଙ୍କ ପୀଠରେ ଭକ୍ତଙ୍କ ପ୍ରବଳ ଭିଡ଼ ପରିଲକ୍ଷିତ ହୋଇଥିଲା । ମା' ତାରିଣୀଙ୍କର ୮୯ ତମ ଚଇତି ପର୍ବର ସୋମବାର ୬ଷ୍ଠ ଦିନ ତଥା ପଣା ସଂକ୍ରାନ୍ତି ଏବଂ ଓଡ଼ିଆ ନବବର୍ଷ ଅବସରରେ ମା'ଙ୍କ ପୀଠରେ ଲକ୍ଷାଧିକ ଭକ୍ତଙ୍କର ସମାଗମ ହୋଇଥିଲା। ଏହାକୁ ଦୃଷ୍ଟିରେ ରଖି, ଶ୍ରଦ୍ଧାଳୁଙ୍କର ଶୃଙ୍ଖଳିତ ଦର୍ଶନ ପାଇଁ ବ୍ୟାପକ ବ୍ୟବସ୍ଥା କରାଯାଇଥିଲା। ମନ୍ଦିରରେ ଭଜନ, ନୃତ୍ୟ, ଗୀତ ଆୟୋଜନ କରାଯାଇଛି। ଶ୍ରଦ୍ଧାଳୁଙ୍କ ପାଇଁ ମାଗଣାରେ ଅନ୍ନପ୍ରସାଦ ଓ ପଣା ବଣ୍ଟନର ବ୍ୟବସ୍ଥା କରାଯାଇଥିଲା।

ଘଟଗାଁ ତାରିଣୀ ପୀଠରେ ମା'ଙ୍କ ୮୯ତମ ଚଇତି ପର୍ବର ଷଷ୍ଠ ଦିନରେ ସୋମବାର ମହାବିଷୁବ ସଂକ୍ରାନ୍ତି ଓ ଓଡ଼ିଆ ନବବର୍ଷ ଧୂମଧାମରେ ପାଳିତ ହୋଇଛି। ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଓ ଲୋକସଭା ସଦସ୍ୟ ଅନନ୍ତ ନାୟକଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଚଇତି ପର୍ବରେ ମାଙ୍କ ଦର୍ଶନ କରି ସାନ୍ନିଧ୍ୟ ଲାଭ କରିଥିବା ଦେଖିବାକୁ ମିଳିଛି। ଚଳିତମାସ ୯ (ପୃଷ୍ଠା ୭ରେ)

# ହିସାରରୁ ଅଯୋଧ୍ୟାକୁ ଉଡ଼ିବ ବିମାନ: ନୂତନ ଟର୍ମିନାଲ ନିର୍ମାଣ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ କଲେ ପ୍ରଧାନମନ୍ତ୍ରୀ

**ହିସାର, ୧୪।୪**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ସୋମବାର ହିସାରରୁ ଅଯୋଧ୍ୟାକୁ ଏକ ବ୍ୟବସାୟିକ ବିମାନ ଉଡ଼ାଣ ପାଇଁ ବିମାନବନ୍ଦରରେ ନୂତନ ଟର୍ମିନାଲ ବିଲ୍ଡିଂର ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ଏହି ଅବସରରେ ପ୍ରଧାନମନ୍ତ୍ରୀ କହିଥିଲେ ଯେ ଯେତେବେଳେ ତାଙ୍କ ଦଳ ଦ୍ୱାରା ରାଜ୍ୟର ଦାୟିତ୍ୱ ତାଙ୍କୁ ଦିଆଯାଇଥିଲା ସେତେବେଳେ ସେ ଅନେକ ସହକର୍ମୀଙ୍କ ସହିତ ଘନିଷ୍ଠ ଭାବେ କାମ କରିଥିଲେ। ହରିୟାଣାରେ ଦଳର ମୂଳଦୁଆକୁ ମଜଭୂତ କରିବାରେ ସେ ଏହି ସହକର୍ମୀଙ୍କ ଉତ୍ସର୍ଗ ଏବଂ ଉଦ୍ୟମକୁ ପ୍ରଶଂସା କରିଥିଲେ। ଏହାସହିତ ଏକ ବିକଶିତ ହରିୟାଣା ଏବଂ ଏକ ବିକଶିତ ଭାରତର ଲକ୍ଷ୍ୟ ପ୍ରତି ତାଙ୍କ ଦଳର ପ୍ରତିବଦ୍ଧତା ପାଇଁ ସେ ଗର୍ବିତ ବୋଲି କହିଥିଲେ।



ଏହି କାର୍ଯ୍ୟକ୍ରମରେ ହରିୟାଣା ମୁଖ୍ୟମନ୍ତ୍ରୀ ନୟାବ ସିଂ ସାଇନି ଏବଂ ଅନେକ ରାଜ୍ୟ ମନ୍ତ୍ରୀ ଉପସ୍ଥିତ ଥିଲେ।

ବିମାନ ଯାତ୍ରାକୁ ସୁରକ୍ଷିତ, ସୁଲଭ ଏବଂ ସମସ୍ତଙ୍କ ପାଇଁ ଉପଲବ୍ଧ କରାଇବା ପାଇଁ ଦେଇଥିବା ପ୍ରତିଶ୍ରୁତି ଅନୁଯାୟୀ ପ୍ରଧାନମନ୍ତ୍ରୀ ମୋଦୀ ମହାରାଜା ଆଗ୍ରାସେନ ବିମାନବନ୍ଦରର ନୂତନ ଟର୍ମିନାଲ ବିଲ୍ଡିଂର ଭିତ୍ତି ପ୍ରସ୍ତର ସ୍ଥାପନ କରିଛନ୍ତି, ଯାହାର ବ୍ୟୟ ଅଟକଳ ଆନୁମାନିକ ୪୧୦ କୋଟିରୁ ଅଧିକ ହେବ ବୋଲି ଜଣାପଡ଼ିଛି । ଏଥିରେ ଏକ ଅତ୍ୟାଧୁନିକ ଯାତ୍ରୀ ଟର୍ମିନାଲ, ଏକ କାର୍ଗୋ ଟର୍ମିନାଲ ଏବଂ ଏକ ଏଟିସି ବିଲଡିଂ ଅନ୍ତର୍ଭୁକ୍ତ। ଏହି ପ୍ରକଳ୍ପ ଦୁଇ ବର୍ଷ ମଧ୍ୟରେ ଶେଷ ହେବାକୁ ଲକ୍ଷ୍ୟ ରଖାଯାଇଛି।

ହିସାରରୁ ଅଯୋଧ୍ୟା ଅଭିମୁଖେ ଉଡ଼ାଣ ଭରିବା ବିଷୟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନୂତନ ଟର୍ମିନାଲ ବିଲ୍ଡିଂର ଭିତ୍ତିପ୍ରସ୍ତର ସ୍ଥାପନ ପୂର୍ବରୁ ଏକ ବିବୃତ୍ତିରେ କୁହାଯାଇଥିଲା ଯେ ହିସାରରୁ ଅଯୋଧ୍ୟାକୁ ସପ୍ତାହରେ ଦୁଇଥର ବିମାନ ଉଡ଼ିବ। ତେବେ ଜମ୍ମୁ, ଅହମ୍ମଦାବାଦ, ଜୟପୁର ଏବଂ ଚଣ୍ଡିଗଡ଼କୁ ସପ୍ତାହରେ ତିନିଟି ବିମାନ ଉଡ଼ିବ, ଯାହା ହରିୟାଣାରେ ବିମାନ (ପୃଷ୍ଠା ୭ରେ)

## ୧୯ରେ ଓଡ଼ିଶା ଆସିବେ କେନ୍ଦ୍ରମନ୍ତ୍ରୀ ନୀତିନ ଗଡକରୀ



**ଭୁବନେଶ୍ୱର, ୧୪।୪**

**ନ୍ୟୁଜ୍ ବ୍ୟୁରୋ**

କେନ୍ଦ୍ର ସଡ଼କ ପରିବହନ ଓ ରାଜପଥ ମନ୍ତ୍ରୀ ନୀତିନ ଗଡକରୀ ଆସନ୍ତା ୧୯ ତାରିଖରେ ଦିନିକିଆ ଓଡ଼ିଶା ଗସ୍ତରେ ଆସିବେ ବୋଲି ରାଜ୍ୟ ବିଜେପି ଉପସଭାପତି ଗୋଲକ ମହାପାତ୍ର ସୋମବାର ସୂଚନା (ପୃଷ୍ଠା ୭ରେ)

# ଓଡ଼ିଶାର କାଗଜବିହୀନ ବିଧାନସଭା ପ୍ରକ୍ରିୟା ଅଧ୍ୟୟନ କରିବା ପାଇଁ ଦିଲ୍ଲୀ ବାଚସ୍ପତି ଭୁବନେଶ୍ୱର ଆସିବେ

**ନୂଆଦିଲ୍ଲୀ, ୧୪।୪**

ଇ-ବିଧାନ ଆବେଦନ (ନେଭା) ପ୍ରକ୍ରିୟା ମାଧ୍ୟମରେ କାଗଜବିହୀନ ଏବଂ ଡିଜିଟାଲ ଆଇନ ପ୍ରକ୍ରିୟା ଗ୍ରହଣ କରିଥିବା ଅନେକ ରାଜ୍ୟ ମଧ୍ୟରେ ଓଡ଼ିଶା ଅନ୍ୟତମ।

ପ୍ରକଳ୍ପ କାର୍ଯ୍ୟକାରୀ କରିବା ପାଇଁ ଗତ ମାସରେ ସଂସଦୀୟ ବ୍ୟାପାର ମନ୍ତ୍ରଣାଳୟ ସହିତ ଏକ ବୁଝାମଣାପତ୍ର ସ୍ୱାକ୍ଷର କରିଥିବା ଦିଲ୍ଲୀ, ଓଡ଼ିଶାରୁ ଏହି ପ୍ରକ୍ରିୟା ବିଷୟରେ ଜାଣିବାକୁ ରହିଁଛନ୍ତି।

ଦିଲ୍ଲୀ ବିଧାନସଭାର ବାଚସ୍ପତି ବିଜେନ୍ଦର ଗୁପ୍ତା ଏହି ଉଦ୍ଦେଶ୍ୟରେ ତିନି ଦିନିଆ ଭୁବନେଶ୍ୱର ଗସ୍ତରେ ଆସିବାର କାର୍ଯ୍ୟକ୍ରମ ରହିଛି। ଦିଲ୍ଲୀ ବିଧାନସଭା ସଚିବାଳୟର ଜଣେ ଅଧିକାରୀଙ୍କ ସୂଚନା ଅନୁସାରେ ଦିଲ୍ଲୀ ବାଚସ୍ପତିଙ୍କ ୧୫ ରୁ ୧୭ ତାରିଖ ପର୍ଯ୍ୟନ୍ତ ଓଡ଼ିଶା ଗସ୍ତର ଉଦ୍ଦେଶ୍ୟ ହେଉଛି ନେଭାକୁ ପ୍ରଭାବଶାଳୀ ଭାବରେ କାର୍ଯ୍ୟକାରୀ କରିବାରେ ଓଡ଼ିଶା ବିଧାନସଭା ଦ୍ୱାରା ଗ୍ରହଣ କରାଯାଇଥିବା ସର୍ବୋତ୍ତମ ଅଭ୍ୟାସ, ପ୍ରଯୁକ୍ତିବିଦ୍ୟା ଢାଞ୍ଚା ଏବଂ କାର୍ଯ୍ୟକ୍ଷମ ମଡେଲଗୁଡ଼ିକର ଅଧ୍ୟୟନ କରିବା।



ବିଜେନ୍ଦର ଗୁପ୍ତା ଗତ ବଜେଟ ଅଧିବେଶନରେ ଘୋଷଣା କରିଥିଲେ ଯେ, ଦିଲ୍ଲୀ ବିଧାନସଭା ୧୦୦ଦିନ ମଧ୍ୟରେ କାଗଜବିହୀନ ହୋଇଯିବ।

ବିଜେନ୍ଦର ଗୁପ୍ତାଙ୍କ ସହିତ ଡେପୁଟି ବାଚସ୍ପତି ମୋହନ ସିଂହ ବିଷ୍ଟ, ଦିଲ୍ଲୀ ବିଧାନସଭାର ବରିଷ୍ଠ ଅଧିକାରୀ ଏବଂ ନେଭା ପ୍ରକଳ୍ପ ସହିତ ଜଡିତ ଅନ୍ୟ କର୍ମଚାରୀମାନେ ଓଡ଼ିଶା ଆସିବେ।

ଏହି ଗସ୍ତ ଦିଲ୍ଲୀ ବିଧାନସଭାର ଡିଜିଟାଲ ପରିବର୍ତ୍ତନକୁ ତ୍ୱରାନ୍ୱିତ କରିବାରେ ସାହାଯ୍ୟ କରିବ ବୋଲି ଆଶା ପ୍ରକାଶ କରି ଗୁପ୍ତା କହିଛନ୍ତି ଯେ ବିଧାନସଭା ନେଭାର ଦ୍ରୁତ କାର୍ଯ୍ୟାନ୍ୱୟନ ମାଧ୍ୟମରେ ବିଧାନସଭା କାର୍ଯ୍ୟକାରିତା ପାଇଁ ଅଧିକ ସ୍ୱଚ୍ଛ, ପ୍ରଯୁକ୍ତି-ସକ୍ଷମ ଏବଂ ନାଗରିକ-କୈନ୍ଦ୍ରିକ ଆଭିମୁଖ୍ୟ ଗ୍ରହଣ କରିବାକୁ ଅପେକ୍ଷା କରାଯାଇଛି।

ମଙ୍ଗଳବାର ଦିନ ରାଜ୍ୟ ରାଜଧାନୀରେ ଶ୍ରୀ ଗୁପ୍ତା ପହଞ୍ଚିବା ପରେ ତାଙ୍କ ଦଳ ଓଡ଼ିଶା ରାଜ୍ୟପାଳ ହରିବାବୁ କମ୍ଭମପତି ଏବଂ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ସୌଜନ୍ୟମୂଳକ ସାକ୍ଷାତ (ପୃଷ୍ଠା ୭ରେ)

# ପରିବର୍ତ୍ତନକୁ ଗ୍ରହଣ କରିବାକୁ ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟଙ୍କୁ ଉପମୁଖ୍ୟମନ୍ତ୍ରୀଙ୍କ ଅନୁରୋଧ

**ଭୁବନେଶ୍ୱର, ୧୪।୪**

**ନ୍ୟୁଜ୍ ବ୍ୟୁରୋ**

ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା ସୋମବାର ଦିନ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ (ଏସଏଚଜି) ସଦସ୍ୟମାନଙ୍କୁ ସମ୍ବୋଧିତ କରି ତାଙ୍କର ସୋସିଆଲ ମିଡିଆ ପୋଷ୍ଟ ମାଧ୍ୟମରେ ଚର୍ଚ୍ଚା ସୃଷ୍ଟି କରିଛନ୍ତି।

ସେ କହିଛନ୍ତି, ଗୋଟିଏ ସଂଗଠନ ପ୍ରାୟତଃ ଜଣେ ବ୍ୟକ୍ତିଙ୍କ ନେତୃତ୍ୱରେ ବଢ଼େ। କିନ୍ତୁ ସେହି ବ୍ୟକ୍ତି ସଂଗଠନକୁ ସବୁଦିନ ପାଇଁ ଆଗକୁ ବଢ଼ାନ୍ତି ନାହିଁ । ଲୋକମାନେ ଅବସର ନିଅନ୍ତି, ପଦ ଛାଡି ଦିଅନ୍ତି, ନିଷ୍କ୍ରିୟ ହୋଇଯାଆନ୍ତି, ନେତୃତ୍ୱ ପରିବର୍ତ୍ତନ ହୁଏ, ନୂତନ ନେତୃତ୍ୱ ମୂଳ ଧରିଥାଏ ଏବଂ ସଂଗଠନ ପୁଣି ବଢ଼େ। ଏହା ଏକ ନିରନ୍ତର ପ୍ରକ୍ରିୟା। ସ୍ୱୟଂ ସହାୟକ ଗୋଷ୍ଠୀର ସମସ୍ତ ଭଉଣୀମାନଙ୍କୁ ଏହି ଧାରା ସହିତ ଯୋଗ ଦେବାକୁ ପଡିବ। ଏଠାରେ ସେମାନଙ୍କର ବିକାଶ ନିହିତ ଅଛି ବୋଲି ଉପମୁଖ୍ୟମନ୍ତ୍ରୀ ସୋସିଆଲ ମିଡ଼ିଆ ଏକ୍ସରେ ପୋଷ୍ଟ କରିଛନ୍ତି।



ଏହି ବାର୍ତ୍ତାକୁ ମହିଳା ଏବଂ ଶିଶୁ ବିକାଶ ବିଭାଗ ସମ୍ଭାଳିଥିବା ଉପମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟମାନଙ୍କୁ, ଯେଉଁମାନେ ଏବେ ବି ପୂର୍ବ ସରକାର ସହିତ ସଂଯୁକ୍ତ ଅଛନ୍ତି ଏବଂ ବିଜେପି ସରକାରଙ୍କ ପଦକ୍ଷେପରେ ସହଯୋଗ କରିବାକୁ ଆଗକୁ ଆସୁନାହାନ୍ତି, ସେମାନଙ୍କୁ ପରିବର୍ତ୍ତନକୁ ଗ୍ରହଣ କରିବାକୁ ଏକ ଆହ୍ୱାନ ଭାବରେ ଦେଖାଯାଉଛି।

ସୂଚନାଯୋଗ୍ୟ, ପୂର୍ବ ସରକାରଙ୍କ ପ୍ରମୁଖ କାର୍ଯ୍ୟକ୍ରମ ମିଶନ ଶକ୍ତିର ଏକ ବୃହତ ପୁନର୍ଗଠନ ବିଷୟରେ ସୂଚନା ଦେବାର ଗୋଟିଏ ସପ୍ତାହ ପରେ ଉପମୁଖ୍ୟମନ୍ତ୍ରୀ ଏଭଳି କହିଛନ୍ତି । ନୂଆ ସରକାରଙ୍କ ଏହି ପୁନର୍ଗଠନ କାର୍ଯ୍ୟକ୍ରମ ମାଧ୍ୟମରେ ସ୍ୱୟଂ ସହାୟକ ଗୋଷ୍ଠୀ ନେଟୱାର୍କର ତୃଣମୂଳ ସ୍ତରୀୟ ନେତୃତ୍ୱକୁ ଭାଙ୍ଗି ପ୍ରତ୍ୟେକ ପରିବାରକୁ ଆୟ ସୃଷ୍ଟିକାରୀ ପଦକ୍ଷେପ ସହିତ ଯୋଡ଼ିବା ପାଇଁ ଏକ ସ୍ୱତନ୍ତ୍ର ଅଭିଯାନ ଆରମ୍ଭ କରାଯାଇଛି।

ସେ ପୂର୍ବ ପୂର୍ବ ସରକାରକୁ ନିର୍ବାଚନ ଲାଭ ପାଇଁ ସ୍ୱୟଂ ସହାୟକ ଗୋଷ୍ଠୀ ଆନ୍ଦୋଳନକୁ (ପୃଷ୍ଠା ୭ରେ)

## ପଳାତକ ମେହୁଲ ଚୋକସିଙ୍କୁ ପ୍ରତ୍ୟର୍ପଣ ପାଇଁ ଆବେଦନ



**ନୂଆଦିଲ୍ଲୀ, ୧୪।୪**

ବେଲଜିୟମ ଫେଡେରାଲ ପବ୍ଲିକ ସର୍ଭିସ ଅଫ ଜଷ୍ଟିସ ସୋମବାର କହିଛି ଯେ ଏପ୍ରିଲ ୧୨ରେ ଗିରଫ ହୋଇଥିବା ପଳାତକ ବ୍ୟବସାୟୀ ମେହୁଲ ଚୋକସିଙ୍କ ପ୍ରତ୍ୟର୍ପଣ ପାଇଁ ଭାରତ ଅନୁରୋଧ କରିଛି। ବେଲଜିୟମ କର୍ତ୍ତୃପକ୍ଷ ଚୋକସିଙ୍କ ବିରୋଧରେ ପରବର୍ତ୍ତୀ ଆଇନଗତ କାର୍ଯ୍ୟାନୁଷ୍ଠାନ ପାଇଁ ପ୍ରସ୍ତୁତି ଚଳାଇଥିବା ବେଳେ ତାଙ୍କ ପାଇଁ ଆଇନ ପରାମର୍ଶଦାତା ମଧ୍ୟ ଯୋଗାଇ ଦିଆଯିବ (ପୃଷ୍ଠା ୭ରେ)

# ପଣାସଂକ୍ରାନ୍ତି ଅବସରରେ ଓଡ଼ିଶାବାସୀଙ୍କୁ ନବବର୍ଷର ଶୁଭେଚ୍ଛା ଜଣାଇଲେ ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀ ଓ ରାଜ୍ୟପାଳ



**ନୂଆଦିଲ୍ଲୀ, ୧୪।୪**

ପବିତ୍ର ଓଡ଼ିଆ ନବବର୍ଷ, ପଣା ସଂକ୍ରାନ୍ତି ବା ମହାବିଷୁବ ସଂକ୍ରାନ୍ତି ଉପଲକ୍ଷେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଓ ରାଜ୍ୟପାଳ ଡକ୍ଟର ହରିବାବୁ କମ୍ଭମପତି ଓଡ଼ିଶାବାସୀଙ୍କୁ ନବବର୍ଷର ଶୁଭେଚ୍ଛା ଜଣାଇଛନ୍ତି । ଅନୁରୂପ ଭାବେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, କେନ୍ଦ୍ର ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ଏବଂ ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂହଦେଓ ଓ ପ୍ରଭାତି ପରିଡା ମଧ୍ୟ ଓଡ଼ିଆ ନବବର୍ଷ ଉପଲକ୍ଷେ ରାଜ୍ୟବାସୀଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

ରାଷ୍ଟ୍ରପତି ଦ୍ରୌପଦୀ (ପୃଷ୍ଠା ୭ରେ)

# ଭାରତୀୟ ସେନାରେ ୧ ଲକ୍ଷରୁ ଅଧିକ ଯବାନଙ୍କ ଅଭାବ

**ନୂଆଦିଲ୍ଲୀ, ୧୪।୪**

ଭାରତୀୟ ସେନାରେ ସୈନିକଙ୍କ ଅଭାବ। କମ ଯବାନରେ ଦେଶକୁ ସୁରକ୍ଷା ଦେଉଛି ଭାରତୀୟ ସେନା । ବର୍ତ୍ତମାନ ସମୟରେ ଭାରତୀୟ ସେନାରେ ୧୭% ଅଧିକାରୀଙ୍କ ଅଭାବ ରହିଥିବାବେଳେ, ପ୍ରାୟ ୮% ସୈନିକଙ୍କ ଅଭାବ ରହିଛି । ଏନେଇ ପ୍ରତିରକ୍ଷା ମନ୍ତ୍ରଣାଳୟ ସଂସଦର ସ୍ଥାୟୀ କମିଟିକୁ ସୂଚନା ଦେଇଛି । ତେବେ ଏହି ଅଭାବକୁ ଯଥାଶୀଘ୍ର ପୂରଣ କରିବା ଗୁରୁତ୍ୱପୂର୍ଣ୍ଣ ବୋଲି ବିଶେଷଜ୍ଞମାନେ ମତପ୍ରକାଶ କରିଛନ୍ତି।

ବର୍ତ୍ତମାନ ସମୟରେ ଭାରତୀୟ ସେନାରେ ମୋଟ ୧୨ ଲକ୍ଷ ୪୮ ହଜାର ସୈନିକ ଅଛନ୍ତି । ହେଲେ ଏବେ ବି ୧ ଲକ୍ଷ ଯବାନଙ୍କ ଅଭାବ ଭିତରେ ସୁରକ୍ଷା ଦେଉଛି ଭାରତୀୟ ସେନା । ତେବେ ଏଲଓସି ଏବଂ ଏଲଏସିରେ ଅଧିକ ସଂଖ୍ୟକ ଯବାନ ଏବେ ମୁତୟନ ହେବାରେ ଲାଗିଛନ୍ତି, ଯାହାକି ଏହି ଅଭାବକୁ ଆହୁରି ବଢ଼ାଇ ଦେଉଛି। ବର୍ତ୍ତମାନ ସମୟରେ ଏଲଏସିରେ ପାଖାପାଖି ୫୦ ହଜାରରୁ ଅଧିକ ସୈନିକ ମୁତୟନ ଅଛନ୍ତି। ଅନ୍ୟପଟେ ଜମ୍ମୁରେ ଆତଙ୍କବାଦୀ କାର୍ଯ୍ୟକଳାପ ପରେ ସେଠାରେ ଅତିରିକ୍ତ ୧୫ ହଜାର ସୈନିକଙ୍କୁ ମୁତୟନ କରାଯାଇଛି। ଯେଉଁ କାରଣରୁ ଭାରତୀୟ ସେନାରେ ଏହି ଅଭାବ ଏବେ ପ୍ରଭାବ ପକାଉଛି ।



ପ୍ରତିରକ୍ଷା ମନ୍ତ୍ରଣାଳୟ ପକ୍ଷରୁ ସଂସଦର ସ୍ଥାୟୀ କମିଟିକୁ ଅବଗତ କରାଯାଇଛି ଯେ, ଭାରତୀୟ ସେନାରେ ବର୍ତ୍ତମାନ ଅଧିକାରୀଙ୍କ ସଂଖ୍ୟା ୪୨,୦୯୫ (୧ ଜୁଲାଇ ୨୦୨୪ ସୁଦ୍ଧା) ରହିଛି । ଯେତେବେଳେ କି ଅନୁମୋଦିତ ସଂଖ୍ୟା ହେଉଛି ୫୦,୫୩୮। ସେହିପରି ସେନାରେ ୯୨,୪୧୦ ସୈନିକଙ୍କ ଅଭାବ ରହିଛି ବୋଲି ମଧ୍ୟ କୁହାଯାଇଛି । (ପୃଷ୍ଠା ୭ରେ)

## ୧୬ରୁ ସ୍ନାତକ ଶ୍ରେଣୀ ପାଠ୍ୟକ୍ରମ ପାଇଁ ଆବେଦନ

**ଭୁବନେଶ୍ୱର, ୧୪।୪**

**ନ୍ୟୁଜ୍ ବ୍ୟୁରୋ**

ଆସନ୍ତା ଶିକ୍ଷାବର୍ଷ ୨୦୨୫-୨୬ ନିମନ୍ତେ ସ୍ନାତୋକତ୍ତର ଏବଂ ଦୁଇ ବର୍ଷିଆ ବି.ଏଡ/ ଏମ.ଏଡ /ବି.ଏଚ.ଏଡ ପାଠ୍ୟକ୍ରମରେ ନାମଲେଖା ପ୍ରକ୍ରିୟାକୁ ଶୀଘ୍ର ଆରମ୍ଭ କରିବା ପାଇଁ ପୂର୍ବରୁ ସରକାରଙ୍କ ତରଫରୁ ନିଷ୍ପତ୍ତି ନିଆଯାଇଛି।

ଏହିକ୍ରମରେ ଶିକ୍ଷାବର୍ଷ ୨୦୨୫-୨୬ ନିମନ୍ତେ ସ୍ନାତକ ଶ୍ରେଣୀ ପାଠ୍ୟକ୍ରମରେ ମଧ୍ୟ ନାମଲେଖା ପ୍ରକ୍ରିୟାକୁ ଶୀଘ୍ର ଆରମ୍ଭ କରାଯିବା ପାଇଁ ରାଜ୍ୟ ସରକାରଙ୍କ ଉଚ୍ଚଶିକ୍ଷା ବିଭାଗ ତରଫରୁ ନିଷ୍ପତ୍ତି ଗ୍ରହଣ କରାଯାଇଛି। ଛାତ୍ରଛାତ୍ରୀମାନଙ୍କର ଭବିଷ୍ୟତ ଏବଂ ବୃହତ୍ତର ସ୍ୱାର୍ଥକୁ ଦୃଷ୍ଟିରେ ରଖି ଏହି ନିଷ୍ପତ୍ତି ନିଆଯାଇଛି। ସ୍ନାତକ (ପୃଷ୍ଠା ୭ରେ)

## ଏକାଳ ପଖାଳ



ରାଜଧାନୀର ଛାତି ଉପରୁ
ହେଇଯାଏ ପିଲା ଚୋରି
ଅପରାଧର ଗରା ଏଇଠାରେ
ପୁରାପୁରି ଗଲା ପୁରି
ଭାବି ମୁଣ୍ଡ ଯାଏ ଘୁରି
ରାଜଧାନୀର ଏ ଅବସ୍ଥା ହେଲେ
ବାକି ବୁଝିବେସେ ହରି ।

# ମହାକାଶ ଯାତ୍ରାରେ ଇତିହାସ ରଚିଲେ କେଟୀ ପେରୀଙ୍କ ସମେତ ୬ ଜଣ ମହିଳା



**ନୂଆଦିଲ୍ଲୀ, ୧୪।୪**

ମହାକାଶ ଯାତ୍ରାରେ ଇତିହାସ ରଚିଛନ୍ତି ପପ ସିଙ୍ଗର କେଟୀ ପେରୀଙ୍କ ସମେତ ୬ ଜଣ ମହିଳା । ବ୍ଲୁ ଅରିଜିନର ନ୍ୟୁ ସେପର୍ଡ ସବଅର୍ବିଟଲ ବାହନ (ଏନଏସ-୩୧)ର ୩୧ତମ ମିଶନ ସଫଳତାର ସହ ସମାପ୍ତ ହୋଇଛି । ଏପ୍ରିଲ ୧୪ରେ କଟୀ ପେରୀ ଓ ଅନ୍ୟ ୫ ଜଣ ମହିଳା ମହାକାଶ ଯାତ୍ରା କରିଥିଲେ । ନ୍ୟୁ ସେପର୍ଡ ପ୍ରୋଗ୍ରାମର ୧୧ତମ ମାନବ ଉଡ଼ାଣ ଥିଲା, ଯାହାକି ୧୯୬୩ ମସିହା ପରେ ପ୍ରଥମ ଥର ଅଲ-ଫିମେଲ ସ୍ପେସ ଟ୍ରିପ ଥିଲା।

ଏହି ମିଶନ ଅବସରରେ ମହାକାଶ ଯାତ୍ରୀ କିଛି ମିନିଟ ପାଇଁ ଭାରହୀନତାର ଅନୁଭବ କରିବେ । ପୃଥିବୀର ଜୀବନ-ପରିବର୍ତ୍ତନକାରୀ ଦୃଶ୍ୟ ଦେଖିବେ । ପପ ଷ୍ଟାର କେଟୀ ପେରୀ, ସିବିଏସ ମର୍ଣ୍ଣିଂଙ୍ଗସର ସହ-ହୋଷ୍ଟ ଗେଲ କିଙ୍ଗ, ଲେକା ଅମାଣ୍ଡା ଗୁୟେନ, ପୂର୍ବ ନାସା ରକେଟ ବୈଜ୍ଞାନିକ ଆୟଶା ବୋବେ, ଫିଲ୍ମ ନିର୍ମାତା କେରିୟନ ଫ୍ଲିନ, ମିଶନ ଲିଡର ଲରେନ ସାଞ୍ଚେଜ (ଯେ କି ବ୍ଲୁ ଅରିଜିନର ସଂସ୍ଥାପକ ଜେଫ ବୋଜେସଙ୍କ ପାର୍ଟନର ଅଟନ୍ତି) ଏହି ମିଶନରେ ସାମିଲ ଥିଲେ। ଉଡ଼ାଣ ପାଖାପାଖି ୧୪ ମିନିଟ ପର୍ଯ୍ୟନ୍ତ ଚାଲିଥିଲା। ଏନଏସ-୩୧ କୁ କ୍ୟାପସୁଲ ଟେକ୍ସାସ ରେଗିସ୍ତାନରେ ପାରାସୁଟ ଦ୍ୱାରା ସୁରକ୍ଷିତ ଭାବେ ଅବତରଣ କରାଯାଇଥିଲା।

# ପୁଣି ବଦଳିବ ପାଗ: ୭ ଜିଲ୍ଲାରେ ପ୍ରବଳ ବର୍ଷିବ

**ଭୁବନେଶ୍ୱର, ୧୪।୪**

**ନ୍ୟୁଜ୍ ବ୍ୟୁରୋ**

୨୪ ଘଣ୍ଟା ମଧ୍ୟରେ ରାଜ୍ୟର କେତେକ ଜିଲ୍ଲାରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବା ନେଇ ଆଇଏମଡି ପୂର୍ବାନୁମାନ କରିଛି। ଏନେଇ ଆଇଏମଡି ପକ୍ଷରୁ ସତର୍କ କରାଯାଇଛି । ମଙ୍ଗଳବାର ରାଜ୍ୟର ୭ଟି ଜିଲ୍ଲାରେ ପ୍ରବଳରୁ ଅତି ପ୍ରବଳ ବର୍ଷା କୁଆପଥର ବର୍ଷିବ ବୋଲି ଆଇଏମଡି ପୂର୍ବାନୁମାନ କରିଛି। ଏନେଇ ୟେଲୋ ୱାର୍ଣ୍ଣିଂ ଜାରି ହୋଇଛି । ଉତ୍ତର ଉପକୂଳ ଓ ଦକ୍ଷିଣ ଓଡ଼ିଶାରେ କାଳବୈଶାଖୀ ବର୍ଷା ହେବ।



ଏସବୁ ଜିଲ୍ଲା ଗୁଡ଼ିକହେଲା ମୟୂରଭଞ୍ଜ, କେନ୍ଦୁଝର, ବାଲେଶ୍ୱର, ସୁନ୍ଦରଗଡ଼, ଢେଙ୍କାନାଳ, ଗଞ୍ଜାମ ଏବଂ ଗଜପତି। ଏହିସବୁ ଜିଲ୍ଲାର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ପ୍ରବଳ ବର୍ଷା ହେବାର ସମ୍ଭାବନା ଅଛି। ସେହିପରି ମଙ୍ଗଳବାର ସନ୍ଧ୍ୟାରେ ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, କଟକ, ଜଗତସିଂହପୁର, ପୁରୀ, ଖୋର୍ଦ୍ଧା, ନୟାଗଡ଼, ଗଞ୍ଜାମ, (ପୃଷ୍ଠା ୭ରେ)





# ବେଆଇନ ମହୁଲ ଗୋଦାମରେ ଅବକାରୀ ଚଢ଼ଉ : ଲକ୍ଷାଧିକ ଟଙ୍କାର ମହୁଲ ଜବତ

**ବାଲିଗୁଡ଼ା, ନ୍ୟୁଜ୍‌ବ୍ୟୁରୋ**

କନ୍ଧମାଳ ଜିଲ୍ଲା ବାଲିଗୁଡ଼ା ଉପଖଣ୍ଡ ଅନ୍ତର୍ଗତ ଦାରିଙ୍ଗବାଡ଼ି ଅବକାରୀ ବିଭାଗକୁ ମିଳିଛି ଏକ ବଡ଼ ସଫଳତା। ଏକ ବେଆଇନ ମହୁଲ ଗୋଦାମରେ ଚଢ଼ଉ କରି ପ୍ରାୟ ୫୦ଟି ଛୋଟ ବଡ଼ ବସ୍ତାରେ ଭର୍ତ୍ତି ମହୁଲ ଫୁଲକୁ ଜବତ କରିଛି। ବିଭାଗ, ଏହାର ଆନୁମାନିକ ମୂଲ୍ୟ ପ୍ରାୟ ୧ ଲକ୍ଷ ଟଙ୍କା ହେବ ବୋଲି ବିଭାଗ ଅନୁମାନ କରିଛି। ପ୍ରକାଶ ଯେ, ଦାରିଙ୍ଗବାଡ଼ି ବ୍ଲକ ଅନ୍ତର୍ଗତ ତିଲୋରୀ ଗ୍ରାମର ଜୈନିକ ବ୍ୟବସାୟୀ ଦୀର୍ଘ ଦିନ ହେଲା ବେଆଇନ ଭାବେ କୌଣସି ପଞ୍ଜିକୃତ ନଥାଇ ମହୁଲ ଫୁଲ



କିଣା ବିକା କରୁଥିଲେ। କୌଣସି ସୂତ୍ରରୁ ଦାରିଙ୍ଗବାଡ଼ି ଅବକାରୀ ବିଭାଗର ଇନ୍‌ଚାର୍ଜ ସାଗର ଭୋଇ ଖବର ପାଇ ଗୋଦାମ ଗୃହରେ ଚଢ଼ଉ କରି ମହୁଲ ଫୁଲକୁ ଜବତ କରିଛନ୍ତି। ଏହାର ଓଜନ କରିବା ପରେ ସଠିକ ସରକାରୀ ମୂଲ୍ୟ ନିର୍ଦ୍ଧାରଣ କରାଯିବା ସହ ଅଧିକ ତଦନ୍ତ ଅବ୍ୟାହତ ରଖିଥିବା ବିଷୟ ଅବକାରୀ ବିଭାଗର ଇନ୍‌ଚାର୍ଜ ସାଗର ଭୋଇ ପ୍ରକାଶ କରିଛନ୍ତି।

# ଉଦ୍‌ଘାଟନକୁ ୫ ମାସ ବିତିନି ଉମରକୋଟ ରକ୍ତଭଣ୍ଡାରରେ ରକ୍ତ ସଙ୍କଟ

**ନବରଙ୍ଗପୁର, ନ୍ୟୁଜ ବ୍ୟୁରୋ**

ଉମରକୋଟ ଉପଖଣ୍ଡ ଡାକ୍ତରଖାନାର ନୂଆ ରକ୍ତଭଣ୍ଡାରର ଉଦ୍‌ଘାଟନକୁ ୫ ମାସ ଯାଇନି, ରକ୍ତର ଘୋର ଅଭାବ ଦେଖାଦେଇଛି। କେବଳ ରୋଗୀ ସଂପର୍କୀୟଙ୍କ ରକ୍ତ ଅଦଳବଦଳରେ ଚାଲିଛି ଏହି ରକ୍ତଭଣ୍ଡାର। ଏଭଳି ସ୍ଥିତିରେ ଗ୍ରୀଷ୍ମଋତୁ ପାଇଁ ରକ୍ତଦାନ ଶିବିର ହୋଇପାରୁନି। ଅନ୍ୟପଟେ ନୂଆ ରକ୍ତଭଣ୍ଡାର ପାଇଁ ଆବଶ୍ୟକ କର୍ମଚାରୀ ପଦ ବି ପୂରଣ କରାଯାଉନି। ଏହାକୁ ନେଇ ଅଞ୍ଚଳବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଏହି ରକ୍ତଭଣ୍ଡାରରେ ୩୦୦ ୟୁନିଟ୍ ପର୍ଯ୍ୟନ୍ତ ରକ୍ତ ଗଚ୍ଛିତ ରଖିବା ଲାଗି ଭିତ୍ତିଭୂମି ରହିଛି। ବର୍ତ୍ତମାନ ରକ୍ତଭଣ୍ଡାରରେ ଓ-ପଜିଟିଭ୍ ୪, ବି-ପଜିଟିଭ ଗୋଟିଏ ଓ ଏ-ପର୍ଜିଟିଭ ୨ଟି ୟୁନିଟ୍‌କୁ ମିଶାଇ ମୋଟ ୭ ୟୁନିଟ୍ ରକ୍ତ ରହିଛି। ସେହିପରି ରକ୍ତଭଣ୍ଡାର ପରିଚାଳନା କରିବା ପାଇଁ ୧୨ଜଣ କର୍ମଚାରୀ ସ୍ଥାନରେ ଅଛନ୍ତି ମାତ୍ର ୪ଜଣ। ଏଥିପାଇଁ ରକ୍ତଦାନ ଶିବିର ପରିଚାଳନା କରିବା କଷ୍ଟକର ହୋଉଥିବା ଓଡ଼ିଶା ରକ୍ତ କେନ୍ଦ୍ର ଓ ଉପଖଣ୍ଡ ଚିକିତ୍ସାଳୟ, ଉମରକୋଟ, ଜିଲ୍ଲା : ନବରଙ୍ଗପୁର କର୍ମଚାରୀମାନେ କହିଛନ୍ତି। ଉପଖଣ୍ଡ ମେଡିକାଲରେ ପ୍ରତିଦିନ ୨ରୁ ୧୦ଜଣଙ୍କ ରକ୍ତର ଆବଶ୍ୟକ ପଡୁଛି। ଏଭଳି ସ୍ଥିତିରେ ରୋଗୀଙ୍କ ସଂପର୍କୀୟମାନେ ଆବଶ୍ୟକ ବ୍ଲଡ଼ଗ୍ରୁପ୍ ରକ୍ତଦାତାଙ୍କୁ ଖୋଜି ଆଣିବା ପରେ ରକ୍ତ ସଂଗ୍ରହ କରି ରୋଗୀଙ୍କୁ ଚଢାଯାଉଛି। ଏ ସମ୍ପର୍କରେ ରକ୍ତଭଣ୍ଡାର ଅଧିକାରୀ ଡାକ୍ତର ସବ୍ୟସାଚୀ ଦାସଙ୍କୁ ପଚାରିବାରୁ କହିଛନ୍ତି, ରକ୍ତଦାତାଙ୍କ ରକ୍ତଦାନରେ ଏହି ରକ୍ତଭଣ୍ଡାର ଚାଲୁଛି। ଏଥିଲାଗି ଲୋକଙ୍କୁ ରକ୍ତଦାନ ପାଇଁ ସଚେତନ କରାଯାଉଛି। ଅନ୍ୟପକ୍ଷରେ ଗ୍ରୀଷ୍ମଋତୁ ଯୋଗୁ ରକ୍ତଦାନ ଶିବିର ହୋଇପାରୁନି। ତଥାପି ଉଦ୍ୟମ ଜାରି ରହିଛି। କିନ୍ତୁ ଗ୍ରୀଷ୍ମ ଋତୁ ପରେ ରକ୍ତଦାନ ଶିବିର ପାଇଁ ଉଦ୍ୟମ କରାଯିବ। ସୂଚନାଥାଉ କି, ଦୀର୍ଘ ୭ ବର୍ଷ ଧରି ସ୍ଥାନୀୟ ଉପଖଣ୍ଡ ଡାକ୍ତରଖାନାରେ ରକ୍ତଭଣ୍ଡାର ପ୍ରତିଷ୍ଠା ପାଇଁ ଉଦ୍ୟମ କରାଯାଇଥିଲା। ଶେଷରେ ବହୁ ପ୍ରତିକ୍ଷୀତ ରକ୍ତଭଣ୍ଡାର ପ୍ରତିଷ୍ଠା ହୋଇଛି। ଏହି ରକ୍ତଭଣ୍ଡାର ଉପରେ ବିଶେଷକରି ସୀମାନ୍ତ ରାଇଘର, ଚନ୍ଦାହାଣ୍ଡି, ରାଇଘର ଓ ଉମରକୋଟବାସୀ ଉପକୃତ ହେବା ପାଇଁ ଆଶା ରଖିଛନ୍ତି। କିନ୍ତୁ ରକ୍ତଭଣ୍ଡାରେ ଆବଶ୍ୟକ ରକ୍ତ ଗଚ୍ଛିତ ରଖିବା ଲାଗି ବଦାନ୍ୟ ବ୍ୟକ୍ତି ବିଶେଷ ଓ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ଉଦ୍ୟମ ଜରୁରି ବୋଲି ବୁଦ୍ଧିଜୀବୀମାନେ କହିଛନ୍ତି।

# ବ୍ୟାଙ୍କ କର୍ମଚାରୀ ନିଯୁକ୍ତିରେ ଜାଲିଆତି ଜଣେ କର୍ମଚାରୀ ନିଲମ୍ବିତ



**ବରଗଡ଼, ନ୍ୟୁଜ୍‌ବ୍ୟୁରୋ**

ବରଗଡ଼ସ୍ଥିତ ସମ୍ବଲପୁର ଜିଲା ସମବାୟ କେନ୍ଦ୍ର (ଏସ୍‌ଡ଼ିସିସି) ବ୍ୟାଙ୍କ କର୍ମଚାରୀ ନିଯୁକ୍ତିରେ ଏକ ବଡ଼ଧରଣର ଜାଲିଆତି ଅଭିଯୋଗ ହୋଇଛି। ଅତାବିରା ବିଧାୟକ ନିହାର ରଞ୍ଜନ ମହାନନ୍ଦ ଏହି ପ୍ରସଙ୍ଗ ବିଧାନ ସଭାରେ ଉପସ୍ଥାପନ କରିବା ପରେ ଏହାର ଖୋଳତାଡ଼ ଆରମ୍ଭ ହୋଇଛି।

ନକଲି ଶିକ୍ଷାଗତ ପ୍ରମାଣପତ୍ର ପ୍ରଦାନ କରି ଉକ୍ତ ବ୍ୟାଙ୍କରେ ଅନେକ କର୍ମଚାରୀ ଚାକିରି ହାତେଇଥିବା ଅଭିଯୋଗ ହୋଇଛି। କେବଳ ସେତିକି ନୁହେଁ, ସେଭଳି ଜାଲିଆତିରେ ସମ୍ପୃକ୍ତ ଏକାଧିକ କର୍ମଚାରୀଙ୍କ ପଦୋନ୍ନତି ମଧ୍ୟ ହୋଇସାରିଛି। ଏହି ଘଟଣାରେ ଇତିମଧ୍ୟରେ ଜଣେ ଚତୁର୍ଥ ଶ୍ରେଣୀ କର୍ମଚାରୀ (ସପୋର୍ଟିଂ ଷ୍ଟାଫ୍) କାମାକ୍ଷା ପ୍ରସାଦ ମହାନନ୍ଦଙ୍କୁ ନିଲମ୍ବିତ କରାଯାଇଥିବା ବେଳେ ଅନ୍ୟ କର୍ମଚାରୀଙ୍କ ଶିକ୍ଷାଗତ ପ୍ରମାଣପତ୍ର ଯାଞ୍ଚ ଚାଲିଛି। ଯାଞ୍ଚ ପ୍ରକ୍ରିୟା ସରିବା ପରେ ଆହୁରି କର୍ମଚାରୀ ଚାକିରିରୁ ବିଦା ହେବେ ବୋଲି ଅନୁମାନ କରାଯାଉଛି।

# କମ୍ପ୍ୟୁଟର ବିଜ୍ଞାନ ଛାତ୍ରର ମୃତ ଦେହ ଉଦ୍ଧାର



**ଗୁଣପୁର, ନ୍ୟୁଜ୍‌ବ୍ୟୁରୋ**

ଗୁଣପୁର ଜିଆଇଇଟି ୟୁ କଲେଜର କମ୍ପ୍ୟୁଟର ବିଭାଗରେ ଅଧ୍ୟୟନ କରୁଥିବା ଶେଷ ବର୍ଷ ଛାତ୍ର ସନ୍ଦିପ ଲେଙ୍କାଙ୍କ ସନ୍ଦେହଜନକ ମୃତ୍ୟୁ ହୋଇଥିବାର ଦୁଃଖଦ ଖବର ସମ୍ନାକୁ ଆସିଛି। ଏହି ଛାତ୍ର ଜଣକ କେନ୍ଦ୍ରପଡ଼ା ନିବାସୀ ଜିଆଇଇଟି ୟୁ କ୍ୟାମ୍ପସ ଭିତରେ ଏକ ହଷ୍ଟେଲରେ ରହି ପାଠ ପଢିଆସୁଥିଲେ। ସକାଳେ ପ୍ରଥମ ପର୍ଯ୍ୟାୟ କ୍ଲାସ୍ କରି ଫେରିବା ପରେ ହଷ୍ଟେଲ ଫେରିଥିଲେ। ସେଠାକାର ସଫେଇ କର୍ମଚାରୀ ମହିଳା ଜଣକ ସେ ରହୁଥିବା ରୁମ୍‌ର ଫ୍ୟାନ୍‌ରେ ତାଙ୍କର ଝୁଲନ୍ତା ମୃତଦେହ ଦେଖି ଉଚ୍ଚକର୍ତ୍ତୃପକ୍ଷଙ୍କୁ ଜଣାଇଥିଲେ। ପରବର୍ତ୍ତୀ ମୁହୂର୍ତ୍ତରେ ଖବର ପଦାକୁ ଆସିବା ପରେ ପୋଲିସ ଏବଂ ମିଡିଆ ଘଟଣା ସ୍ଥଳରେ ପହଞ୍ଚି ଘଟଣାର ସତ୍ୟାସତ୍ୟ ଜାଣିବାକୁ ପ୍ରୟାସ ଚଳାଇଥିଲେ। ଏହାର ତଦନ୍ତରେ ଆଇଆଇସି ଉତ୍ତମ କୁମାର ସାହୁଙ୍କ ଉପସ୍ଥିତରେ ଶବ ଜବତ କରି ବ୍ୟବଚ୍ଛେଦ ପାଇଁ ଗୁଣପୁର ଉପଖଣ୍ଡ ଚିକିତ୍ସାଳୟକୁ ପଠାଇଥିଲେ।

# ଟାଉନ ଥାନା ପଛ ପଟରୁ ଚୋରି

**ସମ୍ବଲପୁର, ନ୍ୟୁଜ୍‌ବ୍ୟୁରୋ**

ସ୍ଥାନୀୟ ଟାଉନ ଥାନା ପାଚେରୀ ପଛକୁ ଲାଗି ରହିଥିବା ମ୍ୟୁନିସିପାଲିଟି ମାର୍କେଟ କମ୍ପ୍ଲେକ୍ସରେ ଥିବା ସରକାରୀ ଦୋକାନ 'ଉତ୍କଳିକା'ରେ ଲାଗିଥିବା ଏସିର କମ୍ପ୍ରେସର ସମେତ ଅନ୍ୟାନ୍ୟ ସାମଗ୍ରୀ ଚୋରି ହୋଇଯାଇଛି। ଦୋକାନରେ ଲାଗିଥିବା ଏସିର ଭେଣ୍ଟଗୁଡିକ ପଛ ପାର୍ଶ୍ୱରେ ଏକ ଛାତ ଉପରେ ରଖାଯାଇଛି। ସକାଳୁ ଉତ୍କଳିକା ଶାଖାର କର୍ମଚାରୀମାନେ ଆସି ଏସି ଚଳାଇବାକୁ ଚେଷ୍ଟା କରିବାରୁ ତାହା ଚାଲି ନ ଥିଲା। ଏଣୁ କାଳେ ମୂଷା ପଛରେ ଥିବା ଭେଣ୍ଟର ତାର କାଟି ଦେଇଥିବ ବୋଲି ଭାବି ଯାଇ ଦେଖିବା ସମୟରେ ସେମାନେ ହତବାକ ରହିଯାଇଥିଲେ। ପଛରେ ରଖାଯାଇଥିବା ୨ଟି ଏସିର ଭେଣ୍ଟ ଗୁଡିକ ମଧ୍ୟରୁ ଗୋଟିଏକୁ ଚୋରମାନେ ଭାଙ୍ଗି ତାହା ମଧ୍ୟରେ ରହିଥିବା କମ୍ପ୍ରେସର, ତମ୍ବା ତାର, ପାଇପ୍ ଓ ଅନ୍ୟାନ୍ୟ ସାମଗ୍ରୀ ଗୁଡିକୁ



ଚୋରି କରି ନେଇଛନ୍ତି। ଏସି ଭେଣ୍ଟର ଖୋଳକୁ ଛାଡ଼ି ବାକି ସବୁତକ ସାମଗ୍ରୀ ଭିତରୁ ତାଡ଼ି ନେଇ ଚମ୍ପଟ ମାରିଛନ୍ତି। ଏ ନେଇ ଉତ୍କଳିକା ସମ୍ବଲପୁର ଶାଖା ତରଫରୁ ଟାଉନ ଥାନାରେ ଲିଖିତ ଅଭିଯୋଗ କରାଯାଇଛି। ଏ ନେଇ ପୁଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଛି। ଅପରପକ୍ଷରେ ଟାଉନ ଥାନାର ପଛ ପାଚେରୀକୁ ଲାଗି ରହିଥିବା ଭିଏସଏସ ମାର୍ଗରେ ଥିବା ଏହି ଦୋକାନର ପଛ ପଟରୁ ଏସି କମ୍ପ୍ରେସର ପ୍ରଥମ ଥର ପାଇଁ ଚୋରି ହୋଇଥିବା ବେଳେ ଏସିର ତମ୍ବା ପାଇପ ଗୁଡିକ ଅନେକବାର ଚୋରି ହୋଇଛି। ଏଥିସହ ଭିଏସଏସ ମାର୍ଗରୁ ନେଇ ଗୋଲବଜାର ଛକ ପର୍ଯ୍ୟନ୍ତ ଅଞ୍ଚଳ ଗୁଡିକରେ ଏସି ଗୁଡିକର ତମ୍ବା ତାର ଚୋରି ଏକ ନିତିଦିନିଆ ଘଟଣା ହୋଇଯାଇଛି। ପୁଲିସର କାର୍ଯ୍ୟାନୁଷ୍ଠାନର ଅଭାବ ଯୋଗୁଁ ଚୋରମାନେ ଥାନାର ମାତ୍ର କେଇ ଶହ ମିଟର ସମେତ ଆଖପାଖ ଅଞ୍ଚଳ ଗୁଡିକରେ ଅପରାଧିକ କାଣ୍ଡ ଭିଆଇ ଚାଲିଥିବା ବେଳେ ପୁଲିସର ନିଷ୍କ୍ରିୟତା ସେମାନଙ୍କ ବେଶ ସୁହାଉଛି।

# ବାର୍‌ହା ଆକ୍ରମଣରେ ଚାଷୀଙ୍କ ମୃତ୍ୟୁ

**ଦିଗପହଣ୍ଡି, ନ୍ୟୁଜ୍‌ବ୍ୟୁରୋ**

ଗଞ୍ଜାମ ଜିଲ୍ଲା ସାନଖେମୁଣ୍ଡି ବ୍ଲକ ଖଲିଙ୍ଗୀ ପଞ୍ଚାୟତ ଗୁଣସାଗର ଗ୍ରାମ ନିକଟ ଚାଷଜମିରୁ ଗୁରୁବାର ସକାଳେ ଜଣେ ବୃଦ୍ଧ ଚାଷୀଙ୍କ ଗଳିତ ମୃତଦେହ ପାଟପୁର ପୋଲିସ ଉଦ୍ଧାର କରିଛି। ମୃତ ଚାଷୀ ଜଣକ ହେଲେ ଗୁଣସାଗର ଗ୍ରାମର ଉଦୟ ନାହାକ (୬୪)। ସେ ଗତ ମଙ୍ଗଳବାର ସକାଳୁ ନିଖୋଜ ଥିଲେ। ବାର୍‌ହା ଉପଦ୍ରବରୁ ଫସଲ ରକ୍ଷା କରିବା ନିମନ୍ତେ ଭୋରରୁ ଚାଷଜମିକୁ ଯାଇଥିଲେ ଉଦୟ। ମାତ୍ର ସନ୍ଧ୍ୟା ପର୍ଯ୍ୟନ୍ତ ଫେରି ନ ଥିଲେ। ପରିବାର ଲୋକେ ଖୋଜାଖୋଜି କରିଥିଲେ ମଧ୍ୟ ତାଙ୍କର କୌଣସି ସନ୍ଧାନ ମିଳି ନ ଥିଲା। ୨ ଦିନ ହେଲା ସେ ଆକସ୍ମିକ ଭାବେ ନିଖୋଜ ହୋଇଯାଇଥିଲେ। ଗୁରୁବାର ସକାଳେ ଗ୍ରାମର କିଛି ବ୍ୟକ୍ତି ଏକ ଚାଷଜମିରେ ତାଙ୍କ ଗଳିତ ମୃତଦେହ ପଡ଼ିଥିବା ଦେଖି ପରିବାର ଲୋକଙ୍କୁ ଖବର ଦେଇଥିଲେ। ବରହା ଆକ୍ରମଣରେ ତାଙ୍କ ମୃତ୍ୟୁ ଘଟିବା ପରେ କୌଣସି ବନ୍ୟଜନ୍ତୁ ତାଙ୍କ ଶରୀରର ଅର୍ଦ୍ଧାଧିକ ଅଂଶ ଖାଇ ଦେଇଥିବା ଲୋକେ ସନ୍ଦେହ କରିଛନ୍ତି। ପରେ ଖବରପାଇ ପାଟପୁର ଥାନା ପୋଲିସ ଟିମ୍ ଏବଂ ବନ ବିଭାଗ କର୍ମଚାରୀବୃନ୍ଦ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଥିଲେ। ପୋଲିସ ମୃତଦେହ ଜବତ କରି କେସ୍ ନଂ ୭/୧୫ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ବ୍ୟବଚ୍ଛେଦ ନିମନ୍ତେ ବ୍ରହ୍ମପୁର ବଡ଼ ଡାକ୍ତରଖାନା ପଠାଇଥିଲା। ବ୍ୟବଚ୍ଛେଦ ପରେ ମୃତଦେହକୁ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ମୃତଦେହ ଗାଁରେ ପହଞ୍ଚିବା ପରେ ମଧ୍ୟାହ୍ନରେ ଶୋକାକୁଳ ପରିବେଶ ମଧ୍ୟରେ ଗ୍ରାମ ଶ୍ମଶାନରେ ତାଙ୍କ ଅନ୍ତିମ ସଂସ୍କାର କରାଯାଇଛି। ବ୍ୟବଚ୍ଛେଦ ରିପୋର୍ଟ ମିଳିବା ପରେ ମୃତ୍ୟୁର ପ୍ରକୃତ କାରଣ ଜଣାପଡ଼ିବ ବୋଲି ପାଟପୁର ଥାନା ଆଇଆଇସି ଦୀପ୍ତିରଞ୍ଜନ ବେହେରା କହିଛନ୍ତି।

# କଣ୍ଟାବାଞ୍ଜି ମାଟିର ଝିଅ ସଂସଦରେ ସମ୍ମାନିତ



**କଣ୍ଟାବାଞ୍ଜି, ନ୍ୟୁଜ୍‌ବ୍ୟୁରୋ**

ନୂଆଦିଲ୍ଲୀ ସ୍ଥିତ ସଂସଦ ଭବନରେ ଯୁବ ସଂସଦ ପ୍ରତିଯୋଗିତାରେ ଏକ ଦେଶ ଏକ ନିର୍ବାଚନ ତର୍କରେ କଣ୍ଟାବାଞ୍ଜିର ଏନ୍ ହରିଶଙ୍କର ଦୋରା ଓ ଏନ୍ ରାଜେଶ୍ୱରୀ ଦୋରାଙ୍କ ସୁପୁତ୍ରି ଏନ୍ ଜାହ୍ନବୀ ଦୋରା ଓଜସ୍ୱିନି ତର୍କ ଉପସ୍ଥାପନ କରି ସଚିବ ଯୁବ ବ୍ୟାପାର ଭାରତ ସରକାରଙ୍କ ଠାରୁ ପୁରସ୍କୃତ ହୋଇଛନ୍ତି। ସେ ପୂର୍ବରୁ ଓଡ଼ିଶା ବିଧାନସଭାରେ ହୋଇଥିବା ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ଅଧିକାର କରିଥିଲେ। ତାଙ୍କର ଏହି ସଫଳତା ପାଇଁ ସେ ତାଙ୍କର ମାତା ପିତା, ମହିଳା ସ୍ନାତକ ମହାବିଦ୍ୟାଳୟ କଣ୍ଟାବାଞ୍ଜିର ଅଧକ୍ଷ ରାଜେନ୍ଦ୍ର ପୁରୋହିତ, ଅର୍ଥଶାସ୍ତ୍ର ବିଭାଗ ମୁଖ୍ୟ ସୁନନ୍ଦା ରଥ ଓ ମହାବିଦ୍ୟାଳୟର ସମସ୍ତ ଅଧ୍ୟାପକ ଅଧ୍ୟାପିକାଙ୍କୁ ଶ୍ରେୟ ଦେଇଛନ୍ତି।

# ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ କୁଳପତିଙ୍କ ଠାରୁ ସାଇବର ଠକେଇ ଘଟଣା: ୨ ଗିରଫ

**ବ୍ରହ୍ମପୁର, ନ୍ୟୁଜ ବ୍ୟୁରୋ**

ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ କୁଳପତିଙ୍କ ଠାରୁ ସାଇବର ଠକେଇ ଘଟଣାରେ ବ୍ରହ୍ମପୁର ପୁଲିସକୁ ମିଳିଲା ବଡ଼ ସଫଳତା। ଦୁଇ ସାଇବର ଠକକୁ ଗୁଜରାଟରୁ ଗିରଫ କରିଲା ବ୍ରହ୍ମପୁର ସାଇବର ଓ ଅର୍ଥନୈତିକ ଅପରାଧ ଶାଖା ପୁଲିସ। କୁଳପତିଙ୍କୁ ଡିଜିଟାଲ ଆରେଷ୍ଟ କରି ୧୪ ଲକ୍ଷ ଟଙ୍କା ଠକି ନେଇଥିଲେ ସାଇବର ଠକ। ଫେବୃୟାରୀ ୧୪ ତାରିଖରେ ଦୀପଙ୍କର ବର୍ମା ଅର୍ଥ ହେରେଫେର ମାମଲାରେ ସମ୍ପୃକ୍ତ ଦର୍ଶାଇ ସି ବି ଆଇ ଅଫିସର ତଦନ୍ତ କରୁଥିବା କହି ଡିଜିଟାଲ ଆରେଷ୍ଟ କରିଥିଲେ। ସୁପ୍ରିମକୋର୍ଟରେ ୱାରେଣ୍ଟ ଅଛି ୧୪ ଲକ୍ଷ ଟଙ୍କା ଦିଆଯାଇଥିବା ଏକାଉଣ୍ଟରେ ଡିପୋଜିଟ କରିବାକୁ ନିର୍ଦ୍ଦେଶ ଦେଇଥିଲେ। କୁଳପତି ମଧ୍ୟ ସମ୍ପୃକ୍ତ ଏକାଉଣ୍ଟରେ ୧୪ ଲକ୍ଷ ଟଙ୍କା ଡିପୋଜିଟ କରିଥିଲେ। ତଦନ୍ତ ପରେ ୨୨ ତାରିଖ ଭିତରେ ଟଙ୍କା ଫେରସ୍ତ ହେବ ବୋଲି କହିଥିଲେ। ୧୫ ତାରିଖରେ ୮୦ ହଜାର ଟଙ୍କା ଆକାଉଣ୍ଟକୁ ଫେରସ୍ତ କରିଥିଲେ। କିନ୍ତୁ ବଳକା ଅର୍ଥ ୨୩ ତାରିଖ ଭିତରେ ଆଉ ଫେରସ୍ତ ନହେବାରୁ ଫେବୃୟାରୀ ୨୪ ତାରିଖରେ କୁଳପତି ବ୍ରହ୍ମପୁର ସାଇବର ପୁଲିସ ଥାନାରେ ଅଭିଯୋଗ କରିଥିଲେ। ପୁଲିସ ତଦନ୍ତ କରି ଗୁଜରାଟରୁ ଭୁତୀୟା ଯେନିଲ ଓ ବିଶ୍ୱଜିତ ସିନ ଗୋହିଲ ଦୁଇଜଣଙ୍କୁ ଗିରଫ କରିଛି। ବ୍ରହ୍ମପୁର ଏସ ଡି ଜେ ଏମ କୋର୍ଟରେ ହାଜର କରି କୋର୍ଟ ଚାଲାଣ କରାଯାଇଥିବା ବ୍ରହ୍ମପୁର ଏସପି କହିଛନ୍ତି।

# ଗୁହାଳ ପାଲଟିଛି ମୁକ୍ତାକାଶ ଜିମ୍ : ଖତ ଖାଉଛି ଲକ୍ଷ ଲକ୍ଷ ଟଙ୍କାର ବ୍ୟାୟାମ ଉପକରଣ

**ରାଜଗାଙ୍ଗପୁର, ନ୍ୟୁଜ୍‌ବ୍ୟୁରୋ**

ଗୁହାଳ ପାଲଟିଛି ମୁକ୍ତାକାଶ ଜିମ୍। ଗାଈଗୋରୁ ବନ୍ଧା ହେଉଛନ୍ତି, ସବୁଆଡ଼େ ଗୋବର ଓ ଆବର୍ଜନା। ସରକାରଙ୍କର ମୁକ୍ତାକାଶ ଜିମ୍ ଯୋଜନା ଏଠାରେ ପ୍ରହସନ ପାଲଟିଛି। ଏଭଳି ଦୃଶ୍ୟ ଦେଖିବାକୁ ମିଳିଛି ସୁନ୍ଦରଗଡ଼ ଜିଲା ରାଜଗାଙ୍ଗପୁର ସହରରେ। ଲକ୍ଷ ଲକ୍ଷ ଟଙ୍କାର ଜିମ୍ ଉପକରଣ ଖତ ଖାଉଛି। ଅଥଚ ଯୋଜନା ଯାହାଙ୍କ ପାଇଁ ସେମାନେ ଏହାର ଲାଭ ପାଇପାରୁ ନାହାନ୍ତି। ଇତିମଧ୍ୟରେ ତିନି ବର୍ଷ ଅତିବାହିତ ହେଲାଣି। ବିଭାଗୀୟ ଅଧିକାରୀମାନଙ୍କର ନିଘା ନାହିଁ।



ସୂଚନା ଅନୁଯାୟୀ, ୨୦୨୨ ମସିହା ବିଜେଡି ସରକାରଙ୍କ ୫-ଟି ମୁକ୍ତାକାଶ ଯୋଜନାରେ ରାଜଗାଙ୍ଗପୁର ପୌରାଞ୍ଚଳର ପ୍ରାୟ ୧୦ଟି ୱାର୍ଡରେ, ୱାର୍ଡ ପିଛା ୬ରୁ ୭ ଲକ୍ଷ ଟଙ୍କା ବିନିମୟରେ ଏହି ମୁକ୍ତାକାଶ ଜିମ୍ ତିଆରି ହୋଇଥିଲା। ଏହି ଯୋଜନାରେ ୱାର୍ଡ ନମ୍ବର ୫ରେ ଥିବା କଲ୍ୟାଣ ମଣ୍ଡପ ପରିସରରେ ଏକ ମୁକ୍ତାକାଶ ଜିମ୍ ସ୍ଥାପନ କରାଯାଇଥିଲା। ମାତ୍ର ଏହା ଗୋରୁ ଗୁହାଳରେ ପରିବର୍ତ୍ତିତ ହୋଇଥିବା ଲକ୍ଷ୍ୟ କରାଯାଉଛି। ଲୋକେ ବ୍ୟାୟାମ କରିବା ପରିବର୍ତ୍ତେ ଗାଈ ଗୋରୁ ବନ୍ଧା ହେଉଥିବା ଦେଖିବାକୁ ମିଳିଛି। ଚାରି ଆଡ଼େ ଗୋବର ପର୍ଦ୍ଦ ରହିଛି, ଜିମ୍ ପରିବେଶ ଦୂଷିତ ହେଉଛି। ଫଳରେ ଜିମ୍ କାର୍ଯ୍ୟକାରୀ ହେଇ ପାରୁନାହିଁ। ଆଖପାଖ ଅଞ୍ଚଳବାସୀ ଜିମ୍‌ର ଲାଭ ଉଠାଇ ପାରୁନାହାନ୍ତି। ରାଜଗାଙ୍ଗପୁର ପୌରପାଳିକା ଶୀଘ୍ର ଏଥିପ୍ରତି ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି।

# ବୌଦ୍ଧରେ ଉତ୍ତରପ୍ରଦେଶ ଟ୍ରକ୍‌ରୁ ଗଞ୍ଜେଇ ଜବତ : ହୋମଗାର୍ଡ ସହିତ ୩ ଗିରଫ

**ବୌଦ୍ଧ, ନ୍ୟୁଜ୍‌ବ୍ୟୁରୋ**

ବୌଦ୍ଧ ବ୍ଲକ ବାଉଁଶୁଣି ଥାନା ପୁଲିସ ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ଖୋର୍ଦ୍ଧା-ବଲାଙ୍ଗୀର ୫୭ ନମ୍ବର ଜାତୀୟ ରାଜପଥର ବାଉଁଶୁଣି ଥାନା ବଜାର ଅଞ୍ଚଳର ଇଣ୍ଡିଆନ୍ ଅଏଲ୍ ପେଟ୍ରୋଲ ପମ୍ପ ନିକଟରେ ୟୁପି-୪୨-ଟି-୮୫୮୯ ନମ୍ବର ବିହୀନ ଏକ ଆଇଚର ଟ୍ରକକୁ ଅଟକାଇ ଥାନାକୁ ଆଣିଥିଲା। ଟ୍ରକ୍ ଭିତରୁ ଗଞ୍ଜେଇ ଭର୍ତ୍ତି ବସ୍ତା ପୁଲିସ ପାଇଥିଲା। ବେଆଇନ ଗଞ୍ଜେଇ କାରବାର ଅଭିଯୋଗରେ ସମ୍ପୃକ୍ତ ଗାଡ଼ିର ଡ୍ରାଇଭର ଦୈତାରି ମହାକୁଡ଼, (୪୦ ବର୍ଷ) ଏବଂ ରଞ୍ଜିତ କର୍ମୀ (୪୧ ବର୍ଷ) ଉଭୟ ମନମୁଣ୍ଡା ଥାନା ପଇରବନ୍ଧ ଗ୍ରାମର ଦୁଇ ଜଣଙ୍କୁ ପୁଲିସ ଗିରଫ କରିଥିଲା। ଜବତ ହୋଇଥିବା ଗଞ୍ଜେଇର ପରିମାଣ ୧୪୦ କେଜି ବୋଲି ପୁଲିସ ପ୍ରକାଶ କରିଛି। ଏଥିସହିତ ଗଞ୍ଜେଇ ଚାଲାଣରେ ସହଯୋଗ କରିଥିବା ଅଭିଯୋଗରେ ମନମୁଣ୍ଡା ଥାନାରେ କାର୍ଯ୍ୟରତ ହୋମଗାର୍ଡ ସମାରୁ ସେଠୀକୁ ମଧ୍ୟ ପୁଲିସ ଗିରଫ କରିଥିଲା। ଏନେଇ ବାଉଁଶୁଣି ଥାନାରେ କେସ ନଂ ୭୦/୨୫ ରେ ଏକ ମାମଲା ରୁଜୁ କରାଯାଇ ସମସ୍ତ ୩ ଜଣ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି ବୋଲି ବୌଦ୍ଧ ଏସ୍‌ଡ଼ିପିଓ ଲରେନ ରାଉତରାୟ ବାଉଁଶୁଣି ଥାନାରେ ଏକ ସାମ୍ବାଦିକ ସମ୍ମିଳନୀରେ ପ୍ରକାଶ କରିଛନ୍ତି।



# ସ୍କୁଲ୍ ଭ୍ୟାନ୍ ଓଲଟି ୬ ଆହତ



**ଭବାନୀପାଟଣା, ନ୍ୟୁଜ୍‌ବ୍ୟୁରୋ**

ଜୟପାଟଣା ଥାନା ପାଇକକେନ୍ଦୁ ମୁଣ୍ଡିରେ ଏକ ସ୍କୁଲ୍ ଭ୍ୟାନ ଓଲଟି ପଡ଼ିବାରୁ ୬ ଜଣ ଛାତ୍ରଛାତ୍ରୀ ଆହତ ହେଇଛନ୍ତି। ଦୁଇ ଗୁରୁତରଙ୍କୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ଭେଙ୍କଟେଶ୍ୱର ଇଂଲିଶ ମିଡିୟମ ପବ୍ଲିକ ସ୍କୁଲର ୧୨ ଜଣ ଛାତ୍ରଛାତ୍ରୀଙ୍କୁ ନେଇ ଭ୍ୟାନ୍‌ଟି ମୁଖିଗୁଡ଼ା ଯାଉଥିଲା। ରାସ୍ତାରେ ଭାରସାମ୍ୟ ହରାଇ ଭ୍ୟାନଟି ଏକ ବିଲ ଭିତରକୁ ଓଲଟି ପଡ଼ିଥିଲା। ଖବରପାଇ ଅଗ୍ନିଶମ କର୍ମଚାରୀ ପିଲାଙ୍କୁ ଉଦ୍ଧାର କରିଥିଲେ। ଦୁର୍ଘଟଣାରେ ୬ ଆହତ ହେଇଥିବା ବେଳେ ଜଣେ ଛାତ୍ରୀ ସମେତ ଦୁଇଜଣଙ୍କୁ ଗୁରୁତର ଅବସ୍ଥାରେ ଜିଲ୍ଲା ମୁଖ୍ୟ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି।

# ମା' ବରୁଣାଈଙ୍କ ମନ୍ଦିରରୁ ସୁନା ଅଳଙ୍କାର ସହ ଦାନ ଟଙ୍କା ଲୁଟିନେଲେ ଦୁର୍ବୃତ୍ତ

**ଭଦ୍ରକ, ନ୍ୟୁଜ୍‌ବ୍ୟୁରୋ**

ଭଦ୍ରକ ଜିଲ୍ଲା ଧୁଷୁରି ଥାନା ଅଧୀନ ବରୁଣେଇ ମନ୍ଦିରରୁ ଲୁଟ୍ ହୋଇଛି। ସୁନା ଅଳଙ୍କାର ସହ ହୁଣ୍ଡି ଭାଙ୍ଗି ଟଙ୍କା ଲୁଟି ନେଇଛନ୍ତି ଦୁର୍ବୃତ୍ତ। ସୂଚନା ଅନୁଯାୟୀ ବୁଧବାର ରାତିରେ ପୂଜକ ମାଆଙ୍କର ସନ୍ଧ୍ୟା ଆଳତୀ କରିବା ପରେ ଘରକୁ ଯାଇଥିଲେ। ବିଳମ୍ବିତ ରାତିରେ କିଛି ଦୁର୍ବୃତ୍ତ କେହି ନଥିବାର ସୁଯୋଗ ନେଇ ମନ୍ଦିର ତାଲା ହାଣ୍ଡି ମାଆଙ୍କର ସୁନା ଅଳଙ୍କାର ଲୁଟି ନେଇଥିଲେ। ମାଆଙ୍କର ସୁନା ମୁକୁଟ, ସୁନା ହାର, ଆଖି ଏବଂ ହୁଣ୍ଡି ଭାଙ୍ଗି ଦାନ ଟଙ୍କା ଲୁଟି ନେଇ ଚମ୍ପଟ ମାରିଥିଲେ। ଗୁରୁବାର ସକାଳୁ ପୂଜକ ମନ୍ଦିର ଗେଟ୍ ତାଲା ଭଙ୍ଗା ଯାଇ ଚୋରି ହୋଇଥିବା ଦେଖି ପୁଲିସକୁ ଖବର ଦେଇଥିଲେ। ପୁଲିସ୍ ଘଟଣାରେ ଅଧିକ ତଦନ୍ତ ଜାରି ରଖିଛି।



# ସଟ୍‌ସର୍କିଟରୁ ଅଗ୍ନିକାଣ୍ଡ : ଜଣେ ଆହତ

**ଭଞ୍ଜନଗର, ନ୍ୟୁଜ୍‌ବ୍ୟୁରୋ**

ଭଞ୍ଜନଗର ଥାନା ଅନ୍ତର୍ଗତ ତୁରୁମୁ ପଞ୍ଚାୟତର ଜଡାହାଟୁଣିର ବିଜୟ ଚନ୍ଦ୍ର ପାଢ଼ୀଙ୍କ ଘରେ ଅଗ୍ନିକାଣ୍ଡ ଘଟିଛି। ସଟସର୍କିଟରୁ ଅଗ୍ନିକାଣ୍ଡ ଘଟିଥିବା ଆଶଙ୍କା କରାଯାଉଛି। ଅଗ୍ନିକାଣ୍ଡରେ ଆସବାପତ୍ର, ସୁନା ଅଳଙ୍କାର, ଟଙ୍କା ଏବଂ ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ପୋଡ଼ି ପାଉଁଶ ହୋଇଯାଇଛି। ନିଆଁକୁ ଲିଭାଇବାକୁ ଯାଇ ବିଜୟଙ୍କ ପୁଅ ଚିତ୍ତରଞ୍ଜନ ଆହତ ହୋଇଛନ୍ତି। ଘଟଣାରୁ ପ୍ରକାଶ ଯେ, ଦଣ୍ଡଯାତ୍ରାର ଆଳତୀ ଦେଖିବାକୁ ଘର ଲୋକେ ସମସ୍ତେ ବାହାରକୁ ଯାଇଥିଲେ। ଏହି ସମୟରେ ବିଜୟଙ୍କ ଘରୁ ଧୂଆଁ ବାହାରୁଥିବା ଲୋକେ ଦେଖି ବିଜୟଙ୍କୁ ସୂଚନା ଦେଇଥିଲେ। ବିଜୟ ଘରକୁ ଫେରି ଦେଖିବା ବେଳକୁ ସମସ୍ତ ସାମଗ୍ରୀ ପୋଡ଼ି ପାଉଁଶ ହୋଇଯାଇଥିଲା। ଖବର ପାଇ ଭଞ୍ଜନଗର ଅଗ୍ନିଶମ କର୍ମଚାରୀମାନେ ପହଞ୍ଚି ନିଆଁ ଆୟତ୍ତ କରିଥିଲେ।

# ଆଧାର କାର୍ଡ ସାଜିଛି ବାଧକ : ସରକାରୀ ଯୋଜନାରୁ ବଞ୍ଚିତ ଯାଜ୍ଞସେନୀ

**ମୁଖୀଗୁଡ଼ା, ନ୍ୟୁଜ୍‌ବ୍ୟୁରୋ**

ଆଧାର କାର୍ଡ ନଥିବା ଯୋଗୁଁ ଯାଜ୍ଞସେନୀଙ୍କ ପାଇଁ ସବୁ ଯୋଜନା ଅଧାରେ ରହିଯାଇଛି। ସାମାନ୍ୟ ଆଧାର କାର୍ଡଟିଏ ପାଇଁ ବାର ଦୁଆର ହେବା ପରେ ମଧ କାର୍ଡ ହୋଇପାରୁନାହିଁ। ଯାହା ଫଳରେ ଖାଦ୍ୟ ସୁରକ୍ଷା ଯୋଜନାଠାରୁ ଆରମ୍ଭ କରି ଆବାସ, ଭିନ୍ନକ୍ଷମ ଭତ୍ତା ଭଳି କୌଣସି ଯୋଜନାର ଲାଭପାଇପାରୁ ନାହାନ୍ତି ଜୟପାଟଣା ୯ନମ୍ବର ୱାର୍ଡ ବାସିନ୍ଦା ଯାଜ୍ଞସେନୀ ପରିଛା। ଯାଜ୍ଞସେନୀଙ୍କ ବୟସ ୫୩। ମାଟ୍ରିକ ଯାଏଁ ପାଠ ପଢିବା ପରେ ତାଙ୍କ ମାନସିକ ବିକୃତି ଘଟିଲା। ବିଭିନ୍ନ ପ୍ରକାର ଚିକିତ୍ସା ପରେ ମଧ କୌଣସି ସୁଫଳ ମିଳିଲା ନାହିଁ। ଅବିବାହିତ ଯାଜ୍ଞସେନୀ ବାପା, ମା'ଙ୍କ ମୃତ୍ୟୁ ପରେ ଏବେ ଭାଇ ଓ ଭାଉଜ ଭରସାରେ ରହିଥିବା ବେଳେ ସରକାରୀ ସହାୟତା ନପାଇ ଦୁର୍ବିସହ ଜୀବନ କାଟୁଛନ୍ତି। ସବୁ ଯୋଜନା ଅଛି କିନ୍ତୁ ତାଙ୍କ



ପାଖରେ ଆଧାର କାର୍ଡଟିଏ ନଥିବା ଯୋଗୁଁ ସବୁ ଯୋଜନା ଯେପରି ତାଙ୍କ ପାଇଁ ହୋଇନାହିଁ। ଏ ନେଇ ଅନେକ ଥର ସ୍ଥାନୀୟ ପ୍ରଶାସନ ନିକଟରେ ଗୁହାରି କରିଥିଲେ ସୁଦ୍ଧା ଆଧାର କାର୍ଡ ନଥିବା ଦର୍ଶାଇ ଅଧିକାରୀମାନେ କୌଣସି ଯୋଜନାରେ ସାମିଲ କରି ପାରୁନାହାନ୍ତି। ଯାଜ୍ଞସେନୀଙ୍କ ପରିବାର କହିଲେ ଭାଇ ଓ ଭାଉଜ। ଭାଇ ଏକ ଛୋଟ ପାନ ଦୋକାନ କରି ପରିବାର ପ୍ରତିପୋଷଣ କରନ୍ତି। ଯାହା ରୋଜଗାର କରନ୍ତି ତାଙ୍କ ପରିବାରକୁ ମଧ ନିଅଣ୍ଟ। ମାନସିକ ବିକୃତ ଯାଜ୍ଞସେନୀ ଦୁଇ ଓଳି ଦୁଇ ମୁଠା ଦେବାକୁ ମଧ କଷ୍ଟକର ହେଉଛି। ଯାଜ୍ଞସେନୀଙ୍କ ରାସନ କାର୍ଡ ତଥା ଭତ୍ତାଟିଏ ପାଇଁ ସେ ବି ଅନେକ ଥର ଚେଷ୍ଟା କରିଛନ୍ତି କିନ୍ତୁ ହୋଇ ପାରୁନାହିଁ। ସବୁଠି ସେଇ ଆଧାର କାର୍ଡ ହିଁ ବାଧକ। ଏବେ ଯାଜ୍ଞସେନୀଙ୍କୁ ଭଲ ଭାବରେ ଦେଖାଯାଉନାହିଁ। ଆର୍ଥିକ ଅବସ୍ଥା ଠିକ ନଥିବାରୁ ତାଙ୍କର ଆଖିର ଚିକିତ୍ସା ମଧ ହୋଇପାରୁ ନାହିଁ। ସରକାରୀ ସ୍ତରରେ କିଛି ସୁବିଧା ମିଳିବ ସେ ଚିନ୍ତାରେ ପୂରା ପରିବାର ରହିଛନ୍ତି। ଏ ଦିଗରେ ଜିଲ୍ଲା ପ୍ରଶାସନ ଯାଜ୍ଞସେନୀଙ୍କୁ ସରକାରୀ ସହାୟତା ଯୋଗାଇଦେବାକୁ ଦାବି ହୋଇଛି।

## ଘର ଆଗରେ ବଜ୍ରପାତ

# ପୁଅର ଆଖି ଆଗରେ ମା'ଙ୍କ ମୃତ୍ୟୁ

**ମାଲକାନଗିରି, ନ୍ୟୁଜ୍‌ବ୍ୟୁରୋ**

ମାଲକାନଗିରି ଜିଲ୍ଲାରେ ଘଡ଼ଘଡ଼ି ସହ ପ୍ରବଳ ବର୍ଷା ହୋଇଥିଲା। ମାଥିଲି ବ୍ଲକର ସାଲିମି ପଞ୍ଚାୟତର କଂସାରିପୁଟ ଗ୍ରାମରେ ବଜ୍ରାଘାତରେ ଜଣକର ମୃତ୍ୟୁ ହୋଇଥିବା ବେଳେ ଜଣେ ଗୁରୁତର ଆହତ ହୋଇଛନ୍ତି। ଗୁରୁବାର ସନ୍ଧ୍ୟାରେ ହଠାତ ପ୍ରବଳ ପବନ ବହିବା ସହ ଘଡ଼ଘଡ଼ି ମାରିଥିଲା। କଂସାରିପୁଟ ଗ୍ରାମର ଅଜୟ ନାୟକଙ୍କ ପତ୍ନୀ ଛବି ନାୟକ ବାହାରେ ଛିଡ଼ା ହୋଇଥିଲେ ଏବଂ ପୁଅ ଚନ୍ଦନ ନାୟକ ବାହାର ପିଣ୍ଡାରେ ଶୋଇଥିଲା।

ସୂଚନା ଅନୁସାରେ ଗୁରୁବାର ସନ୍ଧ୍ୟାରେ ହଠାତ ପ୍ରବଳ ପବନ ବହିବା ସହ ଘଡଘଡି ମାରିଥିଲା। କଂସାରିପୁଟ ଗ୍ରାମର ଅଜୟ ନାୟକଙ୍କ ପତ୍ନୀ ଛବି ନାୟକ(୪୦) ବାହାରେ ଛିଡ଼ା ହୋଇଥିଲେ ଏବଂ ପୁଅ ଚନ୍ଦନ ନାୟକ(୧୭) ବାହାର ପିଣ୍ଡାରେ ଶୋଇଥିଲା। ଅଚାନକ ବିଜୁଳି ମାରିବା ସହ ଛବିଙ୍କ ଉପରେ ବଜ୍ରାଘାତ ହୋଇଥିଲା। ଫଳରେ ଘଟଣା ସ୍ଥଳରେ ହିଁ ଛବିଙ୍କର ମୃତ୍ୟୁ ହୋଇଥିବା ବେଳେ ପୁଅ ଚନ୍ଦନ ଗୁରୁତର ଆହତ ହୋଇଥିଲେ। ତୁରନ୍ତ ମା' ଓ ପୁଅଙ୍କୁ ମାଥିଲି ମେଡ଼ିକାଲ ନିଆଯାଇଥିଲା। କିନ୍ତୁ ଛବିଙ୍କର ମୃତ୍ୟୁ ହୋଇଥିବା ଡାକ୍ତର ପ୍ରକାଶ କରିବା ସହ ଚନ୍ଦନର ଚିକିତ୍ସା ପରେ ବିପଦମୁକ୍ତ ଥିବା କୁହାଯାଇଛି।

31 YEARS
ସମ୍ବାଦ କଳିକା
ଭୁବନେଶ୍ୱର, ୧୫ ଅପ୍ରେଲ ୨୦୨୫ ମଙ୍ଗଳବାର





## ଶିମିଳିପାଳରେ କଳା ମହାବଳଙ୍କୁ ଘଉଡ଼ାଉଛନ୍ତି ଗ୍ରାମବାସୀ

**ବାରିପଦା, ନ୍ୟୁଜ୍ ବ୍ୟୁରୋ**

ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ (ଏସ୍‌ଟିଆର୍) ପ୍ରକଳ୍ପର ବଫର୍ ଜୋନ୍‌ରେ ଏକ କଳା ମହାବଳ ବାଘ ବୁଲିବା ଏବଂ ଗ୍ରାମବାସୀ ତାକୁ ଘଉଡ଼ାଇବାର ଭିଡିଓ ଏବେ ସୋସିଆଲ୍ ମିଡିଆରେ ଭାଇରାଲ୍ ହେବାରେ ଲାଗିଛି । ଏସ୍‌ଟିଆର୍ ପ୍ରକଳ୍ପ ଦକ୍ଷିଣ ବନଖଣ୍ଡ ଅଧୀନ ଚାକିଡି ଓ ତାଳବନ୍ଧ ବନାଞ୍ଚଳ ଏବଂ ବାରିପଦା ବନଖଣ୍ଡ ବାଙ୍ଗିରିପୋଷି ବନାଞ୍ଚଳଅଧୀନ ବ୍ରାହ୍ମଣଗାଁ ଅଞ୍ଚଳରେ ଏହି ବାଘ ବୁଲୁଥିବା କୁହାଯାଉଛି। ବାଘକୁ ନେଇ ଜଙ୍ଗଲ ସଂଲଗ୍ନ ଗ୍ରାମବାସୀ ଭୟଭୀତ ରହିଛନ୍ତି। ଏପରିକି, ଜଙ୍ଗଲକୁ ଯାଇଥିବା ଜଣେ ଗାଈଚରାଳି ୩ ଦିନ ଧରି ନିଖୋଜ ରହିଥିବା ଘଟଣାକୁ ଏହା ସହ ଯୋଡ଼ାଯାଉଥିବାରୁ ସ୍ଥାନୀୟ ଲୋକେ ଆତଙ୍କିତ ଅବସ୍ଥାରେ ରହିଛନ୍ତି। ନିଖୋଜ ବ୍ୟକ୍ତି ଜଣଙ୍କ ହେଲେ ବାଙ୍ଗିରିପୋଷି ଥାନା ଅଧୀନ ବ୍ରାହ୍ମଣଗାଁ ପଞ୍ଚାୟତ ଘାଟକୁଆଁରୀ ଗ୍ରାମର ରାମ ହେମ୍ବ୍ରମ । ତାଙ୍କ ପୁଅ ଦୁଃଖ୍ୟା, ବାପା ୩ ଦିନ ତଳେ ଜଙ୍ଗଲକୁ ଗୋରୁ ଖୋଜିବାକୁ ଯାଇ ଫେରିନାହାନ୍ତି ବୋଲି ଥାନାରେ ଅଭିଯୋଗ କରିଛନ୍ତି । ଏ ସମ୍ପର୍କରେ ଦକ୍ଷିଣ ବନଖଣ୍ଡ ଉପନିର୍ଦ୍ଦେଶକ ସମ୍ରାଟ ଗୌଡ଼ା କହିଛନ୍ତି ଯେ ଭାଇରାଲ୍ ଭିଡିଓଟି ୧୫ ଦିନ ପୂର୍ବର। ଏହାକୁ ଗୁରୁତ୍ୱର ସହ ନେଇ ଏସ୍‌ଟିଆର୍ ପ୍ରକଳ୍ପ ଉତ୍ତର ଓ ଦକ୍ଷିଣ ଏବଂ ବାରିପଦା ଖଣ୍ଡ କର୍ମଚାରୀମାନଙ୍କୁ ନେଇ ଏକ ଟିମ୍ ଗଠନ କରାଯାଇ ଘଟଣାର ତଦନ୍ତ କରାଯାଉଛି । ତେବେ ଜଙ୍ଗଲରେ ଗାଈ ଚରାଳି ନିଖୋଜ ଘଟଣାକୁ ସେ ଖଣ୍ଡନ କରିଛନ୍ତି । ଏହା ଏକ ଅପପ୍ରଚାର ବୋଲି ସେ କହିଛନ୍ତି ।

# ରେଳଷ୍ଟେସନ୍‌ରେ ପାର୍କିଂ ଯନ୍ତ୍ରଣା: ଶୋଷଣ କରୁଛନ୍ତି ଘରୋଇ ସଂସ୍ଥା

**ବ୍ରହ୍ମପୁର, ନ୍ୟୁଜ୍ ବ୍ୟୁରୋ**




ରେଳଷ୍ଟେସନ୍ ପରିସରରେ ଗାଡ଼ି ରଖିଲେ ଜରିମାନା । ଅପରପକ୍ଷରେ ଦେୟ ପ୍ରଦାନ କରି ପାର୍କିଂରେ ରଖିବା ପରେ ମଧ୍ୟ ଗାଡ଼ି ଅସୁରକ୍ଷିତ ଅବସ୍ଥାରେ ରହୁଥିବା ଅଭିଯୋଗ କରିଛନ୍ତି ଯାତ୍ରୀ। ପାର୍କିଂ ବାବଦ ଫି’ ଦେବା ପରେ ମିଳୁଥିବା ସେବା ଓ ଦୁର୍ବ୍ୟବହାରକୁ ନେଇ ଯାତ୍ରୀ ଅସନ୍ତୋଷ ପ୍ରକାଶ କରିଛନ୍ତି। ଗାଡ଼ି ପାର୍କିଂ ପାଇଁ ଅନ୍ୟ କୌଣସି ଉପାୟ ନଥିବା କାରଣରୁ ଶୋଷଣର ଶିକାର ହେଉଥିବା ଅଭିଯୋଗ ହୋଇଛି। ଦକ୍ଷିଣ ଓଡ଼ିଶାର ପ୍ରମୁଖ ବ୍ରହ୍ମପୁର ରେଳଷ୍ଟେସନ୍‌ର ପ୍ରବେଶ ଦ୍ୱାର ଉନ୍ନତିକରଣ କାର୍ଯ୍ୟ ଚାଲୁ ରହିଛି। ଷ୍ଟେସନ୍‌କୁ ନିୟମିତ ଆସୁଥିବା ଯାତ୍ରୀଙ୍କୁ ଘାରିଛି ପାର୍କିଂ ଚିନ୍ତା। ଟ୍ରାଫିକ୍ କାରଣରୁ ଷ୍ଟେସନ୍ ପରିସରରେ ଯାନବାହାନ ପ୍ରବେଶ ନିଷେଧ ଠାରୁ ଆରମ୍ଭ କରି ଗାଡ଼ି ରଖିବା ନିଷେଧ ବୋଲି ହୋର୍ଡିଂ ଲାଗିଛି। ଭୁଲ୍‌ବଶତଃ ଗାଡ଼ି ରଖିଲେ ରେଳବାଇ ପୋଲିସ ଆସି ଫାଇନ୍ କାଟୁଛି । ଅନ୍ୟପକ୍ଷେ ସୁରକ୍ଷା ଦୃଷ୍ଟିକୋଣରୁ ଗାଡ଼ିକୁ ପାର୍କିଂରେ ରଖୁଥିବା ଯାତ୍ରୀ ଘରୋଇ ସଂସ୍ଥାର ଶୋଷଣର ଶିକାର ହେଉଛନ୍ତି। ପାର୍କିଂ ବେଳେ ଭଲ ଅବସ୍ଥାରେ ରଖିଥିବା ଗାଡ଼ି ଅନେକ ସମୟରେ ଭାଙ୍ଗିରୁଜି ଯାଉଥିବା ସହ ଗାଡ଼ିରୁ ପେଟ୍ରୋଲ୍ ଚୋରି ହେଉଥିବା ଅଭିଯୋଗ ହେଉଛି। ଗାଡ଼ି ପାର୍କିଂ ଯନ୍ତ୍ରଣାଦାୟକ ହୋଇପଡ଼ିଛି । ବ୍ରହ୍ମପୁର ରେଳଷ୍ଟେସନ୍‌ର ୪ନଂ ପ୍ଲାଟଫର୍ମ ଓ ଆର୍‌ଏମ୍‌ଏସ୍ କାର୍ଯ୍ୟାଳୟ ନିକଟରେ ଦୁଇଟି ପାର୍କିଂ ବ୍ୟବସ୍ଥା ରହିଛି । ଏକ ଘରୋଇ ସଂସ୍ଥା ପକ୍ଷରୁ ଏହା ପରିଚାଳନା ହେଉଛି। ପ୍ରତିଦିନ ଏହି ଦୁଇଟି ସ୍ଥାନରେ ହାରାହାରି ୭ଶହରୁ ଅଧିକ ଗାଡ଼ି ପାର୍କିଂ କରୁଛି। ତେବେ ପର୍ଯ୍ୟାପ୍ତ ସ୍ଥାନ ଅଭାବରୁ ଗାଡ଼ିଗୁଡ଼ିକ ଅସୁରକ୍ଷିତ ଭାବେ ଏଣେତେଣେ ରଖୁଛନ୍ତି । ଘଣ୍ଟାପିଛା ଟଙ୍କା ନେଉଥିବା ଏହି ସଂସ୍ଥା ପାର୍କିଂ ଗାଡ଼ିଗୁଡ଼ିକର ସୁରକ୍ଷା ପ୍ରତି ଗୁରୁତ୍ୱ ଦେଉନଥିବା ଅଭିଯୋଗ ହୋଇଛି । ପାର୍କିଂ ପାଇଁ ବୀମା କରାଯାଇଥିବା ଗାଡ଼ି ରଖିବାକୁ ଚିଠାରେ ଲେଖାଯାଇଥିବା ସହ ଗାଡ଼ି ନଷ୍ଟ କିମ୍ବା ଦାଗ ହେଲେ ସଂସ୍ଥା ଦାୟୀ ନୁହେଁ ବୋଲି ସ୍ପଷ୍ଟ ଲେଖାହୋଇଛି । ସ୍ଥାନ ଅଭାବରୁ ଅନେକ ଗାଡ଼ି ପରିସର ବାହାରେ ରହୁଛି । ଚିଠାରେ କେବଳ ଗାଡ଼ିର ଶେଷ ଚାରିନମ୍ବର ରହୁଛି ଫଳରେ ଅଲଗା ସିରିଜର ଗାଡ଼ି ମାଲିକ ଗାଡ଼ି ନେବା ବେଳେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ରେଳବିଭାଗ ପକ୍ଷରୁ ଗାଡ଼ି ପାର୍କିଂ ପାଇଁ ଟେଣ୍ଡର ପ୍ରଦାନ କରାଯାଇଥିବା ବେଳେ ରେଳ କର୍ତ୍ତୃପକ୍ଷ କିନ୍ତୁ ଏଥିରେ ମୁଣ୍ଡ ପୁରାଉ ନାହାନ୍ତି । ରେଳ ବିଭାଗ କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟି ଦେବାକୁ ମତପ୍ରକାଶ ପାଇଛି ।



## ପୂର୍ବତନ ବିଧାୟକଙ୍କୁ ଆକ୍ରମଣ

**ଧର୍ମଶାଳା, ନ୍ୟୁଜ୍ ବ୍ୟୁରୋ**

ଧର୍ମଶାଳା ଥାନା ଅନ୍ତର୍ଗତ ଆରୁହା ଠାରେ ହେଉଥିବା ହିଙ୍ଗୁଳା ଯଜ୍ଞ ଉତ୍ସବକୁ ପୂର୍ବତନ ବିଧାୟକ ପ୍ରଣବକୁମାର ବଳବନ୍ତରାୟ ଯିବା ସମୟରେ ସ୍ଥାନୀୟ ବିଧାୟକ ହିମାଂଶୁ ଶେଖର ସାହୁଙ୍କ ସମର୍ଥକମାନେ ବିରୋଧ କରିଥିଲେ। ତାଙ୍କ ଗାଡ଼ି ଉପରକୁ ଠେଙ୍ଗା ମାଡ଼ କରିଥିଲେ। ଉଭୟ ସମର୍ଥକଙ୍କ ମଧ୍ୟରେ ଗଣ୍ଡଗୋଳ ହୋଇ ସେଠାରେ ପ୍ରବଳ ଉତ୍ତେଜନା ପ୍ରକାଶ ପାଇଥିଲା। ପୋଲିସ ଉପସ୍ଥିତିରେ ଏସବୁ ଚାଲିଥିବା ବେଳେ ପୋଲିସ ନୀରବ ଦ୍ରଷ୍ଟା ସାଜିଥିବା ଅଭିଯୋଗ ହୋଇଛି। ବିରୋଧ ସତ୍ତ୍ୱେ ପୂର୍ବତନ ବିଧାୟକ ପ୍ରଣବ ବଳବନ୍ତରାୟ ହିଙ୍ଗୁଳା ପୀଠ ଯାଇ ମା’ ହିଙ୍ଗୁଳାଙ୍କୁ ଦର୍ଶନ କରିଛନ୍ତି। ଧର୍ମଶାଳା ନିର୍ବାଚନ ମଣ୍ଡଳୀରେ କ୍ରମଶଃ ରାଜନୈତିକ ହିଂସା ବୃଦ୍ଧି ପାଉଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଉଛି।

## ବାଣବିସ୍ଫୋରଣରେ ୮ ମୃତ, ୭ ଗୁରୁତର



**ହାଇଦ୍ରାବାଦ, ନ୍ୟୁଜ୍ ବ୍ୟୁରୋ**

ଆନ୍ଧ୍ରପ୍ରଦେଶର ଆନାକାପାଲ୍ଲେ ଜିଲ୍ଲା ଅନ୍ତର୍ଗତ କୈଳାସପାଟନମ୍ ଗ୍ରାମରେ ଥିବା ଏକ ବାଣ କାରଖାନାରେ ରବିବାର ଅପରାହ୍ନରେ ବିସ୍ଫୋରଣ ଘଟିଛି । ଏଥିରେ ୮ ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ଅନ୍ୟ ୭ ଜଣ ଗୁରୁତର ଆହତ ହୋଇଛନ୍ତି। ଆନ୍ଧ୍ର ପ୍ରଦେଶର ମୁଖ୍ୟମନ୍ତ୍ରୀ ଏନ ଚନ୍ଦ୍ରବାବୁ ନାଇଡୁ ଆନାକାପାଲି ଜିଲ୍ଲାର କୋଟାଭୁରୁଟଲାରେ ଏକ ବାଣ ତିଆରି ୟୁନିଟ୍‌ରେ ବିସ୍ଫୋରଣରେ ୮ ଜଣ ଶ୍ରମିକଙ୍କ ମୃତ୍ୟୁ ଉପରେ ଶୋକ ପ୍ରକାଶ କରିଛନ୍ତି। ଘଟଣା ବିଷୟରେ ସୂଚନା ସଂଗ୍ରହ କରିବା ପାଇଁ ମୁଖ୍ୟମନ୍ତ୍ରୀ ଜିଲ୍ଲା କଲେକ୍ଟର, ପୋଲିସ ଅଧିକ୍ଷକ ଏବଂ ରାଜ୍ୟ ଗୃହମନ୍ତ୍ରୀ ଅନିତାଙ୍କ ସହ ଫୋନ୍‌ରେ କଥା ହୋଇଥିଲେ। ଆହତମାନଙ୍କୁ ଚିକିତ୍ସା ସେବା ଯୋଗାଇବା ନିଶ୍ଚିତ କରିବାକୁ ସେ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ସେ ପୀଡ଼ିତ ପରିବାରକୁ ସରକାର ସମର୍ଥନ କରିବେ ବୋଲି ଆଶ୍ୱାସନା ଦେଇଥିଲେ ଏବଂ ସେମାନଙ୍କୁ ଦୃଢ଼ ରହିବାକୁ ଅନୁରୋଧ କରିଥିଲେ। ଘଟଣାର ପୁଙ୍ଖାନୁପୁଙ୍ଖ ତଦନ୍ତ କରି ତାଙ୍କୁ ଏକ ରିପୋର୍ଟ ପ୍ରଦାନ କରିବାକୁ ସେ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ଆହତ ଶ୍ରମିକଙ୍କ ମଧ୍ୟରୁ ଦୁଇ ଜଣଙ୍କ ଅବସ୍ଥା ଗୁରୁତର ଥିବା ଅଧିକାରୀମାନେ ମୁଖ୍ୟମନ୍ତ୍ରୀଙ୍କୁ ଜଣାଇଥିଲେ।

## ଅସୁରକ୍ଷିତ ବଲାଙ୍ଗୀର ସହର: ପୁଣି ଗଡ଼ିଲା ମୁଣ୍ଡ

**ବଲାଙ୍ଗୀର, ନ୍ୟୁଜ୍ ବ୍ୟୁରୋ**

ବଲାଙ୍ଗୀର ସହର ଅସୁରକ୍ଷିତ ହୋଇପଡ଼ିଛି। ପୁଣି ଏକ ମୁଣ୍ଡ ଗଡ଼ିଛି। ଶନିବାର ତିମିନିଭାଟି ପଡ଼ାରେ ଜଣକୁ ଟାଙ୍ଗିଆରେ ହାଣି ହତ୍ୟା କରାଯାଇଥିଲା। ପୋଲିସ ଉକ୍ତ ମାମଲାରେ ତଦାରଖ କରୁଥିବାବେଳେ ରବିବାର ସନ୍ଧ୍ୟାରେ ଭୁଟାଲିରେ ଆକ୍ରମଣ କରି ଜଣେ ଦୋକାନୀଙ୍କୁ ହତ୍ୟା କରାଯାଇଛି। ମୃତକ ଜଣକ ହେଲେ ବିଷ୍ଣୁମୁଣ୍ଡା ଅଞ୍ଚଳର ମନୋଜ ନାଏକ। ସେ ଭୁଟାଲିରେ ପାନ ଦୋକାନ ଖୋଲିଥିଲେ। ଠିକା କାମ ମଧ୍ୟ କରୁଥିଲେ। ଘର ପାଖ ମୁଖ୍ୟରାସ୍ତା ଉପରେ ଏକ କଲ୍‌ଭର୍ଟ ପାଖରେ ସେ ଏକୁଟିଆ ବସିଥିଲେ। ପାଖରେ ଥିବା ଷ୍ଟ୍ରିଟ୍ ଲାଇଟ୍ ଜଳୁନଥିଲା। ଏହାର ସୁଯୋଗ ନେଇ ତାଙ୍କୁ ପଛପଟୁ ଦୁର୍ବୃତ୍ତ ଆକ୍ରମଣ କରିଥିଲେ। ଭୁଜାଲି ଏବଂ ଲୁହାଛଡ଼ରେ ତାଙ୍କୁ ଆକ୍ରମଣ ହୋଇଥିଲା। ଗୁରୁତର ଅବସ୍ଥାରେ ମନୋଜଙ୍କୁ ଭୀମ ଭୋଇ ମେଡିକାଲ୍ ଅଣାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ଏହି ହତ୍ୟାକାଣ୍ଡ ଘଟିଥିବା ଅନୁମାନ କରାଯାଉଛି। ପୋଲିସ ଘଟଣାସ୍ଥଳରେ ପହଞ୍ଚି ଛାନ୍‌ଭିନ୍ କରିଥିଲେ ହେଁ କିଛି ସଫଳତା ପାଇନାହିଁ। ତେବେ ସହରରେ ତିନି ଦିନରେ ୩ଟି ହତ୍ୟାକାଣ୍ଡ ଘଟିବା ପୋଲିସର ପାରିବାପଣିଆ ପଦାରେ ପକାଇ ଦେଇଛି।

## ସିମ୍ ବକ୍ସ ଜବତ ଘଟଣା: ବାଂଲାଦେଶୀ ଅଭିଯୁକ୍ତଙ୍କୁ ଧରିବା ପାଇଁ ଇଣ୍ଟରପୋଲର ସହାୟତା ନେଲା ପୋଲିସ

**ଭୁବନେଶ୍ୱର, ନ୍ୟୁଜ୍ ବ୍ୟୁରୋ**

ରାଜଧାନୀରୁ ସିମ୍ ବକ୍ସ ଜବତ ଘଟଣାରେ ଲକ୍ଷ୍ମୀସାଗର ଥାନା ପୋଲିସ ପ୍ରାଥମିକ ଚାର୍ଜସିଟ୍ ଦାଖଲ କରିଛି। ୨ ଶହ ପୃଷ୍ଠାର ଏହି ଚାର୍ଜସିଟ୍ ପୋଲିସ ଦାଖଲ କରିଛି । ମାମଲାର ତଦନ୍ତ କରୁଥିବା ଏସିପି କୋର୍ଟରେ ଦାଖଲ କରିଛନ୍ତି। ଏହି ମାମଲାରେ ସମ୍ପୃକ୍ତ ଥିବା ମାଷ୍ଟରମାଇଣ୍ଡ ବାଂଲାଦେଶରେ ଥିବାରୁ ତାଙ୍କୁ ଗିରଫ କରାଯାଇନାହିଁ । ତେଣୁ ମାମଲାର ତଦନ୍ତ ଚାଲୁଥିବାରୁ ପୋଲିସ ଶେଷରେ ଫାଇନାଲ୍ ଚାର୍ଜସିଟ୍ ଦାଖଲ କରିବ । ଏଥିସହ ବାଂଲାଦେଶରେ ଥିବା ମାଷ୍ଟରମାଇଣ୍ଡକୁ ଧରିବାକୁ କମିଶନରେଟ୍ ପୋଲିସ ଇଣ୍ଟରପୋଲର ସହାୟତା ନେଇଛି । ତେଣୁ ବାଂଲାଦେଶରେ ସ୍ଥିତି ଭଲ ନ ଥିବାରୁ ପୋଲିସ ଯାଇ ନ ପାରି ଇଣ୍ଟରପୋଲର ସହାୟତା ନେଇଛି । ପୋଲିସ ତାର ଚାର୍ଜସିଟ୍‌ରେ ଉଲ୍ଲେଖ କରିଛି ଯେ, କେଉଁଠୁ ସବୁ ସିମ୍ ବକ୍ସ ଜବତ ହୋଇଛି। ଏହା ପଛରେ କିଏ କିଏ ସମ୍ପୃକ୍ତ ଅଛନ୍ତି ସବୁ କିଛି ପୋଲିସ ଚାର୍ଜସିଟ୍‌ରେ ଉଲ୍ଲେଖ କରିଛି। ଏହି ସିମ୍ ବକ୍ସ ଜରିଆରେ ପାକିସ୍ତାନ, ଚୀନ ଓ ମଧ୍ୟପ୍ରାଚ୍ୟ ଦେଶରୁ ଆସୁଥିବା କଲ୍‌କୁ ପରିବର୍ତ୍ତନ କରାଯାଇ ଭାରତ ଭିତରକୁ ଛଡ଼ା ଯାଉଥିଲା। ସାଇବର ଫ୍ରଡ୍ ଆତଙ୍କବାଦୀ ଓ ଅନ୍ୟାନ୍ୟ ଅପରାଧ ପାଇଁ ଏହାକୁ ବ୍ୟବହାର କରାଯାଉଥିବା ନେଇ ପୋଲିସ ଲେଖିଛି। ପଶ୍ଚିମବଙ୍ଗର ରାଜୁ ମଣ୍ଡଳ କେବଳ ସିମ୍‌ର ମେଣ୍ଟେନାନ୍ସ କରୁଥିଲା। ବାଂଲାଦେଶରେ ଥିବା ମାଷ୍ଟର୍‌ମାଇଣ୍ଡ ଯାହା ସବୁ କହୁଥିଲା ସେହି ଆଧାରରେ ରାଜୁ କାମ କରୁଥିଲା । ଏହି ମାମଲାର ମାଷ୍ଟର ମାଇଣ୍ଡ ହେଉଛି ବାଂଲାଦେଶୀ ନାଗରିକ ଆଶାଦୁର ଜମାନ। ସେ ସେଠାରେ ରହି ସିମ୍ ବକ୍ସ ରାକେଟ୍‌କୁ ଅପରେଟ୍ କରୁଛି । ପଶ୍ଚିମବଙ୍ଗର ଏକାଧିକ ଲୋକଙ୍କ ନାମରେ । ସିମ୍ ଅଣାଯାଇ ଏହି ବକ୍ସରେ ଲଗାଯାଇଥିଲା। ୨୨୫ ସିମ୍ ଏହି ବକ୍ସରୁ ଜବତ ହୋଇଥିବା ବେଳେ ୫ ଶହ ନୂଆ ସିମ୍ ମଧ୍ୟ ଜବତ କରାଯାଇଥିଲା। ବଡ଼ କଥା ହେଲା ପୋଲିସ ତାର ଚାର୍ଜସିଟ୍‌ରେ ଉଲ୍ଲେଖ କରିଛି ଯେ, ବାଂଲାଦେଶ ସୀମାରୁ ଲୁଚାଇ ସିମ୍ ବକ୍ସକୁ ପଶ୍ଚିମବଙ୍ଗ ଅଣାଯାଇଥିଲା। ସେଠାରୁ ବସ୍ ଯୋଗେ ଭୁବନେଶ୍ୱରକୁ ଅଣାଯାଇଥିଲା। ଗତବର୍ଷ ଅକ୍ଟୋବର ୨୧ରେ ଭାରତରେ ପ୍ରବେଶ କରିଥିଲା ଆଶାଦୁର ଜମାନ। ଭୁବନେଶ୍ୱର ଆସି ରାଜୁ ସହ ଲିଙ୍ଗରାଜ ହୋଟେଲରେ ରହିଥିଲା। କେଶୁରାରେ ଭଡ଼ା ଘର ନେଇ ସିମ୍ ବକ୍ସ ରାକେଟ୍ ଚଳାଇ ଆସୁଥିଲେ। ଆଶାଦୁର ନିର୍ଦ୍ଦେଶରେ ରାଜୁ ମଣ୍ଡଳ ଭୁବନେଶ୍ୱରରେ କାର୍ଯ୍ୟ କରୁଥିଲା । ଆଶାଦୁର ଭୁବନେଶ୍ୱରରେ ସିମ୍‌ବକ୍ସକୁ ସେଟ୍‌ଅପ୍ କରି ବାଂଲାଦେଶ ପଳାଇ ଯାଇଥିଲେ। ରାଜୁ କେବଳ ଏଠାରେ ରହି ମେଣ୍ଟେନାସ୍ କାମ କରୁଥିଲା । ସିମ୍ ବକ୍ସକୁ କରେଣ୍ଟ ଯାଉଛି କି ନାହିଁ। କରେଣ୍ଟ ପଳାଇଲେ କିଭଳି ଇନ୍‌ଭଟର ଲାଗେଇବ । ସବୁ କିଛି ଏହି ରାଜୁ ବୁଝୁଥିଲା। ସିମ୍ ବକ୍ସ ଜରିଆରେ ଅପରାଧୀ କେଉଁ ଦେଶରୁ କଲ୍ କରିଛି, ତାହା ଜଣାପଡ଼ିବନି। ବାହାର ଦେଶରୁ କଲ୍ ଆସିଲେ ବି ଲୋକାଲ୍ ସିମ୍ ଜରିଆରେ ଆସିବ। ବାହାର ଦେଶର ଅପରାଧୀ ଭାରତରେ ଅପରାଧ ଘଟାଇବା ନିମନ୍ତେ ଏହାକୁ ବ୍ୟବହାର କରିଥାନ୍ତି। ଆତଙ୍କବାଦୀ, ସାଇବର ଫ୍ରଡ, ଡ୍ରଗ୍‌ସ ଚାଲାଣ ନିମନ୍ତେ ଏହାକୁ ବ୍ୟବହାର କରାଯାଇଥାଏ। ମୁଖ୍ୟତଃ ସିମ୍ ବକ୍ସରୁ ପାକିସ୍ତାନ, ଚୀନ ଓ ମଧ୍ୟପ୍ରାଚ୍ୟର କଲ୍‌କୁ ଲୋକାଲ୍ ସିମ୍ ଜରିଆରେ ଭାରତକୁ ଛଡ଼ା ଯାଉଥିବା ନେଇ ପୋଲିସ ଚାର୍ଜସିଟ୍‌ରେ ଉଲ୍ଲେଖ କରିଛି।

## ପୂର୍ବ ବିଭାଗ ମୁଖ୍ୟ ରାସ୍ତା ପାଲଟିଛି ମରଣଯନ୍ତା

**ମୂଷାଟିକିରି, ନ୍ୟୁଜ୍ ବ୍ୟୁରୋ**

ଯାଜପୁର ଜିଲ୍ଲା ବଡଚଣା ବ୍ଲକ ଅନ୍ତର୍ଗତ ସାନଗେଙ୍ଗୁଟି ଓ ବିରୂପା ନଦୀଘାଟରୁ ହାଇଓ୍ୱା ଟ୍ରକ୍ ମାଧ୍ୟମରେ ଦୈନ୍ୟଦିନ ସହ ସହ ଟ୍ରିପ୍ ବାଲି ବାଲିକୁଦା ବାଲିଘାଟରୁ ଉଠାଣ ହେବା ଫଳରେ ପର୍ଯ୍ୟଟନ କ୍ଷେତ୍ର ଉଦୟଗିରି - ବାଲିକୁଦା ପୂର୍ତ୍ତବିଭାଗ ମୁଖ୍ୟ ରାସ୍ତାର ଅଚଳ ଅବସ୍ଥା ଲାଗିରହୁଛି । ବାଲିକୁଦା ହାଟ ଛକରୁ-ବଜାର ରାସ୍ତାରେ ଛଣା ବାଲିର ଅପରିଷ୍କାର ପାଣି ଓ ବାଲି ପଡି ସମୂହ ରାସ୍ତା ଅଚଳ ହେବାରେ ଲାଗିଛି । ଏହି ରାସ୍ତାରେ ସ୍ଥାନୀୟ ଅଞ୍ଚଳର ଅଧିବାସୀ ଗମନାଗମନ କରିବା ଫଳରେ ରାସ୍ତାର ପାଣିକାଦୁଅ ଜମିବା ଦ୍ୱାରା ଦୁଇ ଚକିଆ ଯାନ ବ୍ୟବହାରକାରୀ ଦୁର୍ଘଟଣାର ସମ୍ମୁଖୀନ ହେବାରେ ଲାଗିଛନ୍ତି । ବରୀ-ବଡଚଣା ଅଞ୍ଚଳର ୨୦/୨୫ ଗ୍ରାମପଞ୍ଚାୟତ ଅଧିବାସୀ ବସ୍ ଯୋଗେ ବାଲିକୁଦା ବଜାର ଠାରୁ କୃଷ୍ଣଦାସପୁର, ଚଣ୍ଡୀଖୋଲ, କଟକ ଯାଇଥାନ୍ତି । ମାତ୍ର ଏହି ରାସ୍ତାର ଦୁରାବସ୍ଥାରେ ଯାତ୍ରୀବାହୀ ବସ୍ ଅଳ୍ପକେ ବର୍ତ୍ତିବା ପରିଲିକ୍ଷିତ ହେଉଛି । ବାଲିକୁଦା ବଜାର-ଚାରିଛକ ମରଣଯନ୍ତା ପାଲଟିଛି । ଏ ଦିଗରେ ବିଭାଗର ଉଚ୍ଚକର୍ତ୍ତୃପକ୍ଷ ତଥା ଯାଜପୁର ଜିଲ୍ଲାପାଳ ସ୍ୱତନ୍ତ୍ର ଦୃଷ୍ଟି ଦେବାକୁ ସ୍ଥାନୀୟ ଅଞ୍ଚଳର ଅଧିବାସୀଙ୍କ ତରଫରୁ ଦାବିମାନ ହେଉଛି ।

# ପାନୀୟ ଜଳ ସମସ୍ୟା ନେଇ ବିଡିଓଙ୍କୁ ଫେରାଦ ହେଲେ ଗ୍ରାମବାସୀ

**କେନ୍ଦୁଝର, ନ୍ୟୁଜ୍ ବ୍ୟୁରୋ**

ଅତିଷ୍ଠ ହେଲାଣି ଜଳକଷ୍ଟ, ପିଇବା ପାଇଁ ପାଣି ମିଳିବା ତ ଦୂରର କଥା, ଘରକାମ ଓ ଗୋରୁଗାଈଙ୍କ ପାଇଁ ବି ପାଣି ଯୋଗାଡ଼ କରିବା କାଠିକର ପାଠ ହୋଇ ପଡିଛି। ଏକଥା କେନ୍ଦୁଝରର କେଉଁ ଉପାନ୍ତ ଅଞ୍ଚଳ ନୁହେଁ ବରଂ କେନ୍ଦୁଝର ଜିଲ୍ଲା ମୁଖ୍ୟାଳୟରୁ ମାତ୍ର ୪ କିଲୋମିଟର ଦୂରରେ ଥିବା ଘୁଟୁକେଶ୍ୱରୀ ଓ ଟାଙ୍ଗରପଳସା ଗ୍ରାମର। ନରଣପୁର ପଞ୍ଚାୟତ ଅନ୍ତର୍ଗତ ଏହି ଗ୍ରାମ ମାନଙ୍କରେ ଗ୍ରୀଷ୍ମ ଋତୁ ଆସିଲେ ପ୍ରତିବର୍ଷ ପରି ଚଳିତ ବର୍ଷ ମଧ୍ୟ ପାନୀୟ ଜଳ ସମସ୍ୟା ସୃଷ୍ଟି ହେଲାଣି। ଗ୍ରାମରେ ଦୁଇ ଶହରୁ ଅଧିକ ପରିବାର ରହୁଥିବା ବେଳେ ଗ୍ରାମର ଲୋକେ ଗୋଟେ କୂଅ ଓ ଗୋଟିଏ ପୋଖରୀ ଉପରେ ନିର୍ଭରଶୀଳ ହୋଇ ପାନୀୟ ଜଳ ସମସ୍ୟାର ମୁକାବିଲା କରୁଛନ୍ତି। ନରଣପୁର ପଞ୍ଚାୟତର ଟାଙ୍ଗରପଳସା ବାସିନ୍ଦା ଏବେ ପାଣି ପାଇଁ ନାହିଁନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ପ୍ରତିବର୍ଷ ଖରାଦିନ ଆସିଲେ ଗ୍ରାମର ମହିଳାମାନେ ଦେଢ଼ କିଲୋମିଟର ଦୂରରୁ ମୁଣ୍ଡରେ ଗରା ମାଠିଆ ମୁଣ୍ଡେଇ ପାଣି ଆଣିବାକୁ ପଡୁଛି। ପୋଖରୀ ମାନଙ୍କରେ ଲୋକେ ଶୌଚ ଓ ସ୍ନାନ କରୁଥିବାରୁ ତଥା ଗୃହପାଳିତ ପଶୁପକ୍ଷୀ ପାଣି ବ୍ୟବହାର କରୁଥିବାରୁ ଲୋକେ ପାନୀୟ ଜଳ ପାଇଁ ଏହାକୁ ଅସୁରକ୍ଷିତ ମନେ କରୁଛନ୍ତି । କିନ୍ତୁ ବାଧ୍ୟ ହୋଇ ଏହାକୁ ପିଇବା ପାଇଁ ବ୍ୟବହାର କରୁଛନ୍ତି। ଏହି ଗ୍ରାମ ମାନଙ୍କର ରାସ୍ତା ପାର୍ଶ୍ୱ ଦେଇ ସହର ମଧ୍ୟକୁ କାଳୀନଝରର ନଦୀରୁ ପାଇପ୍ ଯୋଗେ ପାନୀୟ ଜଳ ଯୋଗାଣ ହେଉଥିଲେ ମଧ୍ୟ ଗ୍ରାମବାସୀ ଛୁଆ ପିଲାଙ୍କ ପାଇଁ ପାନୀୟ ଜଳ ଯୋଗାଡ଼ କରିବା କଷ୍ଟକର ହୋଇପଡିଛି। ନଳକୂଅ ଗୁଡିକ ଥାଇ ମଧ୍ୟ ଜଳ ଯୋଗାଣରେ ବାଧା ସୃଷ୍ଟି ହେଉଛି। ସରକାରଙ୍କ ଉପରେ ଆଶା ବାନ୍ଧି ବସି ବସି ପ୍ରତିବର୍ଷ ସଦର ବ୍ଲକ, ଜିଲ୍ଲାପାଳ ଓ ଜିଲ୍ଲାପାଳଙ୍କ ଅଭିଯୋଗ ପ୍ରକୋଷ୍ଠରେ ଦାବିପତ୍ର ପ୍ରଦାନ କରି ଆଶ୍ୱାସନା ମିଳୁଛି, ହେଲେ ପାନୀୟ ଜଳ ମିଳୁନି। ଏପରିକି ଗ୍ରାମର ମହିଳାମାନେ ରାସ୍ତା ଉପରେ ମାଠିଆ, ବାଲ୍‌ଟି ରଖି ଅନେକ ଥର ରାସ୍ତାରୋକ୍ କରିବା ପରେବି କିଛି ସୁଫଳ ମିଳୁନାହିଁ। ଏଠି ଘର ସାମ୍ନାରେ ପାଇପ୍ ଲାଗିଛି ହେଲେ ପାଣି କେବେ ଆସିବ ତାର ଉତ୍ତର କାହା ପାଖରେ ନାହିଁ। ପୂର୍ବତନ ରାଜ୍ୟପାଳ ରଘୁବର ଦାସଙ୍କ ଗସ୍ତ ବେଳେ ଗ୍ରାମବାସୀଙ୍କ ଅଭିଯୋଗ ଉପରେ ତତ୍କାଳୀନ ଜିଲ୍ଲା ପରିଷଦ ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ ଏକ ମାସ ମଧ୍ୟରେ ପାନୀୟ ଜଳ ବ୍ୟବସ୍ଥା କରିଦିଆଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଏସବୁ ସତ୍ତ୍ୱେ ମଧ୍ୟ ଗ୍ରାମବାସୀ ମାନେ ଆଶା ଛାଡି ନାହାନ୍ତି। ସରକାରୀ କଳ ପାନୀୟ ଜଳ ଯୋଗାଇ ଦେବେ ଆଶା ନେଇ ସଦର ବ୍ଲକ ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କୁ ଲିଖିତ ଦାବିପତ୍ର ପ୍ରଦାନ କରିଛନ୍ତି। ଦୀର୍ଘଦିନ ହେବ ସାହିରେ ବିଛା ଯାଇଥିବା ପାଇପ୍ ଯୋଗେ ସହର ମଧ୍ୟକୁ ଯାଉଥିବା ପାନୀୟ ଜଳ ପାଇପ୍ ସହ ସଂଯୋଗ କରି ନରଣପୁର ପଞ୍ଚାୟତବାସୀଙ୍କୁ ପାନୀୟ ଜଳ ଯୋଗାଣ ଦାବି କରିଛନ୍ତି । ପାନୀୟ ଜଳ ସୁବିଧା ଦିଗରେ ପଦକ୍ଷେପ ନେବାକୁ ଅରୁଣ ନାଏକ, ସେବତୀ ନାଏକ, ରଇବାରି ନାଏକ, ରୂପାଲି ନାଏକ, ସରୋଜିନୀ ଦାସ, ସରସ୍ୱତୀ ନାଏକ, ସିଲି ନାଏକ, ରାନୁ ନାଏକ ପ୍ରମୁଖଙ୍କ ସହ ଗ୍ରାମର ଅନେକ ମହିଳା ଲିଖିତ ଦାବି ଜଣାଇଛନ୍ତି। ତୁରନ୍ତ ଦାବି ସମାଧାନ ନହେଲେ ଆଗାମୀ ଦିନରେ ପୁଣି ଥରେ ସମସ୍ତ ଗ୍ରାମବାସୀ ମିଳିତ ହୋଇ ରାସ୍ତା ରୋକ୍ କରିବେ ବୋଲି ଚେତାବନୀ ଦେଇଛନ୍ତି।

### ବିଶ୍ୱବିଦ୍ୟାଳୟ କୁଳପତିଙ୍କ ଠାରୁ ୧୪ ଲକ୍ଷ ଠକେଇ ଘଟଣା

# ଗୁଜୁରାଟରୁ ଗିରଫ ହେଲେ ୨ ସାଇବର ଠକ




**ବ୍ରହ୍ମପୁର, ନ୍ୟୁଜ୍ ବ୍ୟୁରୋ**

ଡିଜିଟାଲ୍ ଆରେଷ୍ଟ ନାଁରେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଗୀତାଞ୍ଜଳି ଦାଶଙ୍କ ଠାରୁ ୧୪ ଲକ୍ଷ ଟଙ୍କା ଠକି ନେଇଥିବା ଗୁଜୁରାଟ ରାଜ୍ୟର ୨ ଜଣ ସାଇବର ଠକଙ୍କୁ ବ୍ରହ୍ମପୁର ପୋଲିସ ଗିରଫ କରିଛି। ସେମାନେ ହେଲେ ଗୁଜୁରାଟ ଭବାନଗର ଜିଲ୍ଲାର ବି ଜେନିଲ ଜୟସୁଖଭାଇ (୨୩) ଓ ଭିଶ୍ୱଜିତସିଂ ଗୋହିଲ (୨୧)। ଉଭୟଙ୍କ ନିକଟରୁ ପୋଲିସ ସାଇବର ଠକେଇରେ ବ୍ୟବହୃତ ମୋବାଇଲ ଓ ଏକାଧିକ ସିମ୍ କାର୍ଡ ଜବତ କରିଛି। ସୂଚନା ଯୋଗ୍ୟ ଯେ, ଗତ ଫେବୃଆରୀ ୧୪ ତାରିଖରେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଗୀତାଞ୍ଜଳି ଦାଶଙ୍କ ନିକଟକୁ ଅଜଣା ନମ୍ବରରୁ କଲ୍ ଆସିଥିଲା। କଲ୍ କରିଥିବା ବ୍ୟକ୍ତି ନିଜକୁ ସିବିଆଇ ଅଧିକାରୀ ବୋଲି ପରିଚୟ ଦେଇଥିଲା। ଏପରିକି ୬ କୋଟି ଟଙ୍କାର ଏକ ବେଆଇନ୍ ଅର୍ଥ କାରବାରରେ ଆପଣଙ୍କ ନାଁ ରହିଥିବା କୁଳପତିଙ୍କୁ କହିବା ସହ ସୁପ୍ରିମ୍‌କୋର୍ଟର ଆରେଷ୍ଟ ଓ୍ୱାରେଣ୍ଟ ମଧ୍ୟ ପଠାଇଥିଲା। ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଗୀତାଞ୍ଜଳି ଦାଶଙ୍କୁ ସାଇବର ଠକମାନେ ୮ ଦିନ ଯାଏ ଡିଜିଟାଲ୍ ଆରେଷ୍ଟ କରି ରଖିଥିଲେ। ଭୟରେ କୁଳପତି ୧୪ ଲକ୍ଷ ଟଙ୍କା ସାଇବର ଠକଙ୍କ ନିକଟକୁ ପଠାଇ ଦେଇଥିଲେ। ଏ ନେଇ ବ୍ରହ୍ମପୁର ସାଇବର ଓ ଅର୍ଥନୈତିକ ଅପରାଧ ଥାନାରେ ଏକ ମାମଲା ରୁଜୁ ହୋଇଥିଲା। ଉପରୋକ୍ତ ଦୁଇ ସାଇବର ଠକ୍ ନିଜକୁ ସିବିଆଇ ଅଧିକାରୀ କହି କୁଳପତିଙ୍କୁ ଠକେଇ କରିଥିବା ତଦନ୍ତରୁ ଜଣାପଡ଼ିବା ପରେ ପୋଲିସର ଏକ ଟିମ୍ ଗୁଜୁରାଟ ଯାଇ ସେମାନଙ୍କୁ ଗିରଫ କରିଥିଲା ବୋଲି ବ୍ରହ୍ମପୁର ଏସ୍‌ପି ଡା. ସର୍ବଣା ବିବେକ ଏମ୍ ସୂଚନା ଦେଇଛନ୍ତି।

## ଆଜିର ଭଲମନ୍ଦ



**ଗଣକ-ପଣ୍ଡିତ ଶ୍ରୀ ଚନ୍ଦ୍ରଶେଖର ନନ୍ଦ**
(ବହୁ ଗ୍ରନ୍ଥପ୍ରଣେତା ଓ ଏକାଧିକ ଓଡ଼ିଅଶ ପାଞ୍ଜି ଗଣନାକାର)
ମୋବାଇଲ୍-୯୩୩୭୬୯୩୦୨୨
csnastrology@gmail.com

**ଉଦୟକାଳୀନ ଗ୍ରହଚକ୍ର**

| | | |
|---|---|---|
| ୩ / ୬ରୂ | ଲର | ବୁ ଶୁ ଶ ୧୨ / ୧୧ |
| ୪ ମ | ୧୬ / ୭ | ୧୦ |
| ୫ / ୬କେ | ଚ ୭ | ୮ / ୯ |

**କଳିକା ପଞ୍ଜିକା :** ଉତ୍କଳୀୟ ସନ -୧୪୩୨ ସାଲ, ଶକାବ୍ଦଃ -୧୯୪୩, ସମ୍ବତ୍ - ୨୦୮୧, ହିଜରୀ - ୧୪୪୬, କଳିଯୁଗାବ୍ଦଃ - ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ - ଅ୬୮ଙ୍କ

**ତା୧୫।୪।୨୦୨୫, ବୈଶାଖ ଦି୨ନ, ମଙ୍ଗଳବାର**

**ସୂର୍ଯ୍ୟୋଦୟ-** ଘ୫।୨୯।୪୯ **ଚନ୍ଦ୍ରୋଦୟ-** ରାଘ ୮।୦୮।୦୮

**ଦ୍ୱିତୀୟା-** ଦିଘ ୧୦।୫୬ ପର୍ଯ୍ୟନ୍ତ । **ବିଶାଖା ନକ୍ଷତ୍ର-** ରାଘ ୩।୧୦ ପର୍ଯ୍ୟନ୍ତ । **ତୁଳା ଚନ୍ଦ୍ର-** ରାଘ ୮।୨୬ ପର୍ଯ୍ୟନ୍ତ । **ଚନ୍ଦ୍ରଶୁଦ୍ଧି-** ମେଷ, ବୃଷ, କର୍କଟ, ସିଂହ, ତୁଳା, ବିଛା, ଧନୁ ଓ ମକର ରାଶିର । ରାଘ ୮।୨୬ ଗତେ ବୃଷ, ମିଥୁନ, ସିଂହ, କନ୍ୟା, ବିଛା, ଧନୁ, ମକର ଓ କୁମ୍ଭ ରାଶିର । **ଘାତ ଚନ୍ଦ୍ର-** ନାସ୍ତି । **ଶ୍ରାଦ୍ଧନିର୍ଣ୍ଣୟ-** ତୃତୀୟାର ପାର୍ବଣ ଶ୍ରାଦ୍ଧ । **ନିଷିଦ୍ଧ ଖାଦ୍ୟ-** ବୋଇତି କଖାରୁ ଦିଘ ୧୦।୫୬ ପରେ ପୋଟଳ ଖାଇବା ମନା । **ଆଜିର ଶୁଭବେଳା-** ଦିଘ ୮।୪୦ ଗତେ ଘ ୧୦।୩୨ ମଧ୍ୟେ । ଦିଘ ୪।୨୮ ଗତେ ଘ ୫।୧୧ ମଧ୍ୟେ । **ପର୍ବୋତ୍ସବ-** ବଂଗୀୟ ନବବର୍ଷ ୧୪୩୨ ଆରମ୍ଭ ।

**ମେଷ:** ଅନିୟମିତ କାର୍ଯ୍ୟ କରି ଅପମାନିତ ହୋଇପାରନ୍ତି । ଯାତ୍ରାରେ ଅସଫଳ ହେବେ । ଭ୍ରମଣର ସୁଯୋଗ ମଧ୍ୟ ମିଳିବ । ଆୟ ଠାରୁ ବ୍ୟୟର ମାତ୍ରା ଅଧିକ ହେବ । ଗୃହେ ଆନନ୍ଦ । ଦେହ ଓ ମନ ଭଲ ରହିବ ।

**ବୃଷ:** ଶତ୍ରୁମାନେ ପରାସ୍ତ ହେବେ । କର୍ମକ୍ଷେତ୍ରରେ ପଦସ୍ଥ କର୍ମକର୍ତ୍ତାଙ୍କ ସାନ୍ନିଧ୍ୟ ଲାଭ କରିବେ । ପିଲାମାନଙ୍କ ପାଇଁ ମନରେ କଷ୍ଟ ଆସିପାରେ । ରୋଜଗାର ଭଲ ହେବ। ପାରିବାରିକ ଶାନ୍ତି ଅକ୍ଷୁର୍ଣ୍ଣ ରହିବାର ସୂଚନା ।

**ମିଥୁନ:** ପଢ଼ା ଲେଖାରେ ଉନ୍ନତି ହେବ । କାର୍ଯ୍ୟ ହାସଲରେ ସକ୍ଷମ ହେବେ । ମାନସିକ ଅଶାନ୍ତି ଦେଖାଦେବ । ଦେହ ଓ ମନ ଭଲ ରହିବ । ରୋଜଗାର ସ୍ଥିର ରହିବ । ଘରେ ଶାନ୍ତି ଓ ଆନନ୍ଦ । ମନସ୍କାମନା ପୂରଣ ହେବ ।

**କର୍କଟ:** କର୍ମକ୍ଷେତ୍ରରେ ଅସହଯୋଗ ଦେଖାଦେବ । ଦୁଃସାଧ୍ୟ କାର୍ଯ୍ୟ ସାଧନ କରିବେ । ବନ୍ଧୁ ଆପଣଙ୍କ ଠାରୁ ଦୂରେଇ ଯିବେ । ଆୟରେ ଉନ୍ନତି ହେବ । ପାରିବାରିକ ଜୀବନ ସୁଖ ଶାନ୍ତିରେ କଟିବ । ମହିଳାମାନେ ସୁଖୀ ହେବେ ।

**ସିଂହ:** କାର୍ଯ୍ୟକ୍ଷେତ୍ରରେ ପ୍ରାଧାନ୍ୟତା ଲାଭ କରିବେ । ମଧ୍ୟାହ୍ନେ ଟେନ୍‌ସନ୍ ଦୂର ହୋଇଯିବ । ମାଲିମୋକଦ୍ଦମାରେ ଶୁଣାଣି ବିଳମ୍ବ ହେବ । ଗୃହେ ଆନନ୍ଦ ଲାଗି ରହିବ । ଆୟ ପୂର୍ବ ପରି ସ୍ଥିର ରହିବ । ପରୋପକାରୀ ହେବେ ।

**କନ୍ୟା:** ବ୍ୟବସାୟରେ ଲାଭବାନ୍ ହେବେ । ବନ୍ଧୁ ବାନ୍ଧବ ସହଯୋଗିତାରେ ମନୋଭାବ ଆଣିବେ । ଆଜିର ଯାତ୍ରାରେ ଲକ୍ଷ୍ୟ ହାସଲ କରିବେ । ରୋଜଗାରର ପରିମାଣ ବଢ଼ିବ । ପରିବାରରେ ସୁଖ ଶାନ୍ତି ଅବ୍ୟାହତ ରହିବ । ସବୁ କାର୍ଯ୍ୟ ସଫଳ ହେବ ।

**ତୁଳା:** ଆଜି ଆପଣଙ୍କର ଦିନଟି ଭଲରେ କଟିବ । ଆୟ ଓ ବ୍ୟୟର ପରିମାଣ ସମାନ ରହିବ । ଧନବାନ୍ ହେବେ । ପରିବାରରେ ଆନନ୍ଦ ଓ ଖୁସି ଲାଗି ରହିବ । ପିଲାମାନେ ପାଠପଢ଼ାରେ ମନ ଦେବେ । ଦେହ ଭଲ ରହିବ ।

**ବିଛା:** କର୍ମକ୍ଷେତ୍ରରେ ପ୍ରତାରଣାର ଶିକାର ହୋଇପାରନ୍ତି । ଅଚିହ୍ନା ବ୍ୟକ୍ତିଙ୍କ କଥାରେ ଯିବେନାହିଁ । ମାନସିକ ଅଶାନ୍ତି ଦେଖାଦେଇପାରେ । ଆୟ ଠାରୁ ବ୍ୟୟର ମାତ୍ରା ଅଧିକ ହେବ । ଘରେ ଅଶାନ୍ତି ଦେଖାଦେବ ।

**ଧନୁ:** ଆଜି ଆପଣ ଯେଉଁ କାର୍ଯ୍ୟ କରିବେ ତାହା ସମ୍ପନ୍ନ ହୋଇଯିବ । ନୂତନ ଦ୍ରବ୍ୟ କ୍ରୟ କରିପାରନ୍ତି । ବ୍ୟୟର ମାତ୍ରା ଅଧିକ ହେବ । ମନରେ ବିରକ୍ତି ଭାବ ଜାଗ୍ରତ ହେବ । ପାରିବାରିକ ବିଶୃଙ୍ଖଳା ଦେଖାଦେଇପାରେ ।

**ମକର:** କର୍ମକ୍ଷେତ୍ରରେ ସହଯୋଗ ଲାଭ କରି ଉପକୃତ ହେବେ । ଆର୍ଥିକ ସ୍ଥିତିରେ ଉନ୍ନତି ହେବ । ଶୁଭ ଖବର ପାଇବେ । ସୁସମ୍ପର୍କ ଖରାପ ହୋଇପାରେ । ଦେହ ଭଲ ରହିବ । ଗୃହେ ଶାନ୍ତି ଅବ୍ୟାହତ ରହିବ । ଶତ୍ରୁମାନେ ନାଶ ହେବେ ।

**କୁମ୍ଭ:** ଆଜି ଆପଣଙ୍କର ଭ୍ରମଣ ଯୋଗ ଅଛି । ବ୍ୟବସାୟରେ ଲାଭବାନ୍ ହେବେ । ମନ ଅସ୍ଥିର ରହିବ । ପରିବାରରେ ସମସ୍ତେ ଖୁସିରେ ରହିବେ । ରୋଜଗାର ମଧ୍ୟମ ଧରଣର ହେବ । ଦେହ ଓ ମନ ଭଲ ରହିବ ।

**ମୀନ:** ସମାଜରେ ଲୋକ ସମ୍ପର୍କ ବଢ଼ିବ । ଆୟ ଓ ବ୍ୟୟ ସମାନ ରହିବ । ମାନସିକ ଅସ୍ଥିରତା ଲାଗି ରହିବ । ମାଲିମୋକଦ୍ଦମା ଯୋଗୁ ଚିନ୍ତା ହୋଇପାରେ । ପରିବାରରେ ସୁଖ ଶାନ୍ତି ବଜାୟ ରହିବ । ଶରୀର ସୁସ୍ଥ ରହିବ ।

## ହାଇଦ୍ରାବାଦରେ ଓଡ଼ିଆ ଦାଦନ ଶ୍ରମିକଙ୍କ ମୃତ୍ୟୁ

**କଳାହାଣ୍ଡି, ନ୍ୟୁଜ୍ ବ୍ୟୁରୋ**

କଳାହାଣ୍ଡି ଜିଲ୍ଲା କଳମପୁର ଅଞ୍ଚଳରେ ଦିନକୁ ଦିନ ଦାଦନ ଶ୍ରମିକଙ୍କ ମୃତ୍ୟୁ ଖବର ବୃଦ୍ଧି ପାଇବାରେ ଲାଗିଛି । ପରିବାର ପ୍ରତିପୋଷଣ ଲକ୍ଷ୍ୟରେ ଲୋକେ ଭିଟାମାଟି ଛାଡ଼ି ଦାଦନ ଖଟିବାକୁ ଯାଉଛନ୍ତି । କିନ୍ତୁ ସେଠାରେ ସେମାନଙ୍କର ଜୀବନ ଅକାଳରେ ଚାଲିଯାଉଛି। କଳମପୁର ଥାନା ଅଧୀନ ପରୁଆଗୁଡା ଗ୍ରାମରୁ ପୁଣି ଏଭଳି ଏକ ଘଟଣା ସାମ୍ନାକୁ ଆସିଛି। ଗ୍ରାମର ଅଞ୍ଜନା ମାଝି (୩୩) ନାମ୍ନୀ ଜଣେ ମହିଳା ହାଇଦ୍ରାବାଦକୁ ଦାଦନ ଖଟିବାକୁ ଯାଇଥିବା ବେଳେ ସେଠାରେ ତାଙ୍କର ମୃତ୍ୟୁ ଘଟିଛି। ଗାଁକୁ ତାଙ୍କ ଶବ ଫେରିଥିଲା । ବନ୍ଧୁବାନ୍ଧବ, ଜ୍ଞାତିକୁଟୁମ୍ବଙ୍କ କାନ୍ଦ ବୋବାଳିରେ ଗାଁ ଫାଟି ପଡ଼ିଥିଲା । ଶେଷରେ ଗାଁ ଶ୍ମଶାନରେ ଅଞ୍ଜନାଙ୍କ ଅନ୍ତିମ ସଂସ୍କାର କରାଯାଇଥିଲା। କିଛି ଦିନ ତଳେ ପରୁଆଗୁଡ଼ା ଗ୍ରାମର ବୀଣା ମାଝି ତାଙ୍କ ସ୍ତ୍ରୀ ଅଞ୍ଜନା ଏବଂ ପୁଅ ଓମ୍ (୮) ସହ ଦାଦନ ଖଟିବା ପାଇଁ ହାଇଦ୍ରାବାଦ ଯାଇଥିଲେ। ସେମାନେ ସେଠାରେ ପଠାନଚେରୁ ଥାନା ଅଧୀନ ବିଳମିଲ୍ଲାର ଅଦିତ୍ରୀ ହାଉସିଂ ବିଲଡର୍ସ ପାଖରେ କାମ କରୁଥିଲେ । ବହୁ ତଳ ପ୍ରାସାଦ ଉପରୁ କାମ କରୁଥିବା ବେଳେ ଖସି ପଡିବାରୁ ଘଟଣାସ୍ଥଳରେ ହିଁ ଅଞ୍ଜନାଙ୍କ ମୃତ୍ୟୁ ଘଟିଥିଲା।

## ଆଗାମୀ କାଲିର ପଞ୍ଜିକା

**କଳିକା ପଞ୍ଜିକା :** ଉତ୍କଳୀୟ ସନ -୧୪୩୨ ସାଲ, ଶକାବ୍ଦଃ -୧୯୪୩, ସମ୍ବତ୍ - ୨୦୮୧, ହିଜରୀ - ୧୪୪୬, କଳିଯୁଗାବ୍ଦଃ - ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ - ଅ୬୮ଙ୍କ

**ତା୧୬।୪।୨୦୨୫, ବୈଶାଖ ଦି୩ନ, ବୁଧବାର**

**ସୂର୍ଯ୍ୟୋଦୟ-** ଘ୫।୨୯।୦୨ **ଚନ୍ଦ୍ରୋଦୟ-** ରାଘ ୯।୦୨।୦୬

**ତୃତୀୟା-** ଦିଘ ୧।୨୭ ପର୍ଯ୍ୟନ୍ତ । **ଅନୁରାଧା ନକ୍ଷତ୍ର ଓ ବିଛା ଚନ୍ଦ୍ର-** ଅହୋରାତ୍ର । **ଚନ୍ଦ୍ରଶୁଦ୍ଧି-** ବୃଷ, ମିଥୁନ, ସିଂହ, କନ୍ୟା, ବିଛା, ଧନୁ, ମକର ଓ କୁମ୍ଭ ରାଶିର । **ଘାତ ଚନ୍ଦ୍ର-** ନାସ୍ତି । **ଶ୍ରାଦ୍ଧନିର୍ଣ୍ଣୟ-** ତୃତୀୟାର ଏକୋଦ୍ଦିଷ୍ଟ ଓ ଚତୁର୍ଥୀର ପାର୍ବଣ ଶ୍ରାଦ୍ଧ । **ନିଷିଦ୍ଧ ଖାଦ୍ୟ-** ପୋଟଳ ଦିଘ ୧।୨୭ ପରେ ମୂଳା ଖାଇବା ମନା । **ଆଜିର ଶୁଭବେଳା-** ପ୍ରାଘ ୫।୩୨ ଗତେ ଘ ୭।୧୦ ମଧ୍ୟେ । ଦିଘ ୧।୫୨ ଗତେ ଘ ୫।୧୦ ମଧ୍ୟେ ।

31 YEARS
ପ୍ରଭାତୀୟ ସମ୍ବାଦ କଳିକା

# ଭାରତରେ ପ୍ରାଥମିକତା ଦିଆଯାଉଛି ସ୍ୱାସ୍ଥ୍ୟ ଏବଂ ଶିକ୍ଷାକୁ

ଭାରତର ଅଭିବୃଦ୍ଧିରୁ ସମଗ୍ର ବିଶ୍ୱକୁ ଫାଇଦା ହେବ । ମାଇକ୍ରୋସଫ୍ଟ ସହ-ପ୍ରତିଷ୍ଠାତା ବିଲ୍ ଗେଟ୍ସ ଏହା କହିଛନ୍ତି। ମୁମ୍ବାଇରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ସେ ଏହା ପ୍ରକାଶ କରିଛନ୍ତି । ଗେଟ୍ସ ଆହୁରି ଭାରତର ଦ୍ରୁତ ନବସୃଜନକୁ ପ୍ରଶଂସା କରିଛନ୍ତି । ସେ କହିଲେ ଯେ, ୨୦୪୭ ସୁଦ୍ଧା ଭାରତ ବିକଶିତ ରାଷ୍ଟ୍ରରେ ପରିଣତ ହେବ। ଏହା କେବଳ ଭାରତରେ ପରିବର୍ତ୍ତନ ଆଣିବ ନାହିଁ ବରଂ ବିଶ୍ୱ ଉପରେ ବି ଏହାର ସକାରାତ୍ମକ ପ୍ରଭାବ ପଡ଼ିବ । ଗେଟ୍ସ କହିଲେ ଯେ, ଭାରତରେ ସ୍ୱାସ୍ଥ୍ୟ ଏବଂ ଶିକ୍ଷା ଭଳି ପ୍ରମୁଖ କ୍ଷେତ୍ରକୁ ପ୍ରାଥମିକତା ଦିଆଯାଉଛି । ଏହାର ସକାରାତ୍ମକ ଗତିଶୀଳତା ଦେଖିବାକୁ ମିଳୁଛି । ଭାରତର ଅର୍ଥନୈତିକ ଅଭିବୃଦ୍ଧି ଦୃଶ୍ୟପଟକୁ ଆଶାଜନକ କହିବା ସହ ଗେଟ୍ସ କହିଲେ ଯେ, ଭାରତରେ ବିକାଶ ହାର ୫% ରହିବ କି ୧୦%, ତାହାକୁ ନେଇ ତର୍କ ହେଉଛି । କିନ୍ତୁ ମୋତେ ଅନୁଭବ ହେଉଛି ଯେ, ଅଭିବୃଦ୍ଧି ୧୦% ପର୍ଯ୍ୟନ୍ତ ପହଞ୍ଚି ନ ପାରେ କିନ୍ତୁ ୫% ତଳକୁ ବି ଖସିବ ନାହିଁ । ଅର୍ଥନୈତିକ ଅଭିବୃଦ୍ଧି ସ୍ୱାସ୍ଥ୍ୟ ଏବଂ ଶିକ୍ଷାରେ ଅଧିକ ସରକାରୀ ନିବେଶକୁ ସକ୍ଷମ କରିବ, ଯାହାଦ୍ୱାରା ମହତ୍ୱପୂର୍ଣ୍ଣ ଅବସର ସୃଷ୍ଟି ହେବ । ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ(ଏଆଇ)କୁ ନେଇ ଗେଟ୍ସ କହିଲେ ଯେ, ଏହି ପ୍ରଯୁକ୍ତି ବିରାଟ ପରିବର୍ତ୍ତନ ଆଣିବ । ସେ ଏହାକୁ ମଧ୍ୟ ଖଣ୍ଡନ କରିଛନ୍ତି ଯେ, ଏଆଇ ଦ୍ୱାରା ବଡ଼ ଆକାରରେ ଚାକିରି ଚାଲିଯିବ । ଗେଟ୍ସ ଭାରତର ଏଆଇ ଡେଭଲପ୍‌ମେଣ୍ଟ ଆପ୍ରୋଚ୍‌କୁ ପ୍ରଶଂସା କରିଛନ୍ତି । ସେ କହିଲେ ଯେ, ସ୍ଥାନୀୟ ଆବଶ୍ୟକତା ଅନୁସାରେ ଭାରତ ଓପନ୍-ସୋର୍ସ ଫାଉଣ୍ଡେସନ ମଡେଲ୍‌କୁ ଆପଣାଇଛି । ଏହା ପ୍ରଶଂସନୀୟ । ଏହାଦ୍ୱାରା ଭାରତୀୟ ଭାଷାଗୁଡ଼ିକୁ ସପୋର୍ଟ ମିଳିବ । ଆଧାର ଏବଂ ୟୁପିଆଇ ସମେତ ଭାରତର ଡିଜିଟାଲ ପବ୍ଲିକ୍ ଭିତ୍ତିଭୂମିକୁ ପ୍ରଶଂସା କରିଛନ୍ତି ବିଲ୍ ଗେଟ୍ସ । ଏହା ବିଶ୍ୱ ପାଇଁ ଦେଶର ଅନ୍ୟତମ ମହତ୍ୱପୂର୍ଣ୍ଣ ଯୋଗଦାନ ବୋଲି ସେ କହିଛନ୍ତି । ଗେଟ୍ସ କହିଲେ ଯେ, ଯେତେଥର ଭାରତ ଆସିଛି ଅନେକ କମ୍ପାନି ଏହି ଡିଜିଟାଲ ଭିତ୍ତିଭୂମିର ଲାଭ ଉଠାଉଥିବା ଦେଖିଆସୁଛି। ସେ ବ୍ୟାଙ୍କିଙ୍ଗ୍ ହେଉ କିମ୍ବା ଷ୍ଟକ୍ ଟ୍ରେଡିଂ, ଭାରତର ନବସୃଜନ ଦ୍ରୁତ ବେଗରେ ଆଗକୁ ବଢୁଛି। ପ୍ରକାଶଯୋଗ୍ୟ, ମାଇକ୍ରୋସଫ୍ଟର ସହ-ପ୍ରତିଷ୍ଠାତା ବିଲ୍ ଗେଟ୍ସ ବିଶ୍ୱର ୧୧ତମ ଧନୀ ବ୍ୟକ୍ତି । ଫୋର୍ବସ ଅନୁସାରେ, ତାଙ୍କ ନେଟ୍ ସମ୍ପତ୍ତି ୧୦୭୧୦ କୋଟି ଡଲାର ବା ପାଖାପାଖି ୯.୨୧ ଲକ୍ଷ କୋଟି ଟଙ୍କା । ସେ ୧୯୭୫ରେ ମାଇକ୍ରୋସଫ୍ଟର ସ୍ଥାପନା କରିଥିଲେ । ୨୦୦୦ ମସିହା ଯାଏ ସେ କମ୍ପାନିରେ ସିଇଓ ପଦରେ ଥିଲେ ।



ଶ୍ରୀମଦ୍ ବାବା ବୈକୁଣ୍ଠନାଥ ବ୍ରହ୍ମଚାରୀଙ୍କ

## ଗୀତାମୃତ ଲହରୀ

ପ୍ରଥମ ଅଧ୍ୟାୟ
(ଚକାଡୋଳା କିମ୍ବା ଡକା-ବୃତ୍ତେ)
ଆଦ୍ୟେ ଦେଖି ସେନାବୃନ୍ଦ
ପାର୍ଥ ହୋଇ ବିଷାଦ।
ପଶି ଧର୍ମ କ୍ଷେତ୍ରେ ପାଞ୍ଚେ ହୃଦଗତେ
ତା କର୍ତ୍ତବ୍ୟ ପଥେ କେ ଭଲ ମନ୍ଦ।
ଧରମ ସଙ୍କଟେ ପଡି ଛଟପଟେ
ପଚାରଇ କହ ହେ ଆଦିକନ୍ଦ,
ଏ ଗୁରୁଜନଙ୍କୁ ପ୍ରାଣେ ନାଶିବାକୁ
ନ ବଳଇ ମନ, ଉଠୁଛି ଖେଦି !
ଆହେ ଗୋବିନ୍ଦ
ଲୋଡା ନାହିଁ ମୋର ରାଜ୍ୟସମ୍ପଦ। ୧)
ତୁମ୍ଭେ ମୋ ସର୍ବସ୍ୱ ଆହେ ହୃଷିକେଶ
କି କରିବି କହ କରି ପସନ୍ଦ
ପଶୁଛି ଶରଣ, ପରିତ୍ରାଣ କର ଦେଇ ଆନନ୍ଦ
ସଂଶୟ ଛେଦ,
ଥର ଥର ଥରି ଉଠେ ମୋ ହୃଦ ୨)
ଏହିପରି ନରେ, କରମ କ୍ଷେତ୍ରରେ
କରି ସୁବିଚାର ତୁଟାଅ ଦ୍ୱନ୍ଦ୍ୱ
ନ ହୋଇ ଭରମ, କର ସୁକରମ,
କିଞ୍ଚିତେ ଲଭିବ ବିଭୁଙ୍କ ପଦ
ଶୁଣ କୋବିଦ,
ସୁଖେ ପାନକର ସେ ମକରନ୍ଦ ୩)
ହିଂସା ଦୂରକରି ଅହିଂସା ଆଚରି
ମୁଖରେ ଉଚ୍ଚାରି ହରି ଶବଦ
ଅନ୍ଧା ବଇକୁଣ୍ଠ, ଧନ୍ଦା ଛାଡି ଦେଇ
ଫନ୍ଦା କରିଅଛି ପରମାନନ୍ଦ
ମୁଁ ଅତି ମନ୍ଦ,
ମୋହ ପ୍ରତି ପ୍ରଭୁ ନପାଞ୍ଚ ଛନ୍ଦ ୪) (କ୍ରମଶଃ)

ଶ୍ରୀକ୍ଷେତ୍ରର ପୀଠ-୧

# ଶିରୁଳୀ ମହାବୀରଙ୍କ ମହିମା



ଡାକ୍ତର ଅଂଶୁମାନ କର
ଅନନ୍ୟ ନିକେତନ ଏନ୍-୧/ ୧୮୩, ଭୁବନେଶ୍ୱର
ମୋ: ୯୭୭୮୦୩୦୪୯୪

ସାରା ଓଡ଼ିଶାରେ ପଣା ସଂକ୍ରାନ୍ତି ଦିନ ଓଡ଼ିଆ ନବବର୍ଷ ଓ ମହାବୀର ଜୟନ୍ତୀ ପାଳନ ହେଉଥିବା ବେଳେ ପୁରୀ ଜିଲ୍ଲା ଚନ୍ଦନପୁର ବ୍ଲକ ଅନ୍ତର୍ଗତ ଶିରୁଳୀ ଗ୍ରାମଟି ଉତ୍ସବ ମୁଖର ହୋଇ ଉଠେ ମହାବୀର ଜୟନ୍ତୀ ପାଇଁ, ଏହି ଗ୍ରାମର ନାମ ଶିରୁଳୀ ହେଲେ ସୁଦ୍ଧା ମହାବୀରଙ୍କ ପୀଠ ଯୋଗୁଁ ଗ୍ରାମକୁ ବି ଲୋକେ ଶିରୁଳୀ ମହାବୀର ଭାବେ ଜାଣନ୍ତି। ବର୍ଷତମାମ ଏହି ଗ୍ରାମରେ ପ୍ରତି ସଂକ୍ରାନ୍ତିରେ ଓ ଅନ୍ୟ ଓଷା ବ୍ରତ ଦିନ ଗ୍ରାମାଞ୍ଚଳର ଭିଡ ଥିବା ବେଳେ ଏହି ପଣା ସଂକ୍ରାନ୍ତି ଦିନ ଦେଶ-ବିଦେଶରୁ ଯାତ୍ରୀ ଏଠାକୁ ମାଡି ଆସନ୍ତି। ପିଲାଟି ଦିନୁଁ ଏହି ମହାବୀରଙ୍କ ନିକଟରେ ପ୍ରତି ନୂଆ ବର୍ଷ ଓ ବିଷୁବ ମିଳନ ଦିନ ଦର୍ଶନ କରିବାକୁ ସୁଯୋଗ ମିଳିଛି। ଶୈଶବରୁ ଆଜି ଭିତରେ ବିଚାରଧାରାରେ ଅନେକ ପରବିର୍ତ୍ତନ ଆସିଥିଲେ ହେଁ ଏହି ମହାବୀରଙ୍କ ପ୍ରତି ମୋର ଶ୍ରଦ୍ଧା ଓ ଆସ୍ଥା ଅଟଳ ରହିଛି। ତେଣୁ ଜ୍ଞାନ ହେତୁ ହେଲାଦିନୁ ଶିରୁଳୀ ମହାବୀରଙ୍କ ବିଷୟରେ କିଛି ଜଣା ଅଜଣା କଥା ଆଜି ପାଠକଙ୍କୁ କହିବାକୁ ଯେମିତି ବିଭୁ ନିର୍ଦ୍ଦେଶ ଆସିଛି। ଶ୍ରୀ ମାରୁତି ସ୍ତୋତ୍ରରେ ଏହି ହନୁମାନଙ୍କ ବିଷୟରେ କୁହାଗଲା-

ଓଁ ନମୋ ବାୟୁପୁତ୍ରାୟ ଭୀମରୂପାୟ
ଧୀମତେ
ନମସ୍ତେ ରାମଦୂତାୟ କାମରୂପାୟ
ଶ୍ରୀମତେ

ବାୟୁପୁତ୍ର ହନୁମାନଙ୍କ ସ୍ୱରୂପ ହେଉଛି ଭୀମଙ୍କ ଭଳି ବିରାଟ ମାତ୍ର ଏହା ଅତ୍ୟନ୍ତ ଆକର୍ଷଣୀୟ ଓ ମନ ମୋହକ। ଆଗକୁ କୁହାଗଲା-

"ମୋହଶୋକ ବିନାଶୟ
ସୀତାଶୋକ ବିନାଶିନେ
ଭଗ୍ନାଶେଶକ ବନାୟାସ୍ତୁ
ଦଗ୍ଧଲଙ୍କାୟ ବାଗ୍ମିନେ ।।

ସମସ୍ତ ଶୋକ-ମୋହକୁ ବିନାଶ କରୁଥିବା, ଲଙ୍କା ସଦୃଶ୍ୟ ଆମ ଅହଂକାରକୁ ବିନାଶ କରୁଥିବା ହନୁମାନ ହିଁ ସୀତାଙ୍କ ଶୋକ ହରଣ କରିଥିଲେ। ଆଉ ଏହି ଯୁଗରେ, ପୁରୁଷୋତ୍ତମ କ୍ଷେତ୍ରରେ ସୀତା ରୂପି ମା'ମହାଲକ୍ଷ୍ମୀଙ୍କ ଶୋକକୁ ହରଣ କରିଥିଲେ ପ୍ରଭୁ ଶ୍ରୀ ଶ୍ରୀ ଶିରୁଳୀ ମହାବୀର।

କିମ୍ବଦନ୍ତୀ ଅନୁସାରେ ରୌଦ୍ରରୂପି ମହାବୀର ଶ୍ରୀ ମନ୍ଦିରରେ ଯେତେବେଳେ ପ୍ରଭୁ ଜଗନ୍ନାଥଙ୍କ ସେବାରେ ଉପସ୍ଥିତ ଥିଲେ ତାଙ୍କ ନିଶ୍ୱାସ-ପ୍ରଶ୍ୱାସର ଶବ୍ଦରୁ ମା' ମହାଲକ୍ଷ୍ମୀଙ୍କ ନିଦ୍ରାରେ ବ୍ୟାଘାତ ଆସୁଥିଲା। ତେଣୁ ମା'ଙ୍କ ଅନୁରୋଧ କ୍ରମେ ପ୍ରଭୁ ହନୁମାନଙ୍କ ଶ୍ରୀମନ୍ଦିର ଠାରୁ ଅଢେଇ ପାଦ ଘୁଞ୍ଚିଯିବାକୁ ଆଦେଶ ଦେଲେ । ପ୍ରଭୁଙ୍କ ଏପରି ଆଦେଶ ଦ୍ୱାରା ଭକ୍ତର ମନ ଆହତ ହୋଇଥିଲା ଓ ଅଭିମାନରେ ମହାପ୍ରଭୁ ନିଜ କାୟାକୁ ବିସ୍ତାରିତ କରି ତାଙ୍କ ବିଶାଳ ପାଦରେ ଅଢେଇ ପାଦରେ ଆସି ଏହି ଶିରୁଳୀରେ ଅଟକିଗଲେ। ଭକ୍ତ ଓ ଭଗବାନଙ୍କ ଅପୂର୍ବ ଲୀଳାର କ୍ଷେତ୍ର ହେଉଛି ଏହି ଶିରୁଳୀ।

ଗାଁର ଇତିହାସ କିମ୍ବା ଲୋକକଥା ଅନୁସାରେ ଆଜି ଯେଉଁ ସ୍ଥାନରେ ଏହି ମନ୍ଦିର ଅଛି ତାହା ୧୨ଶ ଶତାବ୍ଦୀରେ ଗଙ୍ଗବଂଶୀୟ ରାଜାଙ୍କ ଶାସନ କାଳରେ ନିର୍ମିତ ହୋଇଥିବା ଜଣାପଡୁଛି। ସାଧାରଣ ଗ୍ରାମ୍ୟ ମନ୍ଦିର ଶୈଳୀରେ ନିର୍ମିତ ଏହି ମନ୍ଦିରର ଐତିହାସିକ ତଥ୍ୟ ଯେତେ ସ୍ୱଳ୍ପ ଥିଲେ ମଧ୍ୟ ଏହାର ଆଧ୍ୟାତ୍ମିକ ମହତ୍ତ୍ୱ ଯଥେଷ୍ଟ ଅଧିକ। ଉପକୂଳ ଓଡ଼ିଶାର ପ୍ରମୁଖ ବଜରଙ୍ଗ ପୀଠ ଶିରୁଳୀ ମହାବୀର, ସିଦ୍ଧ ମହାବୀର, ପୁରୀ ଓ କଟକର ପଞ୍ଚମୁଖି ହନୁମାନମାନଙ୍କ ମଧ୍ୟରୁ ଏହି ଶିରୁଳୀ ମହାବୀର ହିଁ ସବୁଠାରୁ ଅଧିକ ପ୍ରସିଦ୍ଧ।

ଏହି ମନ୍ଦିରରେ ଥିବା ମହାବୀରଙ୍କ ବିଗ୍ରହ ୧୦-୧୭ ଫୁଟ ଉଚ୍ଚର ହୋଇଥିବା ବେଳେ ଏହାର ନିର୍ମାଣ ଶୈଳୀ ଅତ୍ୟନ୍ତ ରୋଚକ। ଭାରତ ବର୍ଷରେ ମହାବୀରଙ୍କ ଏତେ ବଡ ସ୍ୱୟଂଭୂ ପ୍ରସ୍ତର ମୂର୍ତ୍ତି ବିରଳ। ଏହା ସହ ମୂର୍ତ୍ତିର ଭାବ ଭଙ୍ଗୀ ଏବଂ ଅନ୍ୟ ଅଂଶମାନଙ୍କ ଅଧ୍ୟୟନ କଲେ ଜଣା ପଡେ ଯେ ଏହା ଏକ ଅତ୍ୟନ୍ତ ପ୍ରାଚୀନ ଓ ଭିନ୍ନ ବିଗ୍ରହ ଅଞ୍ଜନା ପୁତ୍ର, ରୁଦ୍ରସ୍ୱରୂପ, ଶ୍ରୀରାମ ଭକ୍ତ, ମହା ପ୍ରତାପି ହନୁମାନଙ୍କ ଏହି ଚାରି ଗୁଣର ସମାହାର ଏହି ବିଗ୍ରହରେ ଦେଖାଯାଇଥାଏ। ମହାବୀରଙ୍କ ଦକ୍ଷିଣ ଜାନୁ ପାଖରେ ମା' ଅଞ୍ଜନା ଥିବା ବେଳେ ମସ୍ତକରେ ଏକ ଶିବଲିଙ୍ଗ ଓ ସପ୍ତଫେଣି ନାଗ ଅଛି, ଦକ୍ଷିଣ ହସ୍ତରେ ଗନ୍ଧମାର୍ଦ୍ଦନ ପର୍ବତ ଓ ବାମ ହାତରେ ଗଦା ଅଛି ଏବଂ ମୁଖରେ ଅତ୍ୟନ୍ତ କ୍ରୋଧିତ ଭାବରେ ମହାପ୍ରଭୁ ଦୈତ୍ୟ ମୁରାଶୁରକୁ ବଦ୍ଧ କରିବାର ମୁଦ୍ରା ଧାରଣ କରିଛନ୍ତି। କେହି କେହି କୁହନ୍ତି ଏହା ତାଙ୍କ ଅଭିମାନ ସ୍ୱରୂପ କାରଣ ମା'ଙ୍କ କଥାରେ ପ୍ରଭୁ ତାଙ୍କୁ ନିଜ ଠାରୁ ଦୂରେଇ ଦେଇ ତାଙ୍କର ଭକ୍ତପଣିଆକୁ ଅସମ୍ମାନିତ କରିଛନ୍ତି। ତେଣୁ ମହାପ୍ରଭୁଙ୍କ ମୁହଁଟି ଶ୍ରୀମନ୍ଦିରର ଦିଗକୁ ଚାହିଁଛି। ଏହି ପରମ ଭକ୍ତଙ୍କ ଯଥାର୍ଥରେ ସ୍ମରଣ କଲା ବେଳେ କୁହାଗଲା-

"ଶ୍ରୀ ରାମାନୁଚରଂ ଜିତେନ୍ଦ୍ରିୟବରଂ ସୌମିତ୍ରି ସୌଖ୍ୟପ୍ରଦଂ
ରକ୍ଷୋଭୂତ ପିଶାଚ ଦର୍ଗତିହର ରୁଦ୍ରଂ ମରୁନ୍ନନ୍ଦନମ୍
"ଶ୍ରୀ କୌପୀନହରଂ ମହାଭୟହରଂ ଶ୍ରୀରାମମୁଦ୍ରାଧରଂ
ବାଲାର୍କଗ୍ରସନଂ ନଖାୟୁଧଧରଂ ଭକ୍ତିପ୍ରିୟଂ ବାତଜମ୍ ।

ମକର ସଂକ୍ରାନ୍ତି, ପଣାସଂକ୍ରାନ୍ତି, ଦୋଳ ପୂର୍ଣ୍ଣିମା ଦିନମାନଙ୍କ ଏହି ମନ୍ଦିରରେ ବିଶେଷ ପୂଜା ପାଠ ହେଉଥିବା ବେଳେ ମହାବୀରଙ୍କ ଏହି ପୀଠ ଏକ ଜାଗ୍ରତ ପୀଠ। ଆଧ୍ୟାତ୍ମିକ ଉର୍ଜ୍ଜା ଓ ବିଶ୍ୱାସରେ ପୂର୍ଣ୍ଣ ଶିରୁଳୀ ମହାବୀର ପୀଠ ଅନେକ ଭକ୍ତଙ୍କ ଦୁଃଖ କଷ୍ଟ ନିବାରଣ କରିଛନ୍ତି। ମହାବୀର, ମହାଭକ୍ତ ହନୁମାନ ସମସ୍ତଙ୍କ ମଙ୍ଗଳ କରନ୍ତୁ।

"ହନୁମାନ ରାମଭକ୍ତଶ୍ଚ
ମାରୁତିର୍ମରୁତାତ୍ମଜଃ।
ମହାବୀରୋ ମହାଧୀରେ ମହାତେଜା
ମହାବଳଃ ।।୧।।
ଆଞ୍ଜନେୟୋ ମହାକାୟଃ
ସିନ୍ଦୂରାୟିତଲୋଚନଃ
ସୁଗ୍ରୀବ ପ୍ରିୟ କର୍ତ୍ତା ଚ ସୁରାରାତି ବିନାଶକଃ
।।୨।।
ମହାମୂର୍ଦ୍ଧିରେ ଦେବେ । ମହାକାଳୋ
ମହେଶ୍ୱରଃ
କିଲ୍‌କିଲାନାଦକାରୀ ଚ ଜଗଦ୍ଭୟ
ପ୍ରଳମାନଃ ।୧୪।
ହନୁମାନ ସତନାମ ସ୍ତୋତ୍ରଂ।

# ଋଣ ଭାରରେ ରାଷ୍ଟ୍ର



ଉମାଶଙ୍କର ପ୍ରସାଦ
ସମ୍ପାଦକ, ମାର୍ଗଦର୍ଶୀ, ଖୋର୍ଦ୍ଧା
ମୋ- ୬୩୭୦୬ ୭୫୫୬୨

ଅର୍ଥନୀତି ହେଉଛି ପ୍ରତ୍ୟେକ ରାଷ୍ଟ୍ରର ସମସ୍ତ ନୀତି ମଧ୍ୟରେ ପ୍ରମୁଖ ନୀତି। ବିନା ଅର୍ଥନୀତିରେ ଶାସନତନ୍ତ୍ରର ଚକ ଇଞ୍ଚେହେଲେ ଗଡିପାରେନି। ମାତ୍ର ଦୁଃଖ ଓ ପରିତାପର ବିଷୟ ଆମଦେଶର ଅର୍ଥନୀତି ଆଜି ବିପର୍ଯ୍ୟୟ। ଫଳରେ ରାଷ୍ଟ୍ର ଆଜି ଋଣଯନ୍ତାରେ କବଳିତ। ଆମ ରାଷ୍ଟ୍ର ଭାରତବର୍ଷ ବିଶ୍ୱର ବହୁ 'ଅର୍ଥ ପ୍ରତିଷ୍ଠାନ ଏବଂ ବନ୍ଧୁ ରାଷ୍ଟ୍ରମାନଙ୍କ ପଖରୁ ଅପର୍ଯ୍ୟାପ୍ତ ପରିମାଣର କୋଟି କୋଟି ଡଲାର ଅର୍ଥ ରାଶି ଋଣ ଆଣି ବିଭିନ୍ନ ପ୍ରକାର ସମାଜ କଲ୍ୟାଣ କାମରେ ବିନିଯୋଗ କରୁଛି। ଆମେ ବିଦେଶକୁ ବହୁ ପରିମାଣରେ ବିବିଧ ପ୍ରକାର ସାମଗ୍ରୀ ଏବଂ ସେବା ପ୍ରେରଣ କରି ଆର୍ଥିକ ଦେଣନେଣ କ୍ଷେତ୍ରରେ ଆମର ଯେଉଁ ଧାରା ବଜାୟ ରଖିପାରିଛେ ତାହାହିଁ ଆମ ଦେଶବାସୀଙ୍କୁ ଯଥେଷ୍ଟ ଉତ୍ସାହ ଆଣି ଦେଇଥିଲେ ସୁଦ୍ଧା ଆମେ ବାହାସ୍ଫୋଟ ମାରି କହିପାରିବାନି ଯେ ଆମେ ଖୁବ ସ୍ୱଚ୍ଛଳ। ଆମକୁ ମୋଟେ ଅଭାବ ଛୁଇଁ ପାରିନାହିଁ। ସତକହିବାକୁ ଗଲେ ଆମେ ତଥା ଆମ ଦେଶ ବର୍ତ୍ତମାନ ଋଣ ଭାରାରେ ଉବୁଟୁବୁ। ଆମେ ଏକ ଋଣିରାଷ୍ଟ୍ର ଭାବେ ସାରା ବିଶ୍ୱରେ ପରିଚିତ ହୋଇଛେ। 'ଅର୍ଥାତ ଋଣଂ କୃତ୍ୱା ଘୃତଂ ପିବେତ ନୀତିକୁ ଆମେ ଆପଣେଇ ନେଇଛେ।

ଆମ ଋଣ ସମସ୍ୟାର ଇତିହାସକୁ ତର୍ଜମା କଲେ ଜଣାଯାଏ, ୧୯୯୧ ମସିହାରେ ପ୍ରଥମେ ଯେତେବେଳେ ଆର୍ଥିକ ସଂସ୍କାର ପ୍ରକ୍ରିୟା ଆରମ୍ଭ ହୋଇଥିଲା ଆମେ ସେତେବେଳେ ଦାରିଦ୍ର୍ୟର ଶକ୍ତି ପୀଠ ଉପରେ ଥାଇ ସୁଦ୍ଧା ଆନନ୍ଦରେ ନାଚି ଉଠିଥିଲେ। ମନେ ହେଲା ଯେପରି ଦୈନ୍ୟ ଅନ୍ଧକାର ଏଠାରୁ ଧୀରେ ଧୀରେ ଦୂରେଇ ଯାଉଛି। କାହିଁକିନା ଆମେ ଆମ ଆମଦାନୀ ନୀତିରେ କୋହଳତା ଅବଲମ୍ବନ କରିବା ସହ ଆର୍ଥିକ ପ୍ରଗତିରେ ଇନ୍ଧନ ଯୋଗାଇବା ପାଇଁ ଆମେ ବିଶ୍ୱ ଅର୍ଥଋଣଦାତାଙ୍କ ପାଖରୁ ଅଧିକ ଋଣ ଆଣିବାପାଇଁ ଧାଇଁଲେ। ୧୯୯୧ ମସିହାରେ ସମୁଦାୟ ମୋଟ ବୈଦେଶିକ ଅର୍ଥ ପ୍ରାପ୍ତି ହିସାବକୁ ଦେଖିଲେ ସେତେବେଳେ ଋଣ ସେବା ହାର ୩୨.୩ ପ୍ରତିଶତ ଥିଲା। ୨୦୦୧ ମସିହା ସେପ୍ଟେମ୍ବର ମାସରେ ଏହା ୧୩ ପ୍ରତିଶତକୁ ହ୍ରାସ ପାଇ ଆସିଲା। ସେତେବେଳେ ଏହାକୁ ଏକ ସ୍ୱଚ୍ଛଅବସ୍ଥା ବୋଲି ମନେକରାହେଲା। ୧୯୯୦-୨୦୦୦ ସେହି ଏକ ଦଶନ୍ଧି ମଧ୍ୟରେ ଆମର ଅର୍ଥନୀତି ଭାରତର ମ୍ୟୁଚୁଆଲ ଫଣ୍ଡ, ବିଶ୍ୱବ୍ୟାଙ୍କ ଏବଂ ଏଗୁଡିକର ଅର୍ଥ ସହାୟତା ଉପରେ ନିର୍ଭର କରୁଥିଲା। ଫଳରେ ୨୦୦୦ ମସିହାରେ ଆମର ସମୁଦାୟ ଋଣର ପରିମାଣ ଆମେରିକୀୟ ଡଲାର ହିସାବରେ ୧୦୦.୪ ବିଲିୟନ ଡଲାରକୁ ଛୁଇଁଥିଲା। ୨୦୦୨-୨୦୦୩ ରେ ଏହାର ପରିମାଣ ସେହି ଆମେରିକୀୟ ଡଲାର ହିସାବରେ ୭୦.୯ ଡଲାର ହେଲା ଯାହାକି ରିହାତି ଋଣର ୪୩.୭ ପ୍ରତିଶତ ଅଟେ। ଏହାର ପରିମାଣରେ ହ୍ରାସ ଘଟିଥିବାରୁ ବିଶ୍ୱବ୍ୟାଙ୍କ ଅବଗଣନାରେ ବିଦେଶୀ ଋଣ କ୍ଷେତ୍ରରେ ଭାରତର ସ୍ଥିତି ବିଶ୍ୱରେ ସ୍ୱଳ୍ପ ଋଣଗ୍ରସ୍ତ ରାଷ୍ଟ୍ରରୂପେ ତାଲିକାଭୁକ୍ତ ହୋଇଥିଲା। ବିଶ୍ୱ ସମୁଦାୟ ଆର୍ଥିକ କାଳର ଋଣଗ୍ରହୀତା ଭାବେ ରାଷ୍ଟ୍ରଗୁଡିକୁ ତିନୋଟି କ୍ଷେତ୍ରରେ ବିଭକ୍ତ କରାଯାଇଛି। ଯାହା ବୈଦେଶିକ ଋଣକୁ ଭିତ୍ତିକରି ଦର୍ଶାଯାଇଛି। ସେଗୁଡିକ ହେଲା ୧- ଉଚ୍ଚ ଋଣଗ୍ରସ୍ତ ରାଷ୍ଟ୍ର, ଦ୍ୱିତୀୟରେ ସାଧାରଣ ଋଣଗ୍ରସ୍ତ ରାଷ୍ଟ୍ର, ତୃତୀୟ ବା ଶେଷ ସ୍ତରରେ ସ୍ୱଳ୍ପ ଋଣଗ୍ରାହୀ ରାଷ୍ଟ୍ର।

ଚଳିତ ଋଣ ହିସାବ ଖାତାକୁ ଦେଖିଲେ ଅନୁମେୟ ହୁଏ, ୧୯୯୦-୯୧ ରେ ଆମର ଋଣ ସେବା ଥିଲା ୩୫.୩ ପ୍ରତିଶତ। ୧୯୯୮-୯୯ ରେ ଏହି ପ୍ରତିଶତ ୧୫.୪ ପ୍ରତିଶତ କୁ ଖସି ଆସିଥିଲା। ଏହାକୁ ଅର୍ଥନୀତିରେ ସୁସ୍ଥ ସୁଚନା ବୋଲି କହିବାକୁ ପଡିବ। କିନ୍ତୁ ବର୍ତ୍ତମାନ ହିସାବ ଖାତାକୁ ଦେଖିଲେ ଆମ ଦେଶର ଜନସଂଖ୍ୟା ୧୪୦ କୋଟିରେ ପହଞ୍ଚିଲାଣି। ବର୍ତ୍ତମାନ ଜନ୍ମିତ ଶିଶୁଠୁ ବୟସ୍କଙ୍କ ମୁଣ୍ଡ ପିଛା ଏକ ଲକ୍ଷରୁ ଅଧିକ ଋଣ। କେନ୍ଦ୍ର ସରକାର ବର୍ତ୍ତମାନ ସଂସଦରେ ନିଷ୍ପତ୍ତି ନେଇଛନ୍ତି ୨୦୨୩-୨୪ ବର୍ଷପାଇଁ ୧୫.୦୩ ଲକ୍ଷ କୋଟିର ନୂତନ ଋଣ କରିବେ। ସେଥିପାଇଁ ବଜେଟରେ ଏହାର ଅଂଶର ପରିମାଣ ୩୪.୩୨ ପ୍ରତିଶତ ରଖାଯାଇଛି। ଆଗରୁ କେନ୍ଦ୍ର ସରକାର ୧୫୨.୬ ଲକ୍ଷ କୋଟିର ଋଣ ବ୍ୟବହାର କରିଛନ୍ତି। ନରେନ୍ଦ୍ର ମୋଦୀ ସରକାର ୧୦୬ ଲକ୍ଷ କୋଟିର ଋଣ କରିଛନ୍ତି ଯାହାର ସୁଧ ବାବଦକୁ ୧୦.୮ ଲକ୍ଷ କୋଟି ବାର୍ଷିକ ଭରଣା କରିବାକୁ ପଡୁଛି। ଯଦି କେନ୍ଦ୍ର ସରକାରଙ୍କର ଏଭଳି ଋଣକରିବା ପ୍ରକ୍ରିୟାକୁ ତର୍ଜମା କରାଯାଏ ତେବେ ପ୍ରତି ସେକେଣ୍ଡରେ କେନ୍ଦ୍ର ସରକାର ୪ଲକ୍ଷ ଟଙ୍କାର, ଏବଂ ୨.୪ କୋଟି ପ୍ରତି ମିନିଟରେ, ୧୪୪ କୋଟି ପ୍ରତି ଘଣ୍ଟାରେ, ୩୪୫୬ କୋଟି ପ୍ରତିଦିନ, ଏବଂ ୧.୦୩ ଲକ୍ଷ କୋଟି ପ୍ରତି ମାସରେ, ଏବଂ ୧୨.୪୭ କୋଟି ପ୍ରତି ବର୍ଷ ଏବଂ ୧୦୬ କୋଟି ଋଣ ଆଠ ବର୍ଷରେ କରିଛନ୍ତି। ଦେଶ ସ୍ୱାଧୀନ ହେବାର ୭୦ ବର୍ଷ ଭିତରେ ୧୪ ଜଣ ପ୍ରଧାନ ମନ୍ତ୍ରୀ ସେମାନଙ୍କର ଶାସନ କାଳଖଣ୍ଡ ରେ ୫୫,୮୭,୧୪୭ କୋଟି ଋଣ କରିଥିବା ବେଳେ ମାନ୍ୟବର ପ୍ରଧାନ ମନ୍ତ୍ରୀ ତାଙ୍କର ଆଠ ବର୍ଷ ଶାସନ କାଳରେ ୧୦୬ ଲକ୍ଷ କୋଟିର ଋଣ କରିଛନ୍ତି। ପ୍ରାକ୍ତନ ପ୍ରଧାନମନ୍ତ୍ରୀ ତାଙ୍କ ସମୟରେ ୮୩,୦୦୦ କୋଟି ବାର୍ଷିକ ଋଣ କରିଥିବା ବେଳେ ବର୍ତ୍ତମାନର ପ୍ରଧାନ ମନ୍ତ୍ରୀ ନରେନ୍ଦ୍ର ମୋଦୀ ମାସିକ ୧.୦୩ ଲକ୍ଷ କୋଟି ଋଣ କରୁଛନ୍ତି। ଯଦି ଭାରତର ଜି.ଡି.ପି କୁ ତୁଳନା କରାଯାଏ ତେବେ ୨୦୧୯ ରେ ନ୍ୟାସନାଲ ଡେବ୍‌ଟ ଟୁ ଜି.ଡି.ପି ରେସିଓ ଏହିପରି ଥିଲା ୭୫.୪%-- ୨୦୨୦ ରେ ୮୫.୫୩%, ୨୦୨୧ ରେ ୮୪.୬୮%, ଏବଂ ୨୦୨୨ ରେ ୮୩.୧୩% ଥିଲା। ଡିସେମ୍ବର ୨୦୨୨ ସୁଦ୍ଧା ଭାରତର ସମୁଦାୟ ଋଣ ର ପରିମାଣ ଥିଲା ୧,୬୩୭, ୫୩୪.୬୨୮ ଏବଂ ୨୦୨୨ ସେପ୍ଟେମ୍ବରରେ ଋଣ ଥିଲା ୧,୬୦୮, ୦୪୨.୦। ସେହିପରି ଆମ ରାଜ୍ୟ ମଧ୍ୟ ଋଣ ଜନ୍ତାରେ ପଡିଛି। ଏହାର ଋଣ ଭାର ୨୨.୦୪୨ (୨୦୨୧-୨୨) ଆର୍ଥିକ ବର୍ଷରେ ଥିବା ବେଳେ ଅତିତ ୧୨ ବର୍ଷ ରେ ଏହା ଦ୍ୱିଗୁଣିତ ହୋଇ ୨୨.୮୨୭.୫୪ ରେ ଅର୍ଥାତ ବର୍ତ୍ତମାନ ଆର୍ଥିକ ବର୍ଷରେ ପହଞ୍ଚିଛି। (ଓଡିଶା ପୋଷ୍ଟ)। ୧୯୯୯-୨୦୦୦ ରେ ପର କ୍ୟାପିଟା ଋଣ ଭାର ରଜ୍ୟର ଥିଲା ୪,୯୧୮ ଯେତେବେଳେ ପର କ୍ୟାପିଟା ଇନକମ ଥିଲା ୧୩.୦୧୨। ରାଜ୍ୟର ସମୁଦାୟ ଋଣ ଭାର ୧.୦୩ ଲକ୍ଷ କୋଟି ଯାହା ବିଭିନ୍ନ ସଂସ୍ଥା ଯାହା ହେଲା ୬୩୪୭ କୋଟି ବିଦେଶୀ ଏଜେନ୍ସିଙ୍କ ଠାରୁ , ୫୩,୩୮୫ କୋଟି ଇଣ୍ଟରନ୍ୟାସନାଲ ସୋର୍ସରୁ ଯଥା ଖ୍ୟାମ୍ପା, ଓଏମବିଏଡଡିସି, ୱାର୍ଲଡ ବ୍ୟାଙ୍କ , ଏସିଆନ ଡେଭଲପମେଣ୍ଟ ବ୍ୟାଙ୍କ, ଇଣ୍ଟରନ୍ୟାସନାଲ ଫଣ୍ଡ ଫର ଏଗ୍ରିକଲ୍‌ଚର ଏବଂ ବ୍ରିକ୍ସ ବ୍ୟାଙ୍କ ଓ ନାବାର୍ଡ ପ୍ରଭୃତିରୁ ୧୫,୬୨୩ କୋଟି ଋଣ କରିଛି। ବର୍ତ୍ତମାନ ଆମ ଭାରତ ସରକାରଙ୍କର ଆଉଟ ଷ୍ଟାଣ୍ଡିଙ୍ଗ ଆଭ୍ୟନ୍ତରିଣ ଓ ବାହ୍ୟିକ ଋଣର ପରିମାଣ ୧୯୬,୭୮,୭୭୨.୬୮ ଅଛି ଯାହା ୨୦୨୪-୨୫ ତୁଳନାରେ ଯଥେଷ୍ଟ ଅଧିକ ଯାହା ଆମ ପାଇଁ ଚିନ୍ତାର କାରଣ।

ଯଦି ଅନ୍ୟାନ୍ୟ ଦେଶ କୁ ତୁଳନା କରଯାଏ ହଂକଂ ଏଭଳି ଏକ ଦେଶ ଯାହାକୁ ଋଣ ମୁକ୍ତ ଦେଶ କୁହାଯାଇପାରେ। ଏବେ ଆମ ଭାରତ ବର୍ଷ ଯଦିଓ ଏକ ଆର୍ଥିକ ଶକ୍ତିରେ ଉଭା ହୋଇଛେ ମାତ୍ର ଆମେ ଆମର ଋଣ ଜନ୍ତାରୁ ମୁକୁଳି ପାରିନୁ। ଆମେ ଅର୍ଥ ସାହାଯ୍ୟ କରିବାରେ ବାହାରେ ବଦାନ୍ୟତାର ରାଷ୍ଟ୍ରରେ ପହଞ୍ଚିଲେଣି, ତଥାପି ଆମକୁ ଏଭଳି କିଛି ଆଖିଦୃଶିଆ ପଦକ୍ଷେପ ନେଇ ଋଣମୁକ୍ତ ହେବାପାଇଁ ଯୋଜନା ପ୍ରସ୍ତୁତ କରିବାକୁ ପଡିବ।

# କାହାନ୍ତି ମାତା କେଉଁଠି ରାଜ୍ୟ ନିର୍ମାତା ?



ନେତାଜୀ ତାପସ କୁମାର ସାହୁ
ପୂର୍ବତନ ଅଧ୍ୟାପକ, ଡଃ ଯଦୁନାଥ ଡିଗ୍ରୀ କଲେଜ, ବାଲେଶ୍ୱର
ମୋ - ୮୨୬୦୩୫୬୧୧୩

୧୯୩୬ ମସିହା ଏପ୍ରିଲ ମାସ ୧ ତାରିଖ ଦିନ ଭାଷା ଭିତ୍ତିକ ରାଜ୍ୟ ରୂପେ ଆମ ଓଡ଼ିଶା ପ୍ରଦେଶ ଗଠନ ହୋଇଥିଲା । ଆଜିକୁ ୯୦ ବର୍ଷ ହେଇଗଲାଣି ସ୍ୱତନ୍ତ୍ର ପ୍ରଦେଶ ଗଠନର। ଆଉ ଗୋଟେ ଦଶନ୍ଧି ପରେ ଆମେ ଶତ ବାର୍ଷିକୀ ପାଳନ କରିବା ପାଇଁ ଏବେଠୁ ବିକଶିତ ଓଡ଼ିଶା ପ୍ରସଙ୍ଗ କହି ପ୍ରସ୍ତୁତ ହେଉଛୁ । କିନ୍ତୁ ଦୁର୍ଭାଗ୍ୟର ବିଷୟ ଆଜି ପର୍ଯ୍ୟନ୍ତ ଆମ ରାଜ୍ୟ ନିର୍ମାଣର ସୂତ୍ରଧର ମାନଙ୍କ ବିଷୟରେ ଅନ୍ୟ ରାଜ୍ୟ ଓ ଶାସକଙ୍କ ତୁଳନାରେ ପାଠ୍ୟପୁସ୍ତକଠୁ ଆଲୋଚନା ଚକ୍ର କ୍ୱଚିତ୍ ଦେଖିବାକୁ ମିଳେ। ଓଡ଼ିଶାରେ ପଢ଼ା ଯାଉଥିବା ଇତିହାସ ପୁସ୍ତକରେ ମୋଗଲ, ମରାଠା, ଇଂରେଜ ମାନଙ୍କ ବିଷୟରେ ଯେତେ ଆଲୋଚନା ହୋଇଛି ତଥା ବର୍ତ୍ତମାନର ପିଢ଼ି ଯେତିକି ସେମାନଙ୍କୁ ପ୍ରାଞ୍ଜଳ ଭାବରେ ଜାଣିଛନ୍ତି, ତାଙ୍କ ତୁଳନାରେ ଆମ ଓଡ଼ିଆ ଚକ୍ରବର୍ତ୍ତୀ ସମ୍ରାଟ ମହାମେଘବାହନ ଐର ଖାରବେଳଙ୍କ ଅତୁଳନୀୟ ପରାକ୍ରମ, ବୀର ଶ୍ରୀ ଗଜପତି ଗୌଡେଶ୍ୱର ନବକୋଟି କର୍ଣ୍ଣାଟ କଳବର୍ଗେଶ୍ୱର କପିଳେନ୍ଦ୍ରଦେବ, ପୁରୁଷୋତ୍ତମ ଦେବ, ଅନଙ୍ଗଭୀମ ଦେବ, ଇନ୍ଦ୍ରଦ୍ୟୁମ୍ନ, ଚୋଡ଼ଗଙ୍ଗ ଦେବ, ଲାଙ୍ଗୁଳା ନରସିଂହ ଦେବ, ଯଯାତି କେଶରୀ, ପ୍ରତାପ ରୁଦ୍ର ଦେବ, ରାଣୀ ସୁକଦେଈଙ୍କ ପରି ଅନେକ ରାଜ୍ୟର ଶ୍ରୀ ବୃଦ୍ଧି କରିଥିବା ଉତ୍କଳ ମାତାଙ୍କ ସୁଯୋଗ୍ୟ ସନ୍ତାନ ମାନଙ୍କ ବିଷୟରେ ସେମାନେ କେତେ ଅବଗତ ଏବଂ ଏହାର ପ୍ରତିଶତ ତଥା ଉତ୍ତର ପିଢ଼ି ପାଇଁ ତାହା କିପରି ହସ୍ତାନ୍ତର କରାଯାଇ ପାରିବ, ତାହା ବେଶ୍ ଚିନ୍ତା ଜନକ । କୁହାଯାଏ ଯେଉଁ ସଭ୍ୟତାର ଇତିହାସ, କଳା, ସଂସ୍କୃତି ଏବଂ ସାହିତ୍ୟ ଯେତେ ପୁରୁଣା, ସେ ସେତିକି ସମୃଦ୍ଧଶାଳୀ ହୋଇପାରିବ ଯଦି ଏହାର ବାସ୍ତବ ରକ୍ଷଣା ବେକ୍ଷଣ ଏବଂ ପିଢ଼ି ପରେ ପିଢ଼ି ସୁରକ୍ଷିତ ଭାବେ ହସ୍ତାନ୍ତର କରାଯାଏ । ବୋଧେ ଦୁନିଆର ସବୁଠୁ ପୁରୁଣା ସଭ୍ୟତା ଭାରତ ଏହି ପଦ୍ଧତି ଅବଲମ୍ବନ କରିଥିବାରୁ ଆମର ଆତ୍ମା ସୁରକ୍ଷିତ ରହିଛି, ଅନ୍ୟଥା ବିଶ୍ୱର ଅନ୍ୟ ସଭ୍ୟତା ପରି ଲୋପ ପାଇ ଯାଇଥାନ୍ତା ।

ତେଣୁ ଏହି କ୍ରମରେ ଓଡ଼ିଶାର ପରିସ୍ଥିତି କେଉଁଠି ଆମକୁ ଚିନ୍ତା କରିବାର ସମୟ ଆସିଛି । ରାଜ୍ୟର କୌଣସି ସ୍ଥାନରେ ଆମ ଓଡ଼ିଆ ସମ୍ରାଟ ମାନଙ୍କ ମୂର୍ତ୍ତି କିମ୍ବା ଚିତ୍ର ଦେଖିବାକୁ ମିଳୁନଥିବା ବେଳେ ସେମାନଙ୍କର ଜୟନ୍ତୀ, ରାଜ୍ୟାଭିଷେକ ଉତ୍ସବ କିମ୍ବା ଶ୍ରାଦ୍ଧ ଦିବସ ପାଳନ କରାଯାଉ ନାହିଁ । ଫଳରେ ଅନେକ ସମୟରେ ଏହି ରାଜ୍ୟ ନିର୍ମାତା ମାନଙ୍କ କଥା କେବଳ ଇତିହାସ ବହିରେ ଗୋଟିଏ ଅନୁଚ୍ଛେଦରୁ ଆରମ୍ଭ ହୋଇ କିଛି ପୃଷ୍ଠା ମଧ୍ୟରେ ସୀମିତ ରହିଯାଉଛି । ଆମେ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ କାଳଜୟୀ ସୃଷ୍ଟି 'ଉତ୍କଳ ସନ୍ତାନ'ର ଉକ୍ତି 'ତୋ ପୂର୍ବ ପୁରୁଷେ ଜୟ କରିଥିଲେ ଗଙ୍ଗା ଠାରୁ ଗୋଦାବରୀ' କହି ବୁଲୁଛୁ, କିନ୍ତୁ ତାର ପରବର୍ତ୍ତୀ ବାକ୍ୟ 'ତାଙ୍କରି ଔରସେ ଜନ୍ମ ହୋଇ ତୁହି କେଉଁ ଗୁଣେ ତାଙ୍କୁ ସରି'କୁ କେବେ ତର୍ଜମା କରି ନାହୁଁ। କରିଥିଲେ ଆଜି ଆନ୍ଧ୍ରପ୍ରଦେଶ, ତେଲେଙ୍ଗାନା, ତାମିଲନାଡୁ ଓ କର୍ଣ୍ଣାଟକରେ ପ୍ରାଚୀନ କଳିଙ୍ଗର ଅକ୍ଷୟ କୀର୍ତ୍ତି ବିଷୟରେ ଅବଗତ ଥାଆନ୍ତେ ଏବଂ ସେ ସମୟରେ ସେଠାରେ ଆମ ଓଡ଼ିଆ ରାଜା ମାନଙ୍କ ଦ୍ୱାରା ନିର୍ମିତ ବିଭିନ୍ନ ମନ୍ଦିରର ଗାତ୍ରରେ ତାଙ୍କର ମୂର୍ତ୍ତି କିପରି ଖୋଦିତ ଅବା ଚିତ୍ରିତ ହୋଇ ରହିଛି, ସେ ବିଷୟକୁ ନେଇ ଆମ ରାଜ୍ୟରେ ତାଙ୍କୁ ଉଚିତ ସମ୍ମାନ ଦେଇ ସ୍ମୃତି ରକ୍ଷା ପାଇଁ ଉଦ୍ୟମ କରିଥାନ୍ତେ । ଖାଲି ସେତିକି ନୁହେଁ ବିଶ୍ୱ ପ୍ରସିଦ୍ଧ କୋଣାର୍କ ସୂର୍ଯ୍ୟ ମନ୍ଦିର ସହ ଜଡ଼ିତ ଶିବେଇ ସାମନ୍ତରାୟ, ବିଶୁ ମହାରଣା ଓ ଧର୍ମପଦଙ୍କ ପ୍ରତି ଆମେ କେତେ ନ୍ୟାୟ କରିଛୁ ତାହା ବିଚାର କରିବା ଆବଶ୍ୟକ। ଏକ ପକ୍ଷରେ ପ୍ରଭୁ ଶ୍ରୀରାମଙ୍କ ଅକ୍ଷୟ କୀର୍ତ୍ତିକୁ ନେଇ ତଥ୍ୟ ସଂଗ୍ରହ ପୂର୍ବକ ଶ୍ରୀରାମ କରିଡର ନିର୍ମାଣ କରାଯାଉଥିବା ବେଳେ ଛତ୍ରପତି ଶିବାଜୀ ମହାରାଜ, ମହାରାଣା ପ୍ରତାପ, ପୃଥ୍ୱୀରାଜ ଚୌହାନ, ରାଣୀ ଲକ୍ଷ୍ମୀବାଈ, ପଦ୍ମିନୀଙ୍କ ଜୀବନ ଗାଥା ଓ କୀର୍ତ୍ତିକୁ ନେଇ ଚଳଚ୍ଚିତ୍ର ନିର୍ମାଣ କରାଯାଉଛି। ସେ ତୁଳନାରେ ଓଡ଼ିଆ ରାଜାମାନଙ୍କ କୀର୍ତ୍ତିକୁ ନେଇ ସ୍ୱତନ୍ତ୍ର ଚଳଚ୍ଚିତ୍ର ମହାସମୁଦ୍ରକୁ ଆଞ୍ଜୁଳାଏ ପାଣି ପରି ଦେଖିବା ପାଇଁ ମିଳେ । 'ଶ୍ରୀଜଗନ୍ନାଥ' ଚଳଚ୍ଚିତ୍ରରେ ମହାରାଜ ଇନ୍ଦ୍ରଦ୍ୟୁମ୍ନ, ଗୁଣ୍ଡିଚା ରାଣୀଙ୍କୁ ଏବଂ 'ମାଣିକ' ରେ ପୁରୁଷୋତ୍ତମ ଦେବଙ୍କୁ ଦେଖିବାକୁ ଯଦିଓ ମିଳିଥିଲା, କିନ୍ତୁ ତାହା ଯଥେଷ୍ଟ ନୁହେଁ । କାରଣ ଯୋଦ୍ଧା ଆକବର, ବାଜିରାଓ ମସ୍ତାନି, ତାନାଜୀ, ଛାଭା, ବାହୁବଳୀ, ଅଶୋକ, ପଦ୍ମାବତ, ମଣିକର୍ଣ୍ଣିକା, ପାନିପଥ, ରୁଦ୍ରମାଦେବୀ, ଗୌତମୀ ପୁତ୍ର ସାତକର୍ଣୀ ପରି ଅନେକ ଚଳଚ୍ଚିତ୍ର ଯେତିକି ଲୋକ ପ୍ରିୟତା ସାଉଁଟିବା ସହ ସଫଳ ହୋଇ ପାରିଛି, ଆମ ଓଡ଼ିଆ ରାଜାମାନଙ୍କ ଉପରେ ସେହିପରି ଚଳଚ୍ଚିତ୍ର ଜାତୀୟ ସ୍ତରରେ ହୋଇ ପାରିନାହିଁ । ଚଳଚ୍ଚିତ୍ର ଜନ ମାନସରେ ପରିବର୍ତ୍ତନ ଆଣିଥାଏ, ଏହା ଉପରେ ଅନ୍ତତଃ ପକ୍ଷେ ଦୃଷ୍ଟି ଦେବାର ସମୟ ଆସିଛି।

ସବୁଠୁ ବଡ଼ ଆଶ୍ଚର୍ଯ୍ୟ ହେବାର ବିଷୟ ହେଉଛି ଆମେ ବନ୍ଦେ ଉତ୍କଳ ଜନନୀ ଗାନ କରୁଛୁ ସତ, କିନ୍ତୁ ରାଜ୍ୟର କେଉଁଠାରେ ମଧ୍ୟ ଉତ୍କଳ ମାତାଙ୍କ ପ୍ରତିମୂର୍ତ୍ତି ଦେଖିବାକୁ ମିଳେ ନାହିଁ। କପିଳ ସଂହିତାରେ ଉଲ୍ଲେଖ ରହିଛି - 'ବର୍ଷାଣାଂ ଭାରତଃ ଶ୍ରେଷ୍ଠ, ଦେଶାନାଂ ଉତ୍କଳ ସ୍ମୃତଃ, ଉତ୍କଳସ୍ୟ ସମ ଦେଶ, ଦେଶ ନାସ୍ତି ମହୀ ତଳେ।' କବିବର ରାଧାନାଥ ରାୟଙ୍କ 'ସର୍ବେଷାଂ ନୋ ଜନନୀ ଭାରତ' କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ରଙ୍କ 'ବନ୍ଦେ ଉତ୍କଳ ଜନନୀ', ଉତ୍କଳଗୌରବ ମଧୁସୂଦନ ଦାସଙ୍କ 'ଉତ୍କଳ ମାତାର ଖେଦୋକ୍ତି', 'ଜନନୀର ଉକ୍ତି', 'ସନ୍ତାନର ଉକ୍ତି' ତଥା ପଣ୍ଡିତ ଗୋଦାବରୀଶ ମିଶ୍ରଙ୍କ 'ତୁଙ୍ଗ ଶିଖରୀ ଚୂଳ' କାଳଜୟୀ କବିତା ଗୁଡ଼ିକ ଉତ୍କଳ ଜନନୀଙ୍କ ବିଷୟରେ ବର୍ଣ୍ଣନା କରିଛନ୍ତି । ସେହିପରି ବ୍ୟାସକବି ଫକୀର ମୋହନ ସେନାପତିଙ୍କ 'ମୋ ମାତୃଭାଷା ମତେ ଶ୍ରେଷ୍ଠ ' ତଥା ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ 'ମାତୃଭୂମି ମାତୃଭାଷାରେ ମମତା ଯା ହୃଦେ ଜନମି ନାହିଁ, ତାକୁ ଯଦି ଜ୍ଞାନୀ ଗଣରେ ଗଣିବା ଅଜ୍ଞାନ ରହିବେ କାହିଁ ?' କବିତା ଗୁଡ଼ିକ ଆମ ଭିତରେ ଓଡ଼ିଆ ଭାବକୁ ଚିର କାଳ ଯାଏଁ ଉଜ୍ଜୀବିତ ରଖିବା ଉଦ୍ଦେଶ୍ୟରେ ଉଲ୍ଲେଖ କରିଛନ୍ତି । ୨୦୦୦ ମସିହାରେ ଗଠିତ ପଡ଼ୋଶୀ ରାଜ୍ୟ ଛତିଶଗଡରେ ଛତିଶଗଡ ମହତାରୀ ଏବଂ ୨୦୧୪ ମସିହାରେ ଗଠିତ ତେଲେଙ୍ଗାନାରେ ତେଲେଙ୍ଗାନା ତଲ୍ଲି ସେମାନଙ୍କ ରାଜ୍ୟର ଦେବୀ ରୂପେ ମାନ୍ୟତା ପାଇବା ସହ ବିଭିନ୍ନ କାର୍ଯ୍ୟାଳୟ ତଥା କାର୍ଯ୍ୟକ୍ରମରେ ସ୍ଥାନ ପାଉଛନ୍ତି, ୧୯୩୬ ମସିହାରେ ଗଠିତ ଆମ ରାଜ୍ୟରେ ଉତ୍କଳ ମାତାଙ୍କ ପ୍ରତିମୂର୍ତ୍ତି ନିର୍ମାଣ କରାଯାଇ ନ ପାରିବା ଦୁର୍ଭାଗ୍ୟ ଜନକ ।

ତେଣୁ ଏବେ ସମୟ ଆସିଛି ସମସ୍ତ ଓଡ଼ିଆ ଏକ ସ୍ୱରରେ ଉତ୍କଳ ମାତା ଏବଂ ସମସ୍ତ ଦିଗ୍ ବିଜୟୀ ସମ୍ରାଟ ମାନଙ୍କ ପ୍ରତିମୂର୍ତ୍ତି ନିର୍ମାଣ କରିବା ପାଇଁ ଏକଜୁଟ ହେବା ସହ ସେମାନଙ୍କ ପାଇଁ ଯଥୋଚିତ ସମ୍ମାନ ଦେବା ପାଇଁ ସଂକଳ୍ପ ବଦ୍ଧ ହେବା । ଆସନ୍ତୁ ଶତାବ୍ଦୀର ଶ୍ରେଷ୍ଠ ଓଡ଼ିଶା ଗଠନରେ ନିଜର ଯୋଗଦାନ ଦେବା ତଥା ଏହି ଐତିହାସିକ ମୁହୂର୍ତ୍ତର ସାକ୍ଷୀ ରହିବା । ବନ୍ଦେ ଉତ୍କଳ ଜନନୀ।

Printed & Published by Basanti Roy on behalf of Integral Publication Pvt. Ltd., Printed at Gayatri Industries, Plot No. TS 3/193, Mancheswar Industrial Estate, Bhubaneswar- 751010, Odisha & Published at 464, Saheed Nagar, Bhubaneswar- 751007 Ph. : 2541448, 2545046, 2545678, Fax : 2545668.
Editor : Jayasish Roy E-mail : sambadkalikanews@gmail.com City Office : Qtr No.-4R-12, Unit-IX (Flat), Bhubaneswar, Pin-751022 ସମ୍ପାଦକ : ଜୟାଶୀଷ ରାୟ

31 YEARS
ସମ୍ବାଦ କଳିଙ୍ଗ
ଭୁବନେଶ୍ୱର, ୧୫ ଅପ୍ରେଲ ୨୦୨୫ ମଙ୍ଗଳବାର




## ବ୍ୟବସାୟୀଙ୍କ ଗାଡ଼ି ଅଟକାଇ ଲୁଟି ନେଲେ ଲକ୍ଷାଧିକ ଟଙ୍କା

**ନନ୍ଦପୁର, ନ୍ୟୁଜ୍ ବ୍ୟୁରୋ**

ନନ୍ଦପୁର ବ୍ଲକ ଅନ୍ତର୍ଗତ ପାଡୁଆ ଥାନା ଅଧିନ ଭେଜା ପଞ୍ଚାୟତ ହାଣ୍ଡିପୁଟ ଗାଁ ନିକଟ ରାସ୍ତାରୁ ଜଣେ ବ୍ୟବସାୟୀଙ୍କ ଗାଡ଼ିରୁ ତିନି ଲକ୍ଷ ପଚାଶ ହଜାର ଟଙ୍କା ଲୁଟ୍ ହୋଇଥିବା ନେଇ ପାଡୁଆ ଥାନାରେ ଅଭିଯୋଗ ହୋଇଛି । ପୋଲିସ ପହଞ୍ଚି ତନାଘନା ଆରମ୍ଭ କରିଛି। ସୂଚନା ଅନୁଯାୟୀ ଅପରାହ୍ନରେ ସିମିଳିଗୁଡ଼ାର ବ୍ୟବସାୟୀ ପ୍ରମୋଦ ଅଗ୍ରୱାଲଙ୍କ ଗୁମାସ୍ତା କୁଦଣ୍ଡା ବିଶୋଇ ଓ ତାଙ୍କ ଡ୍ରାଇଭର କାର୍ ଯୋଗେ ପାଡୁଆର ବ୍ୟବସାୟଙ୍କ ଠାରୁ ଟଙ୍କା ସଂଗ୍ରହ କରି ସେମିଳିଗୁଡାକୁ ଫେରୁଥିବା ବେଳେ ହାଣ୍ଡିପୁଟ ଗାଁ ନିକଟ ମୁଖ୍ୟ ରାସ୍ତା ଉପରେ ଦଶରୁ ପନ୍ଦର ଜଣ ଯୁବକ ଚଇତପର୍ବ ପାଜରବାହାନାରେ କାର୍‌କୁ ଅଟକାଇଥିଲେ। ଖୁଚୁରା ଟଙ୍କା ଦେବା ସମୟରେ ଗାଡି ଭିତରେ ଥିବା ଦୁଇ ଜଣଙ୍କୁ ମାଡ ମାରି ଲହୁ ଲୁହାଣ କରିଥିଲେ ଓ ଟଙ୍କା ବ୍ୟାଗ୍ ଧରି ଦୁର୍ବୃତ୍ତ ମାନେ ନିକଟସ୍ଥ ଜଙ୍ଗଲ ମଧ୍ୟକୁ ଚମ୍ପଟ୍ ମାରିଥିଲେ। ଏ ନେଇ ସଙ୍ଗେ ସଙ୍ଗେ ପାଡୁଆ ପୋଲିସକୁ ଜଣାଇବା ପରେ ପାଡୁଆ ଥାନା ଏସ୍‌ଆଇ ହିମାଂଶୁ ବେନିଆ ଓ ଟିମ ପହଞ୍ଚି ତଦନ୍ତ କରିବା ସହ ଦୁର୍ବୃତ୍ତଙ୍କ ବିଷୟରେ ତନାଘନା ଚଳାଇଛନ୍ତି। ବ୍ୟବସାୟୀ ଜଣକ ମଧ ଥାନାରେ ପହଞ୍ଚିଥିବା ବେଳେ ଦୁଇ କର୍ମଚାରୀଙ୍କୁ ପଚରା ଉଚରା ଜାରି ରହିଛି।

## ଜମିବାଡ଼ି ବିବାଦରୁ ଜଘନ୍ୟ ହତ୍ୟାକାଣ୍ଡ

# ଦାଦାର କଟାମୁଣ୍ଡ ଧରି ଫାଣ୍ଡିରେ ହାଜର ହେଲା ପୁତୁରା

**କେନ୍ଦୁଝର, ନ୍ୟୁଜ୍ ବ୍ୟୁରୋ**



ପୂର୍ବ ଶତ୍ରୁତାରୁ ଦାଦାକୁ ହାଣିଛି ପୁତୁରା। ଗଣ୍ଡିରୁ ମୁଣ୍ଡକୁ ଅଲଗା କରିବା ପରେ କଟାମୁଣ୍ଡ ଧରି ଫାଣ୍ଡିରେ ଆତ୍ମସମର୍ପଣ କରିଛି। କେନ୍ଦୁଝର ସଦର ଥାନା ଅନ୍ତର୍ଗତ ତଳକଇଁସାରି ଗାଁରେ ଘଟିଛି ଏହି ଘଟଣା। ପୋଲିସ ଅଭିଯୁକ୍ତ କବି ଦେହୁରୀ (୩୫)କୁ ଗିରଫ କରି କୋର୍ଟ ଚାଲାଣ କରିଛି। ତଳକଇଁସାରି ଗ୍ରାମର ହରି ଦେହୁରୀ (୫୧)ଙ୍କ ପରିବାର କହିଲେ ପତ୍ନୀ ଓ ଚାରିଝିଅ। ନିଜର ପୁଅ ନଥିବାରୁ ପୁତୁରା କବିକୁ ସେ ପୁଅ ପରି ସ୍ନେହ କରୁଥିଲେ। ହରିଙ୍କ ଜାଗାରେ କବି ଘର କରି ରହୁଥିଲେ। ବର୍ଷେ ତଳେ ହରି ଝିଅ ବାହାଘର କରିଥିଲେ। ବାହାଘରକୁ ଆସିନଥିଲା କବି। ଏହାକୁ ନେଇ ଉଭୟଙ୍କ ମଧ୍ୟରେ ବଚସା ହୋଇଥିଲା। ରାତିରେ ତଳକଇଁସାରି ଗ୍ରାମର ମହୁଲପଦା ସାହିରେ ଦଣ୍ଡନାଚ ହେଉଥିଲା। ନାଚ ଦେଖିବାକୁ ହରି ଓ କବି ଯାଇଥିଲେ। ସେଠାରୁ ଫେରିବା ବାଟରେ ହରିଙ୍କୁ ଅତି ନୃଶଂସ ଭାବେ ଟାଙ୍ଗିଆରେ ହାଣି ହତ୍ୟା କରିଥିଲା ପୁତୁରା କବି। ଏହାପରେ କଟାମୁଣ୍ଡକୁ ଏକ ଜରି ବ୍ୟାଗ୍‌ରେ ପୂରାଇ ଶୁଆକାଟି ଫାଣ୍ଡିରେ ପହଞ୍ଚିଥିଲା। ସକାଳେ ଶୁଆକାଟି ଫାଣ୍ଡିରେ ମୃତକଙ୍କ ଭାଇ ଅର୍ଜୁନ ଦେହୁରୀ ଅଭିଯୋଗ କରିବା ପରେ କେନ୍ଦୁଝର ସଦର ଥାନା ଅଧିକାରୀ ଅମିତ କୁମାର ଭୂୟାଁ, ଏସ୍‌ଡିପିଓ ସୁଦର୍ଶନ ଗାଙ୍ଗୋଇ କଟାମୁଣ୍ଡ ଜବତ କରିବା ସହ ତଦନ୍ତ ଆରମ୍ଭ କରିଥିଲେ। ଏନେଇ ସଦର ଥାନାରେ ଏକ ମାମଲା ରୁଜୁ ହୋଇଛି। କେନ୍ଦୁଝର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଶବ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ଅଭିଯୁକ୍ତକୁ ଦୃଷ୍ଟାନ୍ତମୂଳକ ଦଣ୍ଡବିଧାନ କରିବାକୁ ମୃତକଙ୍କ ସ୍ତ୍ରୀ ସୁକାନ୍ତି ଦେହୁରୀ, ଝିଅ ଶ୍ରୀମତୀ, ସଞ୍ଜିତା, ଭାଇ ଅର୍ଜୁନ, ତଳକଇଁସାରି ସରପଞ୍ଚ ଶକୁନ୍ତଳା ଦେହୁରୀ ଦାବି କରିଛନ୍ତି।

# ଅପ୍‌ଡେଟ୍ ହେଉନି ଗଞ୍ଜାମ ୱେବ୍‌ସାଇଟ୍

**ବ୍ରହ୍ମପୁର, ନ୍ୟୁଜ୍ ବ୍ୟୁରୋ**

ବର୍ଷ ବର୍ଷ ଧରି ଅପ୍‌ଡେଟ୍ ହୋଇନି ଗଞ୍ଜାମ ଜିଲ୍ଲା ୱେବ୍‌ସାଇଟ୍। ଗଞ୍ଜାମ ଜିଲ୍ଲାର ଭୌଗୋଳିକ ସୀମା ସହ ସମସ୍ତ ତଥ୍ୟକୁ ଆଧାର କରି ପ୍ରସ୍ତୁତ ହୋଇଛି ଗଞ୍ଜାମ ଡ଼ଟ୍ ଓଡ଼ିଶା ଡ଼ଟ୍ ଜିଓଭି ଡ଼ଟ୍ ଇନ୍ । ଏହି ସାଇଟ୍‌ରେ ମୁଖ୍ୟମନ୍ତ୍ରୀ ଫଟୋ ସହ ଜିଲ୍ଲାପାଳ ଓ ଦୁଇଜଣ ଏସ୍‌ପିଙ୍କ ଫଟୋ ହୋମ୍ ପେଜ୍‌ରେ ଦିଆଯାଇଛି। ଏହି ଚାରିଜଣଙ୍କ ନାମ ଓ ଫଟୋ ଅପ୍‌ଡେଟ୍ କରାଯାଉଛି। ଏହା ସହ ଜିଲ୍ଲାର ଆଉ କିଛି ଅଧିକାରୀଙ୍କ ନାମ ଅପ୍‌ଡେଟ୍ କରାଯାଉଛି। କିନ୍ତୁ ୱେବ୍‌ସାଇଟ୍‌ରେ ଅନେକ ତଥ୍ୟ ଅପ୍‌ଡେଟ୍ ହୋଇନଥିବା ନଜରକୁ ଆସିଛି। ମିଳିଥିବା ତଥ୍ୟ ଅନୁସାରେ ୩ ବର୍ଷ ହେଲା ଜିଲ୍ଲା କ୍ରୀଡ଼ା ଅଧିକାରୀ ପ୍ରଶାନ୍ତ କୁମାର ସାହୁଙ୍କ ବଦଳି ହୋଇସାରିଛି। ନୂଆ ଅଧିକାରୀ ନିଯୁକ୍ତି ହୋଇଛନ୍ତି। ଏବେବି ୱେବ୍‌ସାଇଟ୍‌ରେ ପ୍ରଶାନ୍ତ କୁମାର ସାହୁଙ୍କ ନାମ ରହିଛି। ସେହିପରି ଏଥିରେ ସରପଞ୍ଚ ମାନଙ୍କ ନାମ ମଧ ଅପ୍‌ଡେଟ୍ କରାଯାଇନାହିଁ । ପୁରୁଣା ସରପଞ୍ଚମାନଙ୍କ ନାମ ୱେବ୍‌ସାଇଟ୍‌ରେ ରହିଛି । ସେହିପରି ଜିଲ୍ଲା ପରିଷଦ ସଭ୍ୟଙ୍କ ନାମ ମଧ ଅପ୍‌ଡେଟ୍ କରାଯାଇନାହିଁ । ରଙ୍ଗେଇଲୁଣ୍ଡା ବ୍ଲକ୍‌ରେ ଜିଲ୍ଲା ପରିଷଦ ସଭ୍ୟ ତାଲିକାରେ ମଞ୍ଜୁଶ୍ରୀ ଦଲାଇ ଓ ବିନୋଦ ଚନ୍ଦ୍ର ମିଶ୍ରଙ୍କ ନାମ ଏବେ ବି ରହିଛି । ପ୍ରେସ୍ ଏଣ୍ଡ ମିଡ଼ିଆରେ ୭ ଜଣଙ୍କ ଗଣମାଧ୍ୟମ ପ୍ରତିନିଧିଙ୍କ ନମ୍ବର ଦିଆଯାଇଛି। ସେମାନଙ୍କ ମଧ୍ୟରୁ କିଛି ଏଠାରୁ ବଦଳି ହୋଇସାରିଥିବା ବେଳେ ଆଉ କିଛି ଗଣମାଧ୍ୟମ ପରିବର୍ତ୍ତନ କରିସାରିଛନ୍ତି । କିନ୍ତୁ ସେହି ତଥ୍ୟ ଅପ୍‌ଡେଟ୍ ହୋଇନଥିବା ଦେଖିବାକୁ ମିଳିଛି । ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ଅଧିକାରୀଙ୍କ ନାମ ଓ ଫୋନ୍ ନମ୍ବର ଏଥିରେ ନଥିବା ବେଳେ ଅଧିକାଂଶ ବିଭାଗ ତଥ୍ୟ ଆସୁନଥିବା ଦେଖିବାକୁ ମିଳିଛି। ସେପଟେ ଏନ୍‌ଏସି ନିର୍ବାହୀ ଅଧିକାରୀଙ୍କ ନାମ ମଧ ଅପଡ଼େଟ୍ ହୋଇନଥିବା ଦେଖିବାକୁ ମିଳିଛି । ଗୋପାଳପୁର ଏନ୍‌ଏସି ନିର୍ବାହୀ ଅଧିକାରୀ ପ୍ରମୋଦ କୁମାର ପାଢ଼ି ଥିବା ବେଳେ ୱେବ୍‌ସାଇଟ୍‌ରେ ମାନସ ରଞ୍ଜନ ମଲ୍ଲିକଙ୍କ ନାମ ଓ ଫଟୋ ରହିଛି। ୨୦୧୯-୨୦ ପର ଠାରୁ ଜିଲ୍ଲାର ସର୍ଭେ ରିପୋର୍ଟ ଅପ୍‌ଡେଟ୍ ହୋଇନାହିଁ । ଜିଲ୍ଲା ପ୍ରଶାସନ ୱେବ୍‌ସାଇଟ୍‌ରୁ ଏହି ତଥ୍ୟ ସାଧାରଣ ଲୋକ ଦେଖିଥିବା ବେଳେ ଏବେ ଆଉ ସେହି ତଥ୍ୟକୁ ଅପ୍‌ଡେଟ୍ କରାଯାଉନାହିଁ । କେତେ ଲଘୁ ଖଣି ଲିଜ୍‌ରେ ଦିଆଯାଇଛି ଏବଂ କେତେ ଟଙ୍କା ରାଜସ୍ୱ ଆଦାୟ ହୋଇଛି ତାହାର କିଛି ତଥ୍ୟ ନାହିଁ। ସେହିପରି ଆସିକା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଉପଖଣ୍ଡ ସ୍ୱାସ୍ଥ୍ୟକେନ୍ଦ୍ର ମାନ୍ୟତା ମିଳିସାରିଛି । କିନ୍ତୁ ଏଠାରେ ଜିଲ୍ଲାରେ କେବଳ ଦୁଇଟି ଭଞ୍ଜନଗର ଓ ଛତ୍ରପୁରରେ ଉପଖଣ୍ଡ ସ୍ୱାସ୍ଥ୍ୟକେନ୍ଦ୍ର ଥିବା ତଥ୍ୟ ଦିଆଯାଉଛି । ଆସିକା ଉପଖଣ୍ଡ ସ୍ୱାସ୍ଥ୍ୟକେନ୍ଦ୍ର ନାମ ଏଥିରେ ନାହିଁ । ଆସିକା ସ୍ୱାସ୍ଥ୍ୟକେନ୍ଦ୍ରକୁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ତାଲିକାରେ ରଖାଯାଇଛି । ଶିକ୍ଷା ବିଭାଗର ଖର୍ଚ୍ଚ ବାବଦ ଯେଉଁ ତଥ୍ୟ ଦିଆଯାଇଛି ତହା ଅପ୍‌ଡେଟ୍ କରାଯାଇନାହିଁ। ଇ-ଗଭର୍ଣ୍ଣାନ୍ସ ଜିଲ୍ଲା ମୁଖ୍ୟ ଗୁରୁଦେବ ଦୋରା କହିଛନ୍ତି, ଅଧିକାରୀଙ୍କ ବଦଳି ହେବା ପରେ ସେହି ସ୍ଥାନରେ ନୂଆ ଅଧିକାରୀ ଦାୟିତ୍ୱ ନେଇଛନ୍ତି । ସେହି ତଥ୍ୟ ଆସୁନାହିଁ, ଯାହାଫଳରେ ଅଧିକାରୀଙ୍କ ନାମ ଅପ୍‌ଡେଟ୍ ହୋଇପାରୁନାହିଁ। ଖୁବ୍‌ଶୀଘ୍ର ୱେବ୍‌ସାଇଟ୍ ଅପ୍‌ଡେଟ୍ କରିବାକୁ ପଦକ୍ଷେପ ଗ୍ରହଣ କରାଯାଇଛି ।

## ଆଇଏଫ୍‌ଏସ୍‌କୁ ପଦୋନ୍ନତି ପାଇବେ ୪୦ ବନ ଅଧିକାରୀ

**ଭୁବନେଶ୍ୱର, ନ୍ୟୁଜ୍ ବ୍ୟୁରୋ**

ରାଜ୍ୟରେ ୪୦ ଜଣ ରାଜ୍ୟ ବନସେବା ଅଧିକାରୀଙ୍କୁ ଆଇଏଫ୍‌ଏସକୁ ପଦୋନ୍ନତି ମିଳିବ। ଏଥିପାଇଁ ରାଜ୍ୟ ବନ ବିଭାଗ ପକ୍ଷରୁ ପ୍ରକ୍ରିୟା ଜୋର୍‌ଦାର୍ ହୋଇଛି । ଏହି କ୍ରମରେ ବିଭିନ୍ନ ସ୍ଥାନରେ କାର୍ଯ୍ୟ କରୁଥିବା ୪୦ ଜଣ ରାଜ୍ୟ ବନ ସେବା ଅଧିକାରୀଙ୍କ ସର୍ଭିସ୍‌ବୁକ୍ ମଗାଯାଇଛି। ଏଥିପାଇଁ ରାଜ୍ୟ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ପକ୍ଷରୁ ବିଭିନ୍ନ ୱିଙ୍ଗର ମୁଖ୍ୟମାନଙ୍କ ଠାରୁ ଏହି ସର୍ଭିସ୍‌ବୁକ୍ ଆହ୍ୱାନ୍ କରାଯାଇଛି । ଗତ କିଛି ଦିନ ତଳେ ରାଜ୍ୟରେ କାର୍ଯ୍ୟରତ ୩୦ ଓଏଏସ୍‌ଙ୍କୁ ଆଇଏଏସ୍ ପାହ୍ୟାକୁ ପଦଯୋତି ମିଳିଥିଲା। ଏହାପରେ ବନସେବା କ୍ଷେତ୍ରରେ ମଧ ଆଇଏଫ୍‌ଏସ୍ ପଦଜ୍ୟୋତି ପାଇଁ ତତ୍ପରତା ପ୍ରକାଶ ପାଇଛି। ତେବେ ପଦୋନ୍ନତି ସୂଚୀରେ ଥିବା ଅଧିକାରୀମାନଙ୍କ ମଧ୍ୟରୁ ୧୨ ଜଣଙ୍କ ନାମରେ ରହିଛି ସଙ୍ଗୀନ ଦୁର୍ନୀତି ଅଭିଯୋଗ । ପୂର୍ବରୁ ଅବିଭକ୍ତ କୋରାପୁଟ, ମୟୂରଭଞ୍ଜ, କେନ୍ଦୁଝର, ସୁନ୍ଦରଗଡ଼, ନୟାଗଡ଼ ଓ ବଲାଙ୍ଗୀର ଜିଲ୍ଲାରେ କାର୍ଯ୍ୟ କରୁଥିବା ସମୟରେ ଏହି ଅଧିକାରୀଙ୍କ ବିରୋଧରେ ବିଭାଗ ନିକଟରେ ଅନେକ ଅଭିଯୋଗ ହୋଇଛି । ସେହିପରି ଭିଜିଲାନ୍ସର 'ସସ୍‌ପେକ୍ଟ' ଲିଷ୍ଟରେ ମଧ କିଛି ଅଧିକାରୀଙ୍କ ନାମ ସୂଚୀଗ୍ରସ୍ତ ହୋଇଥିବାରୁ ପଦୋନ୍ନତି ସମୟରେ ସତର୍କତା ଅବଲମ୍ବନ କରିବା ନିମନ୍ତେ ବିଭାଗ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି ।

## ବେଆଇନ୍ ଗେମିଂ ଆପ୍ ମାଧ୍ୟମରେ ମାସକୁ କମିସନ୍ ପାଉଥିଲା ୧୫ଲକ୍ଷ:ଯୁବକ ଗିରଫ

**ବଲାଙ୍ଗିର, ନ୍ୟୁଜ୍ ବ୍ୟୁରୋ**

ସିଏସ୍‌ସି ସେଣ୍ଟରରୁ କୋଟିପତି। ୟୁଟ୍ୟୁବ୍‌ରୁ ଭିଡିଓ ଦେଖି ଅନ୍‌ଲାଇନ୍ ଗେମିଂ ଆପ୍ କରିବା ଶିଖିଥିଲା। ଏହା ସାହାଯ୍ୟରେ ଲୋକଙ୍କ ଠାରୁ ଟଙ୍କା ଲୁଟିବା ଆରମ୍ଭ କରିଥିଲା। ଠକେଇର ଶିକାର ହୋଇଥିବା କିଛି ଲୋକ ସାଇବର ଥାନାରେ ଅଭିଯୋଗ କରିବା ପରେ ସବୁ ଘଟଣା ସାମ୍‌ନାକୁ ଆସିଥିଲା। ପରେ ବଲାଙ୍ଗିର ସାଇବର ଥାନା ପୋଲିସ ସଂପୃକ୍ତ କୋଟିପତି ଅଭିଯୁକ୍ତକୁ ଗିରଫ କରିଛି। ଏଥିସହ ତା'ଠାରୁ ବହୁ ଦାମୀ କାର୍ ଆଉ ବାଇକ୍ ସହ ନଗଦ ୭ ଲକ୍ଷ ଟଙ୍କା ଜବତ କରିଥିବା ନେଇ ବଲାଙ୍ଗୀର ଏସ୍‌ପି ଅଭିଲାଷ ଜୀ ଏକ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି। ଅଭିଯୁକ୍ତ ଜଣକ ସଇନ୍ତଳା ଥାନା ପାଇକସମରା ଗାଁର ଲକ୍ଷେଶ୍ୱର ମଲ୍ଲିକ ଓରଫ ଚିନୁ (୨୭) ବୋଲି ଜଣାପଡ଼ିଛି। ସୂଚନା ଅନୁସାରେ, ଅଭିଯୁକ୍ତ ଲକ୍ଷେଶ୍ୱର ଏକ ୱେବ୍‌ସାଇଟ୍ ଖୋଲିବା ପରେ ଗେମିଂ ଆପ୍ ଖୋଲି ସେଥିରୁ ସେ କୋଟି କୋଟି ଟଙ୍କା ଲୁଟ୍ କରିଥିଲା। ଆପ୍‌ରେ ୫୦ଟି ଗେମ୍ ରହିଥିବା ବେଳେ ଲୋକେ ଗେମ୍ ଖେଳି ଠକେଇର ଶିକାର ହେଉଥିଲେ। ଠକେଇର ଶିକାର ହେବା ପରେ କିଛି ଲୋକ ବଲାଙ୍ଗିର ପୋଲିସର ଦ୍ୱାରସ୍ଥ ହୋଇଥିଲେ। ଘଟଣାର ଗୁରୁତ୍ୱକୁ ଦୃଷ୍ଟିରେ ରଖି ବଲାଙ୍ଗିର ସାଇବର ପୋଲିସ ଛାନ୍‌ଭିନ୍ ଆରମ୍ଭ କରିଥିଲା। ପରେ କୋଟିପତି ଠକ ଲକ୍ଷେଶ୍ୱରକୁ ଗିରଫ କରିବା ସହ ତା'ଠାରୁ ମହିନ୍ଦ୍ରା ଥାର୍ ପିକ୍‌ଅପ୍, ବୁଲେଟ୍, କେଟିଏମ୍ ବାଇକ୍, ସ୍କୁଟି ଜବତ କରିଛି। ଅଭିଯୁକ୍ତର ବ୍ୟାଙ୍କରେ ଥିବା ୨୫ ଲକ୍ଷ ଟଙ୍କା ଫ୍ରିଜ୍ ହୋଇଛି। ନଗଦ ୭ ଲକ୍ଷ ୫ ହଜାର ଟଙ୍କା, ୧୪ଟି ହାଇ ଆଡଭାନ୍ସ ମୋବାଇଲ୍ ଫୋନ୍, ୪ଟି ଲାପଟପ୍, ୨ଟି ସ୍ୱିପ୍ ମେସିନ୍, ଚେକ୍ ବହି, ଡେବିଟ୍ କାର୍ଡ, କ୍ରେଡିଟ୍ କାର୍ଡ ସହ ପାନ୍‌କାର୍ଡ ଆଦି ଜବତ କରାଯାଇଥିବା ଏସ୍‌ପି ଅଭିଲାଷ ଜୀ ସୂଚନା ଦେଇଛନ୍ତି। ସେ ନିଜ ଗାଁରେ ସିଏସ୍‌ସି ସେଣ୍ଟର ଖୋଲିବା ସହ ଅଲିସାନ୍ ବଙ୍ଗଳା ନିର୍ମାଣ କରିଛି।



## ବାଣ ଫୁଟି ୩ ଗୁରୁତର

**ନୟାଗଡ଼, ନ୍ୟୁଜ୍ ବ୍ୟୁରୋ**

ବିସ୍ଫୋରଣରେ ଥରି ଉଠିଲା ଗାଁ । ଗାଁଠାରୁ ୨ କିଲୋମିଟର ପର୍ଯ୍ୟନ୍ତ ଶୁଭିଲା ଶବ୍ଦ। ନୟାଗଡ଼ ଜିଲ୍ଲା ଗଣିଆ ଥାନା ଅନ୍ତର୍ଗତ ଆଡ଼କଟା ପଞ୍ଚାୟତ କୃଷ୍ଣପଲ୍ଲୀ ଗ୍ରାମରେ ଅପରାହ୍ନ ସମୟରେ ଘଟିଛି ବଡ଼ ଧରଣର ବାଣ ବିସ୍ଫୋରଣ। ବାଣ ଭିଡୁଥିବା ବେଳେ ଅଚାନକ୍ ବିସ୍ଫୋରଣ ଘଟି ଉଡ଼ି ଯାଇଛି ଘର ଆଜବେଷ୍ଟସ୍ । କାନ୍ଥ ଭୁଶୁଡି ପଡ଼ି ଭାଙ୍ଗି ରୁଜି ଚୁର୍ମାର୍ ହୋଇଯାଇଛି। ଏହି ବିସ୍ଫୋରଣରେ ଦୁଇ ଜଣ ଗୁରୁତର ହୋଇଥିବା ବେଳେ ଜଣଙ୍କର ଅବସ୍ଥା ସଂକଟାପନ୍ନ ହୋଇଛି । ଖବରପାଇ ଗଣିଆ ଥାନା ଅଧିକାରୀ ଲକ୍ଷ୍ମଣ ଦଣ୍ଡସେନା ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ଜାରି ରଖିଛନ୍ତି। କୃଷ୍ଣପଲ୍ଲୀ ଗ୍ରାମର ଅଚ୍ୟୁତ ପ୍ରଧାନଙ୍କ ଘରେ ଚାଲିଥିଲା ବେଆଇନ୍ ବାଣ ଭିଡା କାମ ହେଉଥିବା ବେଳେ ହଠାତ୍ କୌଣସି କାରଣରୁ ବିସ୍ଫୋରଣ ହୋଇଥିଲା । ଏହା ଏତେ ଭୟଙ୍କର ଥିଲା ଯେ ବାଣ ଭିଡା ହେଉଥିବା ଘର ଆଜ୍‌ବେଷ୍ଟସ୍ ସମ୍ପୂର୍ଣ୍ଣ ବିକ୍ଷିପ୍ତ ହୋଇ ଏଣେତେଣେ ପଡିଥିଲା। ବିସ୍ଫୋରଣରେ ଅଚ୍ୟୁତଙ୍କ ସ୍ତ୍ରୀ ଗୀତା ପ୍ରଧାନ (୩୫) ଅଧା ପୋଡିଯାଇ ଗୁରୁତର ହୋଇଥିବା ବେଳେ ତାଙ୍କୁ ପ୍ରଥମେ ନୟାଗଡ଼ ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ । ସେଠାରେ ଅବସ୍ଥା ଗୁରୁତର ଥିବାରୁ ଡାକ୍ତର ପ୍ରାଥମିକ ଚିକିତ୍ସାପରେ ଭୁବନେଶ୍ୱର ସ୍ଥାନାନ୍ତର କରିଥିଲେ। ଅଚ୍ୟୁତଙ୍କୁ ଦଶପଲ୍ଲା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ସ୍ଥାନାନ୍ତରିତ କରାଯାଇଥିବା ବେଳେ ଅଚ୍ୟୁତଙ୍କ ଭାଇ ବାହାଦୁର ପ୍ରଧାନ ନୟାଗଡ଼ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସିତ ହେଉଛନ୍ତି। ଅନ୍ୟ ଜଣେ ଆହତ ହୋଇ ରାଜକିଶୋର ପ୍ରଧାନ ଘରେ ଅଛନ୍ତି। ଏହି ବେଆଇନ୍ ବାଣ କାରଖାନା ଏକ କୁକୁଡ଼ା ଫାର୍ମ ଘରେ ଚାଲିଥିଲା। ଦୀର୍ଘଦିନ ଧରି ବେଆଇନ୍ ବାଣ କାରଖାନା ଚାଲି ଆସୁଥିବା ବେଳେ ପୋଲିସ ଜାଣି ଅଜଣା ସାଜିଥିଲା।

## ବାନ୍ଧବୀଙ୍କୁ ସୁଟ୍‌କେଶ୍‌ରେ ଲୁଚାଇ ଆଣିଥିଲେ ପ୍ରେମିକ ଛାତ୍ର



**ନୂଆଦିଲ୍ଲୀ, ନ୍ୟୁଜ୍ ବ୍ୟୁରୋ**

ପ୍ରେମ ପାଇଁ ଅନେକ ଅଜବ ମାମଲା ସାମ୍ନାକୁ ଆସିଥାଏ । ଜଣେ ଯୁବକ ନିଜ ବାନ୍ଧବୀଙ୍କୁ ସୁଟ୍‌କେଶ୍‌ରେ ଲୁଚାଇ ହଷ୍ଟେଲ୍ ଆଣିଥିଲେ । ଏହି ଘଟଣା ଘଟିଛି ହରିୟାଣାର ସୋନୀପତ୍‌ରେ । ଘଟଣାର ଭିଡିଓ ମଧ ସୋସିଆଲ୍ ମିଡିଆରେ ଦ୍ରୁତ ଗତିରେ ଭାଇରାଲ୍ ହେଉଛି । ପୁଅମାନେ ବାସ କରୁଥିବା ହଷ୍ଟେଲ୍‌ରେ ଯୁବତୀଙ୍କୁ ଆସିବା ମନା । ମାତ୍ର ଯୁବକ ଜଣକ ପ୍ରେମ ପାଇଁ ନିଜ ବାନ୍ଧବୀଙ୍କୁ ସୁଟ୍‌କେଶ୍ ଭିତରେ ନେଇ ହଷ୍ଟେଲ୍ ଭିତରକୁ ନେଇଥିଲେ । ମାତ୍ର ଧରାପଡିବା ପରେ ଘଟଣା ସାମ୍ନାକୁ ଆସିଥିଲା । ମିଳିଥିବା ସୂଚନାନୁଯାୟୀ, ଯୁବକ ଜଣକ ବାନ୍ଧବୀଙ୍କୁ ସୁଟ୍‌କେଶ୍ ଭିତରେ ଲୁଚାଇ ନେବା ବେଳେ ଯୁବତୀଙ୍କ ପାଟି ଶୁଣାଯାଇଥିଲା । ସେହି ସମୟରେ ସିକ୍ୟୁରିଟି ଗାର୍ଡଙ୍କୁ ସନ୍ଦେହ ହେବାରୁ ସେ ତୁରନ୍ତ ସୁଟ୍‌କେଶ୍ ଯାଞ୍ଚ କରିଥିଲେ । ଏହାପରେ ସବୁକିଛି ସାମ୍ନାକୁ ଆସିଥିଲା । ସୁଟ୍‌କେଶ୍ ଖୋଲିବା ମାତ୍ରେ ସେଥିରେ ଜିନିଷ ବଦଳରେ ଥିଲେ ଯୁବତୀ । ଏହାଦେଖି ସେଠାରେ ସମସ୍ତେ କାବା ହୋଇଯାଇଥିଲେ । ଯୁବତୀଙ୍କୁ ତୁରନ୍ତ ସୁଟ୍‌କେଶ୍‌ରୁ ବାହାର କରାଯାଇଥିଲା । ଭିଡିଓରେ ଦେଖାଯାଉଛି, କିଛି ମହିଳା ସିକ୍ୟୁରିଟି ଗାର୍ଡ ହିଁ ସୁଟ୍‌କେଶ୍‌କୁ ଖୋଲୁଛନ୍ତି । ଭିଡିଓ ଦେଖି ଲୋକେ ନିଜର ଭିନ୍ନ ଭିନ୍ନ ମତ ଦେଇଛନ୍ତି ।

## ପୂର୍ବତନ ବିଧାୟକଙ୍କୁ ଆକ୍ରମଣ ଘଟଣାକୁ ବିଜେଡ଼ିର ନିନ୍ଦା

**ଭୁବନେଶ୍ୱର, ନ୍ୟୁଜ୍ ବ୍ୟୁରୋ**

ଧର୍ମଶାଳାର ପୂର୍ବତନ ବିଧାୟକ ପ୍ରଣବ ବଳବନ୍ତରାୟଙ୍କ ଉପରେ ସଂଘବଦ୍ଧ ଆକ୍ରମଣ ହୋଇଛି । ଆରୁଅ ଗ୍ରାମରେ ହିଙ୍ଗୁଳାମା'ଙ୍କର ଯାତ୍ରାକୁ ଗଲାବେଳେ ସ୍ଥାନୀୟ ବିଧାୟକ ହିମାଂଶୁ ସାହୁଙ୍କର ସହଯୋଗୀ ତଥା ଖଣିମାଫିଆଙ୍କର ଦ୍ୱାରା ଏହି ସଂଘବଦ୍ଧ ଆକ୍ରମଣ କରାଯାଇଥିଲା। ସ୍ଥାନୀୟ ପୋଲିସ୍ ପ୍ରଶାସନ ଓ ଜେନାପୁର ଆଇଆଇସିଙ୍କ ଉପସ୍ଥିତିରେ ଏହି ଆକ୍ରମଣ ହେଉଥିବାବେଳେ ଆଶ୍ଚର୍ଯ୍ୟଜନକ ଭାବରେ ଆକ୍ରମଣକାରୀଙ୍କୁ ଗିରଫ ନକରି ଆକ୍ରମଣକାରୀଙ୍କ ଠାରୁ ଭୁଜାଲି, ଖଣ୍ଡା, ଠେଙ୍ଗା ଓ ବାଡି ପୋଲିସ୍ ଜବତ ଘଟଣାକୁ ଶଙ୍ଖଭବନର ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଦଳର ମୁଖପାତ୍ର ଭୃଗୁବକ୍ସିପାତ୍ର ଦୃଢ଼ ନିନ୍ଦା କରିଛନ୍ତି। ବକ୍ସିପାତ୍ର କହିଥିଲେ ଯେ, ଧର୍ମଶାଳାର ପୂର୍ବତନ ବିଧାୟକ ଶ୍ରୀ ବଳବନ୍ତରାୟଙ୍କ ଉପରେ ଘଟଣା ଘଟୁଥିବା ସମୟରେ ଶ୍ରୀବଳବନ୍ତରାୟ ଯାଜପୁର ଏସ୍‌ପିଙ୍କୁ ଭିଡିଓ କଲ୍ କଲାପରେ ମଧ ଏସ୍‌ପିଙ୍କ ଠାରୁ କୌଣସି ଉତ୍ତର ମିଳିନଥିଲା। ଏଠାରେ ଉଲ୍ଲେଖଯୋଗ୍ୟ ଯେ, ଘଟଣା ଘଟିବାର ୨ ଘଣ୍ଟା ପୂର୍ବରୁ ଶ୍ରୀ ବଳବନ୍ତରାୟ ଘଟଣାର ଆଶଙ୍କାକରି ଯାଜପୁର ଏସ୍‌ପିଙ୍କୁ ମଧ ଜଣାଇଥିଲେ। ଏହି ଘଟଣାକୁ ମିଶାଇ ଶ୍ରୀ ବଳବନ୍ତରାୟଙ୍କ ଉପରେ ବିଧାୟକ ହିମାଂଶୁ ସାହୁଙ୍କ ଦ୍ୱାରା ପଞ୍ଚମଥର ଜୀବନରେ ମାରି ଦେଲାଭଳି ଆକ୍ରମଣ ହୋଇଛି। ପୂର୍ବରୁ ଶ୍ରୀ ବଳବନ୍ତରାୟଙ୍କ ଗାଡ଼ି, ତାଙ୍କ ଘର ଏବଂ ଦଳୀୟ କାର୍ଯ୍ୟାଳୟ ଉପରେ ମଧ ବହୁବାର ଆକ୍ରମଣ ହେବା ପରେ ଶ୍ରୀ ବଳବନ୍ତରାୟ ବାରମ୍ବାର ପୋଲିସ ପାଖରେ ଏଫ୍‌ଆଇଆର୍ ରୁଜୁ କଲାପରେ ମଧ ପୋଲିସ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ହୋଇନାହିଁ । ଜିଲ୍ଲା ପୋଲିସଙ୍କ ଉପସ୍ଥିତିରେ ଏବଂ ପ୍ରୋତ୍ସାହନରେ ହିମାଂଶୁ ସାହୁ ଏବଂ ତାଙ୍କର ଆଗଧାଡ଼ିର ସହଯୋଗୀ ମାନଙ୍କ ଦ୍ୱାରା ବାରମ୍ବାର ଏହିଭଳି ଘଟଣା ଘଟୁଛି। ପୂର୍ବତନ ମୁଖ୍ୟମନ୍ତ୍ରୀ ଏବଂ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ଏହି ଘଟଣାକୁ ଦୃଢ଼ ନିନ୍ଦା କରିବା ସହିତ ରାଜ୍ୟ ସରକାର ଏବଂ ପୋଲିସ୍ ପ୍ରଶାସନର ଏକ ପାଖିଆ କାର୍ଯ୍ୟକଳାପ ତଥା ଜନପ୍ରତିନିଧି ମାନଙ୍କ ଉପରେ ନିର୍ଦ୍ଦିଷ୍ଟ ଆକ୍ରମଣ ବିଷୟରେ ଗଭୀର ଚିନ୍ତା ପ୍ରକଟ କରିଛନ୍ତି । ସରକାର ତୁରନ୍ତ ଘଟଣାରେ ସମ୍ପୃକ୍ତ ବ୍ୟକ୍ତିମାନଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ଅନୁରୋଧ କରିଛନ୍ତି । ଦଳର ବରିଷ୍ଠନେତା ତଥା ସମନ୍ୱୟ କମିଟି ଅଧ୍ୟକ୍ଷ ଦେବୀ ପ୍ରସାଦ ମିଶ୍ର, ଆଇନ ଶୃଙ୍ଖଳା ଦାୟିତ୍ୱରେ ଥିବା ଅତିରିକ୍ତ ପୋଲିସ୍ ମହାନିର୍ଦ୍ଦେଶକ ସଞ୍ଜୟକୁମାରଙ୍କ ସହିତ ଦୁର୍ବୃତ୍ତ ମାନଙ୍କୁ ଗିରଫ କରିବା ପାଇଁ ଅନୁରୋଧ କରିଛନ୍ତି । ଯଦି ୪୮ ଘଣ୍ଟା ମଧ୍ୟରେ ଆକ୍ରମଣକାରୀଙ୍କୁ ଗିରଫ କରାନଯାଏ, ତେବେ ପୋଲିସ ମହାନିର୍ଦ୍ଦେଶକୁ ଭେଟି ସ୍ମାରକପତ୍ର ପ୍ରଦାନ କରିବୁ ବୋଲି କହିଛନ୍ତି ଶ୍ରୀ ବକ୍ସିପାତ୍ର ।



## ଶ୍ରୀ ଜଗନ୍ନାଥଙ୍କ ବଡ଼ ସିଂହାର ବେଶ

**ରମ୍ଭା, ନ୍ୟୁଜ୍ ବ୍ୟୁରୋ**

ଅନେକ ଅପେକ୍ଷା ଓ ପ୍ରତୀକ୍ଷା ଅନ୍ତ ଘଟାଇ ସାବୁଳିୟା ଶ୍ରୀ ଜଗନ୍ନାଥ ମନ୍ଦିରରେ ବଡ ସିଂହାର ବେଶ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ଭକ୍ତ, ଶ୍ରଦ୍ଧାଳୁ, ଉତ୍ସାହି ବ୍ୟକ୍ତି ତଥା ବୟୋ ବୃଦ୍ଧମାନେ ପୂଜାକୁ ଉପଭୋଗ କରିଥଲେ। ଦିର୍ଘ ଦିନ ପରେ ଉପରୋକ୍ତ ପୂଜା ଅନୁଷ୍ଠିତ ହୋଇଥିବାରୁ ବାସିନ୍ଦାଙ୍କ ମଧ୍ୟରେ ଉତ୍ସାହ ପରିଲକ୍ଷିତ ହେବା ସହ ଆଗକୁ ନବ କଳେବର ପ୍ରସ୍ତୁତି ଜୋର୍ ସୋର୍‌ରେ ଚାଲିଥିବା ପ୍ରସ୍ତୁତି ହୋଇଛି। ଆୟୋଜିତ ପୂଜାକୁ ପୂଜକ ସତ୍ୟ ନାରାୟଣ ମହାପାତ୍ର ପରିଚାଳନା କରୁଥିବା ବେଳେ ଶ୍ରୀ ଜଗନ୍ନାଥ କମିଟି ସହଯୋଗ କରିଥିଲେ।

## ଗୋରୁ ବୋଝେଇ ପିକ୍‌ଅପ୍ ଜବତ:ଜଣେ ଗିରଫ

**କେନ୍ଦୁଝର, ନ୍ୟୁଜ୍ ବ୍ୟୁରୋ**

ନୟାଗଡ ଜିଲ୍ଲାରୁ କେନ୍ଦୁଝର ଜିଲ୍ଲାକୁ ବେଆଇନ୍ ଭାବେ ଗୋଚାଲାଣ ହେଉଥିବାବେଳେ କେନ୍ଦୁଝର ସଦର ବ୍ଲକ ଶିରିଷପାଳ ନିକଟରୁ ଏକ ଗୋରୁ ବୋଝେଇ ପିକ୍‌ଅପ୍ ସମେତ ମାଫିଆଙ୍କୁ ଗ୍ରାମବାସୀ ଅଟକ ରଖି ଟାଉନ୍ ପୋଲିସ ଜିମା ଦେଇଛନ୍ତି। ଏନେଇ ପୋଲିସ ଏଏସ୍‌ଆଇ ଅଶୋକ କୁମାର ଦାସ (୫୫) ବେଆଇନ୍ ଗୋଚାଲାଣ ଅଭିଯୋଗ କରିଥିଲେ। ପୋଲିସ ଏସ୍‌ଆଇ ଶିବ ଶଙ୍କର ଆଦଲା ଏକ କେଶ୍ ନଂ ୨୧୬/୨୫ରେ ମାମଲା ରୁଜୁ କରି ଅଭିଯୁକ୍ତ ପ୍ରଦୀପ କୁମାର ଚୌଧୁରୀ (୪୬)ଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲେ। ଗାଡିରୁ ୫ଟି ଗୋରୁ ଉଦ୍ଧାର କରାଯାଇ ରାଜନଗର ଶ୍ରୀ କ୍ରିଷ୍ଣ ସୁଧା ଚାରିଟେବଲ୍ ଟ୍ରଷ୍ଟର ନନ୍ଦିନୀ ଗୋଶାଳାକୁ ପଠାଯାଇଛି।

# ଶିକ୍ଷୟିତ୍ରୀଙ୍କ ମାଡ଼ରେ ଷଷ୍ଠ ଶ୍ରେଣୀ ଛାତ୍ର ଗୁରୁତର:ପ୍ରତିବାଦରେ ଅଭିଭାବକଙ୍କ ସ୍କୁଲ୍ ଫାଟକରେ ତାଲା ପକାଇ ଆନ୍ଦୋଳନ

**ଢେଙ୍କାନାଳ, ନ୍ୟୁଜ୍ ବ୍ୟୁରୋ**



ଦଣ୍ଡମୁକ୍ତ ଅଞ୍ଚଳରେ ଛାତ୍ରଙ୍କୁ ଅକଥନୀୟ ଦଣ୍ଡ। ଷଷ୍ଠ ଶ୍ରେଣୀର ଜଣେ ଛାତ୍ରଙ୍କୁ ଲୁହା ପାଇପ୍‌ରେ ବାଡ଼େଇ ଲହୁଲୁହାଣ କଲେ ଶିକ୍ଷୟିତ୍ରୀ। ଢେଙ୍କାନାଳ ସଦର ଥାନା ଅନ୍ତର୍ଗତ ସିମିନଇ ନୋଡାଲ୍ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଏହି ଘଟଣାକୁ ନେଇ ଉତ୍ତେଜନା ପ୍ରକାଶ ପାଇଛି। ଏହାର ପ୍ରତିବାଦରେ ଅଭିଭାବକମାନେ ସ୍କୁଲ୍ ଫାଟକରେ ତାଲା ପକାଇ ଆନ୍ଦୋଳନ କରିଛନ୍ତି। ଅଭିଯୋଗ ଅନୁଯାୟୀ, ସିମିନଇ ନୋଡାଲ୍ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଜଣେ ଷଷ୍ଠ ଶ୍ରେଣୀ ଛାତ୍ର ବିଦ୍ୟାଳୟରେ ଦୁଷ୍ଟାମି କରୁଥିବା ଦେଖି ଶିକ୍ଷୟିତ୍ରୀ ସନ୍ଧ୍ୟାରାଣୀ କାଣ୍ଡି ପ୍ରବଳ ରାଗି ଯାଇଥିଲେ। ଛାତ୍ରକୁ ଡାକି ବୁଝାସୁଝା କରିବା ପରିବର୍ତ୍ତେ ଲୁହା ପାଇପ୍‌ରେ ମୁଣ୍ଡକୁ ପିଟିଥିଲେ। ଖବରପାଇ ପରିବାର ଲୋକ ପହଞ୍ଚି ଆହତ ଛାତ୍ରଙ୍କୁ ଢେଙ୍କାନାଳ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଇଥିଲେ। ଛାତ୍ରଙ୍କ ମୁଣ୍ଡରେ ୫ରୁ ଅଧିକ ଷ୍ଟିଚ୍ ପଡ଼ିଥିବା ଜଣାପଡ଼ିଛି। ସ୍ଥାନୀୟ ସରପଞ୍ଚଙ୍କ ସମେତ ଅଭିଭାବକ ଓ ଛାତ୍ରଛାତ୍ରୀମାନେ ବିଦ୍ୟାଳୟ ଫାଟକରେ ତାଲା ପକାଇ ଧାରଣା ଦେଇଥିଲେ। ଖବରପାଇ ସଦର ଥାନା ପୋଲିସ, ଓଡ଼ାପଡ଼ା ବ୍ଲକ୍ ଏବିଇଓ ସିଦ୍ଧ ସ୍ୱାଇଁ ପହଞ୍ଚି ବୁଝାସୁଝା କରିବା ସହ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀଙ୍କ ସହ ଆଲୋଚନା କରିଥିଲେ। ଶିକ୍ଷୟିତ୍ରୀ ଜଣକ ୧୬ ବର୍ଷ ହେଲା ଏହି ବିଦ୍ୟାଳୟରେ କାର୍ଯ୍ୟ କରୁଥିବା ବେଳେ ବଦଳି ନିର୍ଦ୍ଦେଶ ଆସିଲେ ଚାପ ପ୍ରୟୋଗ କରି ବାତିଲ୍ କରୁଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ତାଙ୍କୁ ଏଠାରୁ ବଦଳି କରାଯିବା ଲାଗି ଗ୍ରାମବାସୀ ଅଡ଼ି ବସିବା ସହ କାର୍ଯ୍ୟାନୁଷ୍ଠାନ ନେବାକୁ ଜିଲ୍ଲା ଶିକ୍ଷାଧିକାରୀଙ୍କୁ ଲିଖିତ ଭାବେ ଜଣାଇଛନ୍ତି। ଜିଲ୍ଲା ଶିକ୍ଷା ଅଧିକାରୀ କହିଛନ୍ତି ଯେ ସେ ଅଭିଯୋଗ ପାଇଛନ୍ତି ଓ ଖରାଛୁଟି ପରେ ସଂପୃକ୍ତ ଶିକ୍ଷୟିତ୍ରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

## ୯ ଲକ୍ଷ ଠକିନେଇ କନେଷ୍ଟବଲଙ୍କ ପତ୍ନୀ ଗିରଫ

**ଭୁବନେଶ୍ୱର, ନ୍ୟୁଜ୍ ବ୍ୟୁରୋ**

ଜଣେ କନେଷ୍ଟବଲଙ୍କ ପତ୍ନୀଙ୍କ କଳା କାରନାମା ପଦାକୁ ଆସିଛି। ଫେସ୍‌ବୁକ୍‌ରେ ବନ୍ଧୁତା ବଢ଼ାଇ ୮ ଲକ୍ଷ ୭୫ ହଜାର ଟଙ୍କା ଠକି ନେଇଛନ୍ତି । ଅସୁସ୍ଥତା ଆଳରେ ଟଙ୍କା ନେଇ ଫେରାଇବା ବେଳେ ଧମକଚମକ ଦେଉଛନ୍ତି । ଏଭଳି କାଣ୍ଡ ଭିଆଇଥିବା କନେଷ୍ଟବଲଙ୍କ ପତ୍ନୀ ତଥା ଅଭିଯୁକ୍ତ ସଂଯୁକ୍ତା ଭୂୟାଁଙ୍କୁ ଗିରଫ କରିଛି ସାଇବର ଥାନା ପୋଲିସ । ପୋଲିସ ସୂଚନା ଅନୁଯାୟୀ, ସାମାଜିକ ଗଣମାଧ୍ୟମ ଫେସ୍‌ବୁକ୍‌ରେ ଦାସପୁରର ବିଷ୍ଣୁପ୍ରସାଦ ମୁଦୁଲିଙ୍କ ସହିତ ସଂଯୁକ୍ତାଙ୍କ ମଧ୍ୟରେ ବନ୍ଧୁତା ହୋଇଥିଲା । କାଳକ୍ରମେ ସମ୍ପର୍କ ବଢ଼ିବା ସହିତ ସଂଯୁକ୍ତା ତାଙ୍କୁ ଭାଇ କରିଥିଲେ । ନିଜ ବାପା ମାଆ ନ ଥିବାବେଳେ ସେ ହିଁ ପରିବାରର ବୋଝ ମୁଣ୍ଡାଇଥିବା ବିଷ୍ଣୁଙ୍କୁ କହିଥିଲେ। ଶାରୀରିକ ଅସୁସ୍ଥତା ଆଳ ଦେଖାଇ ଆର୍ଥିକ ସାହାଯ୍ୟ ମାଗିବା ସହିତ ଟଙ୍କା ଫେରାଇଦେବାର ପ୍ରତିଶ୍ରୁତି ମଧ ଦେଇଥିଲେ। ବିଷ୍ଣୁ ମଧ ତାଙ୍କ କଥାରେ ଭରସା କରି ଧାର ଉଧାର କରି ବିଭିନ୍ନ ପର୍ଯ୍ୟାୟରେ ମୋଟ୍ ୮ ଲକ୍ଷ ୭୫ ହଜାର ଟଙ୍କା ଦେଇଥିଲେ। ନିର୍ଦ୍ଧାରିତ ସମୟରେ ଟଙ୍କା ନ ଫେରାଇବାରୁ ବିଷ୍ଣୁ ତାଙ୍କୁ ଟଙ୍କା ଫେରସ୍ତ ମାଗିଥିଲେ। ହେଲେ ଟଙ୍କା ଫେରାଇବା ପରିବର୍ତ୍ତେ ସଂଯୁକ୍ତା ତାଙ୍କୁ ଧମକ ଦେଇଥିଲେ । ହ୍ୱାଟ୍ସଆପ୍‌ରେ ହଣାକଟା ଫଟୋ ପଠାଇଥିଲେ। ଟଙ୍କା ମାଗିଲେ ଏପରି ଅବସ୍ଥା କରିବେ ବୋଲି ଧମକ ଦେଇଥିଲେ। ସ୍ୱାମୀ ପୋଲିସ ହୋଇଥିବାବେଳେ ସଂଯୁକ୍ତା ନିଜକୁ ପୋଲିସ ଇନ୍ସପେକ୍ଟର ଦର୍ଶାଇ ପ୍ରୋଫାଇଲ୍ ଫଟୋ ରଖିଥିଲେ । ଏନେଇ ବିଷ୍ଣୁ ସାଇବର ଥାନାର ଦ୍ୱାରସ୍ଥ ହୋଇ ଅଭିଯୋଗ କରିଥିଲେ । ହେଲେ ପୋଲିସ କାର୍ଯ୍ୟାନୁଷ୍ଠାନ ନେବା ପରିବର୍ତ୍ତେ ବିଷ୍ଣୁଙ୍କୁ ଦୌଡ଼ାଇଥିଲା । ଚାରିଆଡୁ ନିରାଶ ହେବା ପରେ ବିଷ୍ଣୁ ଓ ତାଙ୍କ ପତ୍ନୀ ପୋଲିସ କମିସନରଙ୍କୁ ଭେଟି ଗୁହାରି କରିଥିଲେ। ସିପିଙ୍କ ହସ୍ତକ୍ଷେପ ପରେ କାର୍ଯ୍ୟାନୁଷ୍ଠାନ ନେଇଥିଲା ସାଇବର ଥାନା ପୋଲିସ । ଶନିବାର ସଂଯୁକ୍ତାଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା ।

## ମେରୁ ଦଣ୍ଡଯାତ୍ରା ଉଦ୍‌ଯାପିତ:ଯାତ୍ରା ସାରି ମନ୍ଦିରକୁ ଫେରିଲେ ମା' ଦକ୍ଷିଣକାଳୀ



**ବାଲିଗୁଡ଼ା, ନ୍ୟୁଜ୍ ବ୍ୟୁରୋ**

କନ୍ଧମାଳ ଜିଲ୍ଲା ବାଲିଗୁଡା ତଥା ଏହାର ଆଖପାଖ ଅଞ୍ଚଳରେ ଚଳିତ ମାସ ୧ ତାରିଖ ଠାରୁ ଆରମ୍ଭ ହୋଇଥିବା ୧୩ ଦିନିଆ ମାସନ୍ତ ମେରୁ ଦଣ୍ଡଯାତ୍ରା ୧୩ ତାରିଖ ରବିବାର ସନ୍ଧ୍ୟାରେ ଉଦ୍‌ଯାପିତ ହୋଇଯାଇଛି । ଏହି ପରିପ୍ରେକ୍ଷୀରେ ବାଲିଗୁଡ଼ାର ମେରୁ ଯାତ୍ରା ସ୍ଥାନୀୟ ମା' ଦକ୍ଷିଣ କାଳୀ ମନ୍ଦିର ପରିସରରେ ହୋଇଥିବା ବେଳେ ବାଟାଗୁଡା, ସିଟୁପଡ଼ି, ବାରଖମା, ମୋହନଗିରୀ, କଟେରୀଭଟ୍ଟା, ରେବିଙ୍ଗିଆ, ଡାକା, ବାଲିଗାଡା, ଦାଉଙ୍ଗିଆ, ସିଟୁପାଜୁ ଓ କିଲୁପଡା ଭଳି ବିଭିନ୍ନ ଅଞ୍ଚଳର ପ୍ରତ୍ୟେକ କାଳୀ ମନ୍ଦିରରେ ହଜାର ହଜାର ମାନସିକଧାରୀଙ୍କ ଉପସ୍ଥିତିରେ ଏହି ମେରୁଯାତ୍ରା ଅନୁଷ୍ଠିତ ହୋଇଥିଲା। ଧୂଳିଦଣ୍ଡ ସମାପ୍ତ ପରେ ଜଳ ଘାଟରେ କାଳୀଙ୍କ ପୂଜା ହୋଇଥିଲା। ସମସ୍ତ ଶୈବପୀଠ ଝାମୁ ଯାତ୍ରା ସ୍ଥାନ ତ୍ୱରଣରେ ସଜେଇ ହୋଇ ସମଗ୍ର ଅଞ୍ଚଳ ଗୁଡ଼ିକ ଆଧାତ୍ମିକ ପରିବେଶରେ ଉତ୍ସବ ମୁଖର ହୋଇଉଠିଥିଲା । ଆମ୍ବ ପେନ୍ଥା କଦଳୀ କାନ୍ଦି, ଫୁଲମାଳରେ ଝାମୁ ମେରୁ ଖୁଣ୍ଟ ସଜେଇ ହୋଇ ଦୀପ, ଧୂପ, ଚନ୍ଦନ, ସିନ୍ଦୂରରେ ଝଲସିଥିଲା । ଦଣ୍ଡଭକ୍ତ ଓ ହବିଷ୍ୟାଳି ଭକ୍ତି ଓ ମାନସିକ ମାନେ ଭାବପୂର୍ଣ୍ଣ ଭକ୍ତିରେ ଏହି ବ୍ରତକୁ ପାଳନ କରୁଛନ୍ତି। ସମସ୍ତ ପୀଠରେ ପ୍ରବଳ ଭିଡ଼ ହୋଇଥିବା ଦେଖିବାକୁ ମିଳିଛି। ଭୁକ୍ତା ଓ ଗୁହାରିଆ ମାନଙ୍କର ମାନସିକ ପୂରଣ ହୋଇଥିବାରୁ ସେମାନେ ମା'ଙ୍କୁ ଦାନ ଦେଇଥିଲେ । ମାନସିକ ଧାରୀମାନେ ନିଜର ମାନସିକ ପୂରଣ କରିବା ପାଇଁ ଜଳ ଲାଗି କରିବା ପରେ ପୂଜା କାର୍ଯ୍ୟ ସମାପ୍ତ ହୋଇଥିଲା। ଏହାପରେ ମେରୁ ଯଜ୍ଞ ସ୍ଥଳରେ ଦଣ୍ଡଯାତ୍ରାର ପୂଜକଙ୍କୁ ମେରୁ ଖୁଣ୍ଟରେ ଝୁଲେଇ ଦେଇ ଯଥାରିତି ସହକାରେ ପୂଜାର୍ଚ୍ଚନା କରାଯାଇଥିଲା । ଶେଷରେ ମନ୍ଦିର କମିଟି ଆନୁକୂଲ୍ୟରେ ଭୋଗ ଏବଂ ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଥିଲା। ମନ୍ଦିର ପରିସରରେ ପ୍ରବଳ ଗହଳିକୁ ଦୃଷ୍ଟିରେ ରଖି ମନ୍ଦିର ପରିଚାଳନା କମିଟି ଓ ସ୍ଥାନୀୟ ପୋଲିସ ପ୍ରଶାସନ ତରଫରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଥିଲା ।

# ସନ୍ତରଣରେ ବିଶ୍ୱ ରେକର୍ଡ ସୃଷ୍ଟି କଲେ ଜର୍ମାନୀର ଲୁକାସ ମାର୍ଟେନ୍ସ



**ଷ୍ଟକ୍‌ହାମ୍**

ଜର୍ମାନୀର ଅଲିମ୍ପିକ ଚାମ୍ପିୟନ ଲୁକାସ ମାର୍ଟେନ୍ସ ପୁରୁଷ ୪୦୦ ମିଟର ଫ୍ରିଷ୍ଟାଇଲ ରେକର୍ଡ ଭଙ୍ଗ କରିଛନ୍ତି। ସ୍ୱିମ୍ ଓପନ୍ ଷ୍ଟକ୍‌ହାମରେ ସେ ଏହି ସଫଳତା ପାଇଛନ୍ତି। ସେ ପ୍ରଥମ ସନ୍ତରଣକାରୀ ଭାବେ ୩ ମିନିଟ୍ ୪୦ ସେକେଣ୍ଡର ବାଧାକୁ ଅତିକ୍ରମ କରିଛନ୍ତି।

ରେସ୍‌ରେ ସେ ୩:୩୯.୯୬ ସେକେଣ୍ଡ ଟାଇମିଂ ହାସଲ କରିଥିଲେ। ପୂର୍ବରୁ ଥିବା ଜାତୀୟ ରେକର୍ଡକୁ ସେ ଏକ ଦଶମିକ ୧୧ ସେକେଣ୍ଡରେ ପଛରେ ପକାଇଥିଲେ। ଜର୍ମାନୀର ପୂର୍ବତନ ସନ୍ତରଣକାରୀ ପଲ୍ ବିଡରମ୍ୟାନ୍‌ଙ୍କ ନାମରେ ପୂର୍ବରୁ ବିଶ୍ୱ ରେକର୍ଡ ଥିଲା। ସେ ୨୦୦୯ରେ ୩:୪୦.୦୭ ସେକେଣ୍ଡ ଟାଇମିଂ ହାସଲ କରିଥିଲେ। ୨୩ ବର୍ଷୀୟ ମାର୍ଟେନ୍ସ ୨୦୨୪ ପ୍ୟାରିସ୍ ଅଲିମ୍ପିକ୍ସରେ ୩:୪୧ ସେକେଣ୍ଡ ଟାଇମିଂ ସହ ୪୦୦ ମିଟର ଫ୍ରିଷ୍ଟାଇଲ ବର୍ଗରେ ସ୍ୱର୍ଣ୍ଣ ପଦକ ଜିତିଥିଲେ।

# ଧୋନୀ, ଦୁବେଙ୍କ କମାଲ
# ଲକ୍ଷ୍ନୌକୁ ୫ ୱିକେଟରେ ହରାଇଲା ଚେନ୍ନାଇ

**ଲକ୍ଷ୍ନୌ**

ଲକ୍ଷ୍ନୌର ଭାରତ ରନ୍ ଅଟଳ ବିହାରୀ ବାଜପେୟୀ ଏକନା ଷ୍ଟାଡିୟମଠାରେ ସୋମବାର ଖେଳାଯାଇଥିବା ଆଇପିଏଲ ୨୦୨୫ର ୩୦ତମ ମ୍ୟାଚ୍‌ରେ ଲକ୍ଷ୍ନୌ ସୁପରଜାୟାଣ୍ଟସକୁ ୫ ୱିକେଟରେ ପରାସ୍ତ କରିଛି ଚେନ୍ନାଇ ସୁପରକିଙ୍ଗ୍‌ସ। ୧୬୭ ରନର ଲକ୍ଷ୍ୟକୁ ଚେନ୍ନାଇ ୧୯.୩ ଓଭରରେ ୫ ୱିକେଟ ହରାଇ ହାସଲ କରିନେଇଥିଲା। ଦଳ ପକ୍ଷରୁ ଶିବମ ଦୁବେ ୪୧ ରନ, ରାଚିନ ରବୀନ୍ଦ୍ର ୩୭ ରନ, ଶାଇକ ରସିଦ ୨୭ ରନ ଓ ମହେନ୍ଦ୍ର ସିଂ ଧୋନୀ ୨୬ ରନ କରିଥିଲେ।

ଏହି ମ୍ୟାଚରେ ଚେନ୍ନାଇ ଟସ୍ ଜିତି ପ୍ରଥମେ ବୋଲିଂ କରିବାକୁ ନିଷ୍ପତ୍ତି ନେଇଥିଲା। ପ୍ରଥମେ ବ୍ୟାଟିଂ କରିଥିବା ଲକ୍ଷ୍ନୌ ଆରମ୍ଭରୁ ନିଜର ତାରକା ବ୍ୟାଟ୍ସମ୍ୟାନ ଆଇଡେନ ମାର୍କରାମ ଓ ନିକୋଲାସ ପୁରନଙ୍କ ୱିକେଟ ହରାଇ ସଂକଟରେ ପଡ଼ିଥିଲା। ତେବେ ମିଚେଲ ମାର୍ସ ଓ ଅଧିନାୟକ ଋଷଭ ପନ୍ତଙ୍କ ମଧ୍ୟରେ ଏକ ଭଲ ପାର୍ଟନରସିପ୍ ଦେଖିବାକୁ ମିଳିଥିଲା। ମାର୍ସ ୩୦ ରନ କରିଥିବାବେଳେ ପନ୍ତ ଅଧିନାୟକ ଇନିଂସ ଖେଳି ୪୯ଟି ବଲରେ ୬୩ ରନ କରିଥିଲେ। ଆୟୁଷ ବଦୋନି ୨୨ ରନ ଓ ଅବଦୁଲ ସମଦ ୨୦ ରନ କରିଥିଲେ। ଦଳ ନିର୍ଦ୍ଧାରିତ ୨୦ ଓଭରରେ ୭ ୱିକେଟ ହରାଇ ୧୬୬ ରନ କରିଥିଲା। ଚେନ୍ନାଇ ପକ୍ଷରୁ ରବୀନ୍ଦ୍ର ଜାଡ଼େଜା ଓ ମଥିସା ପଥିରାନା ୨ଟି ଲେଖାଏଁ ୱିକେଟ ନେଇଥିଲେ।



# ପୁଣି ଆଇସିସି କ୍ରିକେଟ କମିଟି ଅଧ୍ୟକ୍ଷ ମନୋନୀତ ହେଲେ ସୌରଭ ଗାଙ୍ଗୁଲି

**ମୁମ୍ବାଇ**



ଭାରତୀୟ କ୍ରିକେଟ ଟିମ୍‌ର ପୂର୍ବତନ ଅଧିନାୟକ ସୌରଭ ଗାଙ୍ଗୁଲି ପୁଣି ଥରେ ଆଇସିସି ପୁରୁଷ କ୍ରିକେଟ କମିଟିର ଅଧ୍ୟକ୍ଷ ମନୋନୀତ ହୋଇଛନ୍ତି। ସେହିପରି ପୂର୍ବତନ ଭାରତୀୟ ବ୍ୟାଟସମ୍ୟାନ ଭି.ଭି.ଏସ ଲକ୍ଷ୍ମଣ କମିଟିର ପ୍ୟାନେଲ ସଦସ୍ୟ ରୂପେ କାୟମ ଅଛନ୍ତି। କ୍ରିକେଟର ବୈଶ୍ୱିକ ସଂସ୍ଥା ଏହି ସୂଚନା ଦେଇଛି। ୨୦୦୦ରୁ ୨୦୦୫ ମସିହା ପର୍ଯ୍ୟନ୍ତ ଭାରତୀୟ ଟିମ୍‌ର ନେତୃତ୍ୱ ନେଇଥିବା ଗାଙ୍ଗୁଲି ୨୦୨୧ରେ ପ୍ରଥମ ଥର ଏହି କମିଟିର ଅଧ୍ୟକ୍ଷ ହୋଇଥିଲେ। ୫୨ ବର୍ଷ ବୟସ୍କ ଗାଙ୍ଗୁଲି ସେତେବେଳେ ଅନୀଲ କୁମ୍ବଲେଙ୍କ ସ୍ଥାନରେ ଏହି ଦାୟିତ୍ୱ ଗ୍ରହଣ କରିଥିଲେ। କୁମ୍ବଲେ ତାଙ୍କର ୩ ବର୍ଷର କାର୍ଯ୍ୟକାଳ ପରେ ଏହି ପଦବୀ ଛାଡ଼ିଥିଲେ। ଗାଙ୍ଗୁଲି ଓ ଲକ୍ଷ୍ମଣଙ୍କ ବ୍ୟତୀତ ଆଫଗାନିସ୍ତାନର ପୂର୍ବତନ ଖେଳାଳି ହମିଦ ହସନ ୱେଷ୍ଟଇଣ୍ଡିଜର ଡେସମଣ୍ଡ ହେନସ୍, ଦକ୍ଷିଣ ଆଫ୍ରିକାର ଟେଷ୍ଟ ଏବଂ ୱାନଡେ କ୍ୟାପ୍ଟେନ ତେମ୍ବା ବାଭୁମା ଓ ଇଂଲଣ୍ଡର ପୂର୍ବତନ ବ୍ୟାଟସ୍ ମ୍ୟାନ ଜୋନାଥନ ଟ୍ରଟଙ୍କୁ କମିଟିରେ ନିଯୁକ୍ତ କରାଯାଇଥିଲା।

# ଏସଆରଏଚ୍‌ର ଖେଳାଳି ଥିବା ପଞ୍ଚ ତାରକା ହୋଟେଲରେ ଅଗ୍ନିକାଣ୍ଡ



**ନୂଆଦିଲ୍ଲୀ**

ସୋମବାର ହାଇଦ୍ରାବାଦର ୫-ତାରକା ହୋଟେଲରେ ଅଗ୍ନିକାଣ୍ଡ ପରେ ଏସଆରଏଚ ଖେଳାଳିମାନଙ୍କୁ ପାର୍କ ହାୟାତରୁ ସ୍ଥାନାନ୍ତରିତ କରାଯାଇଛି। ଗୋଟିଏ ମହଲାରେ ନିଆଁ ଲାଗିବା ମାତ୍ରେ ଅଗ୍ନିଶମ ଅଧିକାରୀମାନଙ୍କୁ ସୂଚନା ଦିଆଯାଇଥିଲା, ଯାହା ପରେ ସେମାନେ ଘଟଣାସ୍ଥଳକୁ ଯାଇ ନିଆଁ ଲିଭାଇ ଦେଇଥିଲେ। ଅଧିକାରୀମାନେ ସୂଚନା ଦେଇଛନ୍ତି ଯେ ଆଇପିଏଲ ଦଳକୁ ହୋଟେଲରୁ ସୁରକ୍ଷିତ ଭାବରେ ବାହାର କରାଯାଇଛି, ଅଗ୍ନିକାଣ୍ଡର କାରଣ ଏପର୍ଯ୍ୟନ୍ତ ସ୍ପଷ୍ଟ ହୋଇନାହିଁ।

# ପ୍ରଥମ ଭାରତୀୟ କ୍ରିକେଟର ଭାବେ ଟି୨୦ରେ ୧୦୦ଟି ଅର୍ଦ୍ଧଶତକ ହାସଲ କଲେ ବିରାଟ

**ଜୟପୁର**

ଭାରତୀୟ ଦଳର ଷ୍ଟାର ବିରାଟ କୋହଲି କ୍ରିକେଟ୍ ଇତିହାସରେ ନିଜ ନାମକୁ ସ୍ୱର୍ଣ୍ଣିମ ଅକ୍ଷରରେ ଲିପିବଦ୍ଧ କରାଇଛନ୍ତି। ସେ ପ୍ରଥମ ଭାରତୀୟ କ୍ରିକେଟର ଭାବେ ଟି୨୦ରେ ୧୦୦ଟି ଅର୍ଦ୍ଧଶତକ ହାସଲ କରିଛନ୍ତି। ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ (ଆରସିବି) ଷ୍ଟାର କୋହଲି ରାଜସ୍ଥାନ ରୟାଲ୍ସ ବିପକ୍ଷ ମ୍ୟାଚ୍‌ରେ ୪୫ ବଲରେ ୬୨ ରନ୍‌ର ଇନିଂସ ଖେଳିବା ଅବସରରେ ଏହି ଏଲିଟ୍ କ୍ଲବରେ ସାମିଲ ହୋଇଛନ୍ତି।

ଚଳିତ ଆଇପିଏଲ୍‌ରେ ଏହା ତାଙ୍କର ତୃତୀୟ ଅର୍ଦ୍ଧଶତକ ଥିଲା। ଏଥିଯୋଗୁ ଏପର୍ଯ୍ୟନ୍ତ ୪୦୫ ଟି୨୦ ମ୍ୟାଚ୍ ଖେଳିଥିବା କୋହଲିଙ୍କ କ୍ୟାରିୟରର ଅର୍ଦ୍ଧଶତକ ସଂଖ୍ୟା ୧୦୦ରେ ପହଞ୍ଚିଛି। ତାଙ୍କ କ୍ୟାରିୟରରେ ୯ ଶତକ ମଧ୍ୟ ରହିଛି। ଟି୨୦ କ୍ରିକେଟ୍ ଇତିହାସରେ ସର୍ବାଧିକ ସଂଖ୍ୟକ ଅର୍ଦ୍ଧଶତକ କରିଥିବା ବ୍ୟାଟରଙ୍କ ତାଲିକାରେ କୋହଲି ଏବେ ଦ୍ୱିତୀୟ ସ୍ଥାନରେ ଅଛନ୍ତି। ସେ ଏବେ କେବଳ ଅଷ୍ଟ୍ରେଲିଆର ଡେଭିଡ୍ ୱାର୍ଣ୍ଣରଙ୍କ ପଛରେ ରହିଛନ୍ତି।



୪୦୦ ଟି୨୦ ମ୍ୟାଚ୍ ଖେଳିଥିବା ୱାର୍ଣ୍ଣରଙ୍କ ନାମରେ ୮ ଶତକ ସହ ୧୦୮ ଅର୍ଦ୍ଧଶତକ ରହିଛି। ଏହି ତାଲିକାରେ କୋହଲିଙ୍କ ପଛରେ ପାକିସ୍ତାନର ବାବର ଆଜାମ (୯୦ ଅର୍ଦ୍ଧଶତକ), ୱେଷ୍ଟଇଣ୍ଡିଜର କ୍ରିସ୍ ଗେଲ(୮୮), ଇଂଲଣ୍ଡର ଜୋଶ୍ ବଟଲର(୮୬) ରହିଛନ୍ତି।

# ୭ ବର୍ଷ ପରେ ଆଇପିଏଲରେ ଅର୍ଦ୍ଧଶତକ ହାସଲ କଲେ କରୁଣ ନାୟାର

**ନୂଆଦିଲ୍ଲୀ**

କରୁଣ ନାୟାର ସାତ ବର୍ଷ ମଧ୍ୟରେ ତାଙ୍କର ପ୍ରଥମ ଆଇପିଏଲ ଅର୍ଦ୍ଧଶତକ ହାସଲ କରିଛନ୍ତି। ଯେଉଁଥିରେ ସେ ଜସପ୍ରିତ ବୁମ୍ରାହଙ୍କ ଭଳି ବୋଲରଙ୍କୁ ଗଳି କ୍ରିକେଟ ଭଳି ଖେଳିଥିଲେ। ଦିଲ୍ଲୀ କ୍ୟାପିଟାଲ୍ସ (ଡିସି) ମୁମ୍ବାଇ ଇଣ୍ଡିଆନ୍ସ (ଏମଆଇ) ବିପକ୍ଷରେ ୨୦୬ ରନର ପିଛା କରୁଥିବା ବେଳେ ସେ ଏକ ଆକର୍ଷଣୀୟ ଅର୍ଦ୍ଧଶତକ ହାସଲ କରିଅଛନ୍ତି।

ଜଣେ ପ୍ରଭାବଶାଳୀ ଖେଳାଳି ଭାବରେ ବହୁବର୍ଷ ପରେ ଆଇପିଏଲ ଫେରିବା ଏବଂ ସିଜନର ତାଙ୍କର ପ୍ରଥମ ମ୍ୟାଚ୍ ଖେଳି, କରୁଣ ମାତ୍ର ୨୨ ବଲ୍‌ରେ ତାଙ୍କର ଅର୍ଦ୍ଧଶତକ ହାସଲ କରିଥିଲେ। ସେ ବୁମ୍‌ରାହଙ୍କ ପ୍ରଥମ ଓଭରରେ ଦୁଇଟି ଚୌକା ମାରିଥିଲେ ଏବଂ ତାଙ୍କ ଦ୍ୱିତୀୟ ଓଭରରେ ଦୁଇଟି ଛକା ଏବଂ ୧୮ ରନ କରି ତାଙ୍କୁ ପରାସ୍ତ କରିଥିଲେ। ନାୟାରଙ୍କ ଇନିଂସ କେବଳ ପାୱାରପ୍ଲେରେ ଡିସିକୁ ୭୨ ରନ କରିବାକୁ ଶକ୍ତି ଦେଇଥିଲା।

ନାୟାର ଘରୋଇ କ୍ରିକେଟରେ ବିଦର୍ଭ ପାଇଁ ଉତ୍କୃଷ୍ଟ ଫର୍ମରେ ଥିଲେ ଏବଂ ତାଙ୍କ ଫର୍ମକୁ ବିଶ୍ୱର ସବୁଠାରୁ ବଡ଼ ଟି୨୦ ଲିଗ୍‌ରେ ପରିଣତ କରିଥିବା ପରି ମନେ ହେଉଛି। ତାଙ୍କର ଏହି ଅବିଶ୍ୱସନୀୟ ଇନିଂସ ସୋସିଆଲ ମିଡିଆରେ ଛାଇ ଯାଇଛି ଏବଂ ସମସ୍ତେ ତାଙ୍କୁ ପ୍ରଶଂସା କରୁଛନ୍ତି।



# ସର୍ବଭାରତୀୟ ପୁଲିସ ହକି ଚାମ୍ପିଅନସିପ୍

**କଟକ, ନ୍ୟୁଜ୍ ବ୍ୟୁରୋ**

ଓଡ଼ିଶା ପୁଲିସ ଆନୁକୂଲ୍ୟରେ କଳିଙ୍ଗ ଷ୍ଟାଡ଼ିୟମ ହକି କମ୍ପ୍ଲେକ୍ସରେ ଚାଲିଥିବା ଚାଲିଥିବା ୭୩ତମ ସର୍ବଭାରତୀୟ ପୁଲିସ ହକି ଚମ୍ପିଅନସିପ୍–୨୦୨୫ର କ୍ୱାର୍ଟର ଫାଇନାଲ ଶେଷ ହୋଇଛି। ପୁରୁଷ ବିଭାଗ ପ୍ରଥମ କ୍ୱାର୍ଟର ଫାଇନାଲରେ ପଞ୍ଜାବ ପୁଲିସ ୬–୦ ଗୋଲରେ କର୍ଣ୍ଣାଟକ ପୁଲିସକୁ, ଦ୍ୱିତୀୟ କ୍ୱାର୍ଟର ଫାଇନାଲରେ ବିଏସଏଫ୍ ୪–୩ ଗୋଲରେ ଉତ୍ତରପ୍ରଦେଶ ପୁଲିସକୁ, ତୃତୀୟ କ୍ୱାର୍ଟର ଫାଇନାଲରେ ସିଆରପିଏଫ ୫–୧ ଗୋଲରେ ମଣିପୁର ପୋଲିସକୁ ଓ ଚତୁର୍ଥ କ୍ୱାର୍ଟର ଫାଇନାଲରେ ଆଇଟିବିପି ୩–୨ ଗୋଲରେ ସିଆଇଏସଏଫ ପୋଲିସ ଦଳକୁ ପରାସ୍ତ କରି ସେମି ଫାଇନାଲରେ ପ୍ରବେଶ କରିଛି। ଅତିଥି ଭାବେ ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ (ଏଚଆରପିସି) ଯତୀନ୍ଦ୍ର କୋୟଲ, ଆଇଜିପି (ଗୁଇନ୍ଦା) ଜୟ ନାରାୟଣ ପଙ୍କଜ, ଆଇଜିପି (କ୍ରାଇମବ୍ରାଞ୍ଚ) ଡା. ସାର୍ଥକ ଷଡ଼ଙ୍ଗୀ ପ୍ରମୁଖ ଯୋଗଦେଇ ଖେଳାଳି ମାନଙ୍କୁ ଉତ୍ସାହିତ କରିଥିଲେ।

## ୧୫ ବର୍ଷରୁ କମ୍ ମୁଖ୍ୟମନ୍ତ୍ରୀ ଟ୍ରଫି
# ଫାଇନାଲରେ ଉଲୁଣ୍ଡା ବନାମ୍ ନିମ୍ନା ଦଳ



**ସୁବର୍ଣ୍ଣପୁର, ନ୍ୟୁଜ୍ ବ୍ୟୁରୋ**

ସୋନପୁର ଗାନ୍ଧୀ ଷ୍ଟାଡିୟମ୍‌ରେ ୧୫ ବର୍ଷରୁ କମ୍ ମୁଖ୍ୟମନ୍ତ୍ରୀ ଟ୍ରଫି ଇଣ୍ଟର କ୍ଲବ୍ ଜିଲ୍ଲା ସ୍ତରୀୟ ଫୁଟବଲ୍ ଚମ୍ପିଅନସିପ୍-୨୦୨୫ ସେମିଫାଇନାଲ ଖେଳରେ ଦୁଇଟି ମ୍ୟାଚ୍ ଅନୁଷ୍ଠିତ ହୋଇଯାଇଛି। ସୋମବାରର ବିଜେତା ଦଳ ମଙ୍ଗଳବାର ଫାଇନାଲ ଖେଳିବେ। ସୁବର୍ଣ୍ଣପୁର ଜିଲ୍ଲା କ୍ରୀଡ଼ା ସଂଘ, ଫୁଟବଲ୍ ଆସୋସିଏସନ୍ ଓଡ଼ିଶା, ଯୁବ କ୍ରୀଡ଼ା ବିଭାଗ ଓଡ଼ିଶା ସରକାର ମିଳିତ ସହଯୋଗରେ ଅନୁଷ୍ଠିତ ଏହି ଟୁର୍ଣ୍ଣାମେଣ୍ଟକୁ ମୁଖ୍ୟ ଅତିଥି ଭାବେ କଟକ ସ୍ପୋର୍ଟସ ହଷ୍ଟେଲ ଇନ୍‌ଚାର୍ଜ ତଥା ଅଣ୍ଡର ଫିଫ୍ଟିନ୍ ସିଲେକ୍ଟର ଗଙ୍ଗାଧର ବେହେରା ଓ ସମ୍ମାନୀତ ଅତିଥି ଜିଲ୍ଲା କ୍ରୀଡ଼ା ଅଧିକାରୀ ଚିତ୍ତ ରଞ୍ଜନ ମିଶ୍ର ଓ ସାମ୍ବାଦିକ ମୃତ୍ୟୁଞ୍ଜୟ ଶତପଥୀ, ଦିଲ୍ଲୀପ ପାତ୍ର, ନବକିଶୋର ମିଶ୍ର, ରାଜକିଶୋର ତ୍ରିପାଠୀ, ପିତାମ୍ବର ମହାପାତ୍ର, ମହାଦେବ ମଲ୍ଲିକ, ସହଦେବ ମେହେର, ସରୋଜ ପ୍ରକାଶ ପ୍ରଧାନ ଯୋଗଦେଇ ମ୍ୟାଚ୍‌କୁ ଉଦ୍‌ଘାଟନ କରି ଖେଳାଳିଙ୍କୁ ପୁରସ୍କୃତ କରିଥିଲେ। ଜିଲ୍ଲାର ସମସ୍ତ ବ୍ଲକ୍‌ରୁ ୧୦ଟି ଫୁଟବଲ୍ ଦଳ ଏଥିରେ ଭାଗ ନେଇଥିବା ବେଳେ ସୋମବାର ସେମି ଫାଇନାଲର ପ୍ରଥମ ମ୍ୟାଚ୍ ନାରାୟଣ ପୁର ଓ ନିମ୍ନା ଦଳ ମଧ୍ୟରେ ଅନୁଷ୍ଠିତ ହୋଇଥିଲା ଏବଂ ରାମ ଧୂନ୍ କ୍ଲବ୍ (ସି) ଓ ଉଲୁଣ୍ଡା ଦଳ ମଧ୍ୟରେ ଦ୍ୱିତୀୟ ସେମିଫାଇନାଲ ମ୍ୟାଚ ଅନୁଷ୍ଠିତ ହୋଇଥିଲା। ପ୍ରଥମ ମ୍ୟାଚ୍‌ରେ ରାମଜୀ କ୍ଲବ୍ ନିମ୍ନା ଦଳ ୩–୦ ଗୋଲ୍‌ରେ ବିଜୟୀ ହୋଇଥିବା ବେଳେ ଦ୍ୱିତୀୟ ମ୍ୟାଚ୍‌ରେ ଉଲୁଣ୍ଡା ଦଳ ୧–୦ ଗୋଲରେ ବିଜୟୀ ହୋଇ ଫାଇନାଲକୁ ପ୍ରବେଶ କରିଛି। ସମସ୍ତ ମ୍ୟାଚ୍‌କୁ ମ୍ୟାଚ୍ କମିଶନର ଭାବେ ଜିତେନ୍ଦ୍ର ଥନା ପତି, ମୁଖ୍ୟ ରେଫରୀ ଭାବେ ରାଜେଶ ଥନାପତି, ସାନୁଜ ବିଶ୍ୱାଳ, ଅନିତା ମହା ନନ୍ଦ ଫୋର୍ଥ ଅଫିସିଆଲ୍ ଭାବେ ସଞ୍ଜୀବ ସାହୁ, ସହଯୋଗୀ ରେଫରି ଭାବେ ପ୍ରଶାନ୍ତ ସେଠୀ, ନରେଶ ମାଝୀ, ଅନିଲ ଭୋଇ ଖେଳ ପରି ଚାଳନାରେ ସହଯୋଗ କରିଥିଲେ। ମନୋରଞ୍ଜନ ତ୍ରୀପାଠୀ ଓ ଦିଗାମ୍ବର ଶତପଥୀ ଖେଳର ଧାରା ବିବରଣୀ ପ୍ରଦାନ କରିଥିଲେ। ଜିଲ୍ଲା କ୍ରୀଡ଼ା ସଂଘ ସଂପାଦକ ପୀୟୂଷ ପଣ୍ଡାଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି ଖେଳରେ ବିକାଶ ପଣ୍ଡା, ସନ୍ତୋଷ ପାଢ଼ୀ, ବିକାଶ ପାଢ଼ୀଙ୍କ ସମେତ ଚନ୍ଦନ ବେହେରା, ସୁଜିତ୍ ବରିହା, ଗୁରୁ ଦଳେଇ, ରଂଜୁ ସାହୁ, ଅନିଲ ସାହୁ, ଶିବ, ରବି ଗୁରୁ, ଚୈତନ୍ୟ, କିରଣ ନାଏକ, ଚାହଦ ମଜୁମଦାର, ବସିର ମହମ୍ମଦ, ସଦା ସାହୁ, ଦିଲ୍ଲୀପ ସାହୁ, ପୁରେନ ନାଏକ, କଲିମ ମହମ୍ମଦ ପ୍ରମୁଖ ରାମ ଧୂନ୍ କ୍ଲବ୍ ଓ ଜିଲ୍ଲା କ୍ରୀଡ଼ା ସଂଘର ସମସ୍ତ ସଦସ୍ୟ ସହଯୋଗ କରିଥିଲେ।

# ବିସ୍ଥାପିତ ଆଫଗାନିସ୍ତାନ ମହିଳା କ୍ରିକେଟରଙ୍କୁ ସହଯୋଗରେ ହାତ ବଢାଇଲା ଆଇସିସି

**ନୂଆଦିଲ୍ଲୀ**

ତାଲିବାନ ଭୟରେ ଅଷ୍ଟ୍ରେଲିଆରେ ନିର୍ବାସନରେ ରହୁଥିବା ଆଫଗାନିସ୍ତାନ ମହିଳା କ୍ରିକେଟ ଖେଳାଳିଙ୍କୁ ସହାୟତାର ହାତ ବଢ଼ାଇଲା ଆଇସିସି। ଜୟ ଶାହଙ୍କ ନେତୃତ୍ୱରେ ଅନ୍ତର୍ଜାତୀୟ କ୍ରିକେଟ ପରିଷଦ (ଆଇସିସି) ଏକ ନୂଆ ପ୍ରୟାସ ଆରମ୍ଭ କରିଛି। ଆଫଗାନିସ୍ତାନର ବିସ୍ଥାପିତ ମହିଳା କ୍ରିକେଟରମାନଙ୍କ ପାଇଁ ଏକ ଟାସ୍କ ଫୋର୍ସ ଗଠନ କରାଯାଇଛି।

ସେମାନଙ୍କୁ ସହଯୋଗର ହାତ ବଢାଇବା ପାଇଁ ଆଇସିସି ଭାରତ, ଇଂଲଣ୍ଡ ଏବଂ ଅଷ୍ଟ୍ରେଲିଆର କ୍ରିକେଟ ବୋର୍ଡର ସହଯୋଗ ଲୋଡ଼ିଛି। ଆଇସିସି ଏହି ପଦକ୍ଷେପ ମାଧ୍ୟମରେ ଆଫଗାନିସ୍ତାନର ପ୍ରତିଭାବାନ ମହିଳା କ୍ରିକେଟରମାନଙ୍କୁ କେବଳ ସେମାନଙ୍କ କ୍ରିକେଟ କ୍ୟାରିୟରରେ ନୁହେଁ ବରଂ ବ୍ୟକ୍ତିଗତ ସ୍ତରରେ ମଧ୍ୟ ସହାୟତା ଯୋଗାଇ ଦିଆଯିବ ବୋଲି ସୂଚନା ମିଳିଛି।

ଏହି ପଦକ୍ଷେପ ମାଧ୍ୟମରେ ଆଫଗାନୀ ମହିଳା କ୍ରିକେଟରମାନଙ୍କୁ ଖେଳିବା ଜାରି ରଖିବା ପାଇଁ ଆବଶ୍ୟକ ସମ୍ବଳ ଯୋଗାଇ ଦେବାକୁ ଆଇସିସି ସିଧାସଳଖ ଆର୍ଥିକ ସହାୟତା ପ୍ରଦାନ କରିବ। ଏଥିପାଇଁ ଏକ ପାଣ୍ଠି ଗଠନ କରାଯିବ। କେବଳେ ସେତିକି ନୁହେଁ, ସେମାନେ ଯେମିତି ପୂର୍ବପରି ଭଲ ଖେଳ ପ୍ରଦର୍ଶନ କରିପାରିବେ ଏଥିପାଇଁ ଉନ୍ନତ ପ୍ରଶିକ୍ଷଣ, ବିଶ୍ୱସ୍ତରୀୟ ସୁବିଧା ଏବଂ ଅନୁକୂଳ ମାର୍ଗଦର୍ଶନ କରାଯିବ। ଏଥିପାଇଁ ଏକ ହାଇ ପରଫର୍ମାନ୍ସ ପ୍ରୋଗ୍ରାମର ଆୟୋଜନ କରାଯିବ। ଏନେଇ ଆଇସିସି ଅଧ୍ୟକ୍ଷ ଜୟ ଶାହ ଖୁସି ବ୍ୟକ୍ତି କରିଛନ୍ତି। ଏକ୍ସରେ ପୋଷ୍ଟ କରି ସେ କହିଛନ୍ତି, ‘ଯେକୌଣସି ପରିସ୍ଥିତି ହେଉନା କାହିଁକି, ପ୍ରତ୍ୟେକ କ୍ରିକେଟରଙ୍କୁ ସଫଳତା ହାସଲ କରିବାକୁ ଏକ ସୁଯୋଗ ଦେବ ପାଇଁ ପୂରା ଆଇସିସି ଦଳ ପ୍ରତିଶ୍ରୁତି ବଦ୍ଧ। ଆମେ ଆମର ଅଂଶୀଦାରମାନଙ୍କ ସମର୍ଥନରେ ଏହି ଟାସ୍କ ଫୋର୍ସ ଏବଂ ପାଣ୍ଠି ଗଠନ କରି ଗର୍ବିତ। ଆଫଗାନିସ୍ତାନର ବିସ୍ଥାପିତ ମହିଳା କ୍ରିକେଟରମାନେ ଏହି ହାଇ ପରଫର୍ମାନ୍ସ କାର୍ଯ୍ୟକ୍ରମ ଅଧୀନରେ କିଭଳି ଆଗକୁ ବଢ଼ିପାରିବେ ତାହା ସୁନିଶ୍ଚିତ କରିବାକୁ ଚାହୁଁଛୁ।’

# ଉଚ୍ଚବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ଉତ୍ସବ ଉଦ୍‌ଯାପିତ

**ବୌଦ୍ଧ, ନ୍ୟୁଜ୍ ବ୍ୟୁରୋ**

ବୌଦ୍ଧଜିଲ୍ଲା ହରଭଙ୍ଗା ବ୍ଲକ ସରସରା ସ୍ଥିତ ପିଏମ ଶ୍ରୀ ବାବା ବୈଦ୍ୟନାଥ ନୋଡାଲ ଉଚ୍ଚ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ଉତ୍ସବ ଉଦ୍‌ଯାପିତ ହୋଇଯାଇଛି। ତିନି ଦିନ ଧରି ଅନୁଷ୍ଠିତ ଏହି କ୍ରୀଡ଼ା ଉତ୍ସବର ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ହରଭଙ୍ଗା ବ୍ଲକ୍‌ର ଗୋଷ୍ଠୀ ଉନ୍ନୟନ ଅଧିକାରୀ ଶରତ କୁମାର ସେଠୀ ଓ ସମ୍ମାନିତ ଅତିଥି ଭାବେ ପଞ୍ଚସଖା ଶିକ୍ଷା ସେତୁର ସଭାପତି ଜୟାନନ୍ଦ ମିଶ୍ର, ମୋ ସ୍କୁଲ୍ ଅଭିଯାନର ପୂର୍ବତନ ସଭାପତି ପ୍ରଭାସ ଚନ୍ଦ୍ର ମହାପାତ୍ର, ଶ୍ରୀବନ୍ତ କୁମାର୍ ନାଏକ ପ୍ରମୁଖ ପ୍ରମୁଖ ଯୋଗଦେଇଥିଲେ। ବିଦ୍ୟାଳୟର ଛାତ୍ରୀମାନଙ୍କ ଦ୍ୱାରା ପ୍ରାରମ୍ଭିକ ନୃତ୍ୟ ପରିବେଷିତ ହୋଇଥିଲା। ମୁଖ୍ୟଅତିଥି ଶ୍ରୀ ସେଠୀ କ୍ରୀଡ଼ା ଉତ୍ସବ ପରିଚାଳନା କରିଥିବା କ୍ରୀଡ଼ା ଶିକ୍ଷକମାନଙ୍କୁ ସମ୍ମାନୀତ କରିବା ପରେ କ୍ରୀଡାର ମହତ୍ତ୍ୱ ବିଷୟରେ ଛାତ୍ରଛାତ୍ରୀମାନଙ୍କୁ ଅବଗତ କରାଇଥିଲେ ଓ କ୍ରୀଡ଼ା ସହିତ ବିଦ୍ୟା ଶିକ୍ଷାର ଗୁରୁତ୍ୱ ସମ୍ବନ୍ଧରେ ଆଲୋଚନା କରିଥିଲେ। ମୁଖ୍ୟ ଅତିଥି ତଥା ସମ୍ମାନୀତ ଅତିଥି ମାନଙ୍କ ଦ୍ୱାରା କ୍ରୀଡ଼ା ପ୍ରତିଯୋଗିତାର କୃତୀ ଛାତ୍ର ଛାତ୍ରୀମାନଙ୍କୁ ପ୍ରମାଣପତ୍ର ଓ ଟ୍ରଫି ପ୍ରଦାନ କରି ସମ୍ମାନୀତ କରାଯାଇଥିଲା।

# ‘ପ୍ରତ୍ୟେକ ଓଡ଼ିଆ ବରପୁତ୍ରମାନଙ୍କ ଅବଦାନ ନିକଟରେ କୃତଜ୍ଞ’

**ଯାଜପୁର, ନ୍ୟୁଜ୍ ବ୍ୟୁରୋ**

ରାଜ୍ୟ ସରକାରଙ୍କ ପକ୍ଷରୁ ଓଡ଼ିଆ ପକ୍ଷ ପାଳନ ଅବସରରେ ଯାଜପୁର ଜିଲ୍ଲା ସଦର ମହକୁମାରେ ବରପୁତ୍ର ମାନଙ୍କ ସଂପର୍କରେ ଆଲୋଚନା ଚକ୍ର ଓ ଜିଲ୍ଲା ସ୍ତରୀୟ କବିତା ପାଠ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପୂର୍ବାହ୍ନରେ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଆୟୋଜିତ ଜିଲ୍ଲା ସ୍ତରୀୟ କବି ସମ୍ମେଳନକୁ ଅତିରିକ୍ତ ଜିଲ୍ଲାପାଳ ଶିବାନନ୍ଦ ସ୍ୱାଇଁ ପ୍ରଦୀପ ପ୍ରଜ୍ୱଳନ କରି ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ନିହାରିକା ରଥ ଓ ପ୍ରିୟଙ୍କା ପ୍ରିୟଦର୍ଶିନୀ ରାୟଙ୍କ ସଂଯୋଜନାରେ ଜିଲ୍ଲାର ଦଶଟି ବ୍ଲକ, ଦୁଇଟି ପୌରାଞ୍ଚଳରୁ ୪୫ ଜଣ କବି ଯୋଗଦେଇ ସ୍ୱରଚିତ କବିତା ଆବୃତ୍ତି କରିଥିଲେ। ଜିଲ୍ଲା ସୂଚନା ଲୋକ ସମ୍ପର୍କ ଅଧିକାରୀ କାମିନୀ ରଞ୍ଜନ ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ। କବି ତୁହିନଂଶୁ ରଥ ପଠିତ କବିତା ସମ୍ପର୍କରେ ନିଜର ମତାମତ ରଖିଥିଲେ।



ଦ୍ୱିତୀୟ ଅଧିବେଶନ ଜିଲ୍ଲାର ବରପୁତ୍ର ମାନଙ୍କ ସଂପର୍କରେ ଆଲୋଚନା ଚକ୍ରକୁ ମୁଖ୍ୟ ଅତିଥି ଅତିରିକ୍ତ ଜିଲ୍ଲାପାଳ ଶିବାନନ୍ଦ ସ୍ୱାଇଁ ପ୍ରଦୀପ ପ୍ରଜ୍ୱଳନ କରି ଉଦ୍‌ଘାଟନ କରିବା ପରେ କବି ଡକ୍ଟର୍ ରାଜ କିଶୋର ପାଢ଼ୀ, କବି ଡକ୍ଟର ଗୌତମ ଜେନା ଆଲୋଚକ ଭାବେ ଯୋଗ ଦେଇ ଏ ଜାତି ପୂର୍ବସୁରୀ ମାନଙ୍କ ଅବଦାନ ନିକଟରେ କୃତଜ୍ଞ ବୋଲି କହି ଜିଲ୍ଲାର ସାରସ୍ୱତ ସାଧକ, ସ୍ୱାଧୀନତା ସଂଗ୍ରାମୀ, ସମାଜସେବୀ ମାନଙ୍କ ଅବଦାନ ସମ୍ପର୍କରେ ଆଲୋଚନା କରିଥିଲେ। ଓଡ଼ିଶା ସାହିତ୍ୟ ଏକାଡ଼େମୀ ପକ୍ଷରୁ ସଂଯୋଜକ ଥିବା ବିମଳ ପତି କାର୍ଯ୍ୟକ୍ରମକୁ ସଞ୍ଚାଳନ କରିଥିବା ବେଳେ ସଂଯୋଜିକା ସଂଯୁକ୍ତା ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ଜିଲ୍ଲା ସଂସ୍କୃତି ପରିଷଦର ଉପଦେଷ୍ଟା ସନ୍ତୋଷ ନନ୍ଦ ଅତିଥି ଭାବେ ଉପସ୍ଥିତ ଥିଲେ। ଏହି ଅବସରରେ ଜିଲ୍ଲା ସ୍ତରୀୟ କବିତା ପାଠ ଉତ୍ସବ ରେ ଅଂଶ ଗ୍ରହଣ କରିଥିବା କବିମାନଙ୍କୁ ଉତ୍ତରୀୟ ଓ ସ୍ମୃତି ଫଳକ ଦେଇ ସମ୍ମାନୀତ କରାଯାଇଥିଲା।

ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା
ସଚିବାଳୟ ମାର୍ଗ, ଭୁବନେଶ୍ୱର - ୭୫୧୦୦୧
ଫୋନ୍ : (୦୬୭୪) ୨୩୯୩୫୨୪
ଇପିବିଏକ୍ସ : (୦୬୭୪) ୨୩୯୧୫୪୨, ୨୩୯୦୧୪୧
ଫାକ୍ସ : (୦୬୭୪) ୨୩୯୩୯୫୨, ୱେବ୍‌ସାଇଟ୍ : www.oshb.org
CAD-116

ପତ୍ର ସଂଖ୍ୟା ୪୬ | ବିଜ୍ଞାପନ | ତା. ୧୩.୦୩.୨୦୨୫

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ନିମ୍ନଲିଖିତ ସ୍ଥାବର ସମ୍ପତ୍ତି ଆବଣ୍ଟନ ଗ୍ରହୀତାଙ୍କ ମୃତ୍ୟୁ ପରେ ନିମ୍ନ ଆବେଦନକାରୀ ନିଜକୁ ତାଙ୍କର ଉତ୍ତରାଧିକାରୀ ଦର୍ଶାଇ ତାଙ୍କ ନାମ ଦରଜ କରିବା ପାଇଁ ଆବେଦନ କରିଅଛନ୍ତି। ଏଥିରେ ଯଦି କାହାର କିଛି ଆପତ୍ତି ଥାଏ, ଉକ୍ତ ବିଜ୍ଞାପନ ପ୍ରକାଶ ପାଇବାର ୧୫ ଦିନ ମଧ୍ୟରେ ଉପଯୁକ୍ତ ପ୍ରମାଣ ସହ ନିମ୍ନ ସ୍ୱାକ୍ଷରକାରୀଙ୍କ ଦପ୍ତରରେ ଆବେଦନ କରିପାରିବେ। ଧାର୍ଯ୍ୟ ଦିନ ପରେ କୌଣସି ଆପତ୍ତି ଗ୍ରହଣଯୋଗ୍ୟ ନୁହେଁ।

| କ୍ର. ନଂ. | ଆବଣ୍ଟନ ଗ୍ରହୀତାଙ୍କ ନାମ ଓ ଠିକଣା | ଗୃହର ବିବରଣୀ | ଉତ୍ତରାଧିକାରୀଙ୍କ ନାମ |
|---|---|---|---|
| ୧ | ✓ଉପେନ୍ଦ୍ର ପଣ୍ଡା<br>ପି-✓ମାଧବ ପଣ୍ଡା<br>ଗ୍ରା-କୀର୍ତ୍ତିପୁର<br>ପୋ-କାଟଖଣ୍ଡି<br>ଥା-ପାଟପୁର<br>ଜି-ଗଞ୍ଜାମ | ଘର ନଂ-ଏ.ଏଲ୍-୩୪<br>(AL-34)<br>ବାସନ୍ତୀ କଲୋନୀ<br>ପ୍ରଥମ ପର୍ଯ୍ୟାୟ<br>ରାଉରକେଲା | ୧-ପଦ୍ମଲାଭ ପଣ୍ଡା(ବି.ପୁତ୍ର)<br>୨-ଝୁନୁ କୁମାରୀ ପାତ୍ର(ବି.କନ୍ୟା)<br>୩-ସନ୍ତୋଷ କୁମାର ପଣ୍ଡା(ବି.ପୁତ୍ର) |

ସ୍ୱା- ପ୍ରଶାସନିକ ଅଧିକାରୀ
ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା
OIPR-13030/11/0545/2425

# ‘ଓଡ଼ିଆ ଭାଷାକୁ ସମୃଦ୍ଧ କରିବା ପାଇଁ ପ୍ରତ୍ୟେକ ଓଡ଼ିଆ ଉଦ୍ୟମ କରିବା ଉଚିତ’

**ଭଦ୍ରକ, ନ୍ୟୁଜ୍ ବ୍ୟୁରୋ**

ଦାମୋଦର ସଂସ୍କୃତ ମହାବିଦ୍ୟାଳୟ ପରିସରରେ ଅଧ୍ୟକ୍ଷ ଡଃ ନିତ୍ୟାନନ୍ଦ ମିଶ୍ରଙ୍କ ସଭାପତିତ୍ୱରେ ‘ଓଡ଼ିଆ ପକ୍ଷ’ ସମାରୋହ ପାଳିତ ହୋଇଯାଇଛି। ଉକ୍ତ ସମାରୋହରେ ମୁଖ୍ୟ ଅତିଥିଭାବେ ଡଃ କୃପାସିନ୍ଧୁ ନାୟକ, ମୁଖ୍ୟବକ୍ତା ଭାବେ ଡଃ ପ୍ରମୋଦ କୁମାର ନାୟକ, ସମ୍ମାନିତ ଅତିଥି ଭାବେ ଅକ୍ଷ କୁମାର ପାଣିଗ୍ରାହୀ, ପ୍ରଭାତୀ ନାୟକ, ମିଳନ ପଣ୍ଡା, ହରିପ୍ରିୟା ମିଶ୍ର ଓ ମଞ୍ଜୁଲତା ମହାପାତ୍ର ପ୍ରମୁଖ ଯୋଗଦେଇ ‘ଓଡ଼ିଆ ପକ୍ଷ’ ପାଳନର ଆବଶ୍ୟକତା ଓ ଓଡ଼ିଶା ଭାଷାକୁ ସମୃଦ୍ଧ କରିବାପାଇଁ ପ୍ରତ୍ୟେକ ଶିଶୁଠାରୁ ଆରମ୍ଭ କରି ପରିବାରର ସମସ୍ତ ସଦସ୍ୟଙ୍କ ଚେଷ୍ଟା ଓ ଇଚ୍ଛାଶକ୍ତି ରହିବା ଦରକାର ବୋଲି ମତବ୍ୟକ୍ତ କରିଥିଲେ। ସଭା ପ୍ରାରମ୍ଭରେ ମଧୁସୂଦନ ତ୍ରିପାଠୀ ବେଦପାଠ ନୋଡ଼ାଲ ଅଫିସର ଶୁକଦେବ ପଣ୍ଡା ଅତିଥି ପରିଚୟ ସହ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଛାତ୍ରଛାତ୍ରୀମାନେ ନିଜର ସ୍ୱ କବିତା, ପ୍ରବନ୍ଧ, ଔପନ୍ୟାସ ଓ ଗଳ୍ପ ପ୍ରସ୍ତୁତି ଉପସ୍ଥାପନ କରିଥିଲେ। ପରିଶେଷରେ ନୋଡ଼ାଲ ଅଫିସର ଧନ୍ୟବାଦ ଅର୍ପଣ କରିଥିଲେ। ଉକ୍ତ ଉତ୍ସବରେ ରଘୁନାଥ ନାୟକ, ଗୌରାଙ୍ଗ ଦାସ ଓ ଜ୍ୟୋତିପ୍ରକାଶ ଗୁଇଁ ପ୍ରମୁଖ ସଭା ସଂଚାଳନ କରିଥିଲେ।



# ଓଡ଼ିଆ ଭାଷା ଆନ୍ଦୋଳନର ମୂଳ ପୀଠ ‘ପଞ୍ଚୁ ଦେବାଳୟ ମଠ’

**ବ୍ରହ୍ମପୁର, ନ୍ୟୁଜ୍ ବ୍ୟୁରୋ**

ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନର ମୂଳଦୁଆ ବ୍ରହ୍ମପୁରର ପଞ୍ଚୁ ଦେବାଳୟ ମଠରେ ପଡ଼ିଥିଲା ବୋଲି ଐତିହାସିକ ଓ ବୁଦ୍ଧିଜୀବୀ ମତ ଦେଇଛନ୍ତି। ଏହାକୁ ୧୨୨ ବର୍ଷ ପୂର୍ତ୍ତି ହେବାକୁ ବସିଛି। ୧୯୦୩ ଏପ୍ରିଲ୍ ୧୧ ଓ ୧୨ ତାରିଖରେ ଏଠାରେ ଗଞ୍ଜାମ ଜାତୀୟ ସମିତି ଦ୍ୱାରା ଆୟୋଜିତ ବୈଠକରେ ଉତ୍କଳ ଗୌରବ ମଧୁସୂଦନ ଦାସ ଉତ୍କଳ ସମ୍ମିଳନୀର ପରିକଳ୍ପନା କରିଥିଲେ। ଯାହାର ଫଳ ସ୍ୱରୂପ ଉକ୍ତ ବର୍ଷ ଶେଷରେ ଉତ୍କଳ ସମ୍ମିଳନୀରେ ପ୍ରଥମ ବୈଠକ କଟକ ଇଦ୍‌ଗାହ ପଡ଼ିଆରେ ହୋଇଥିଲା। ଗଞ୍ଜାମ ଜାତୀୟ ସମିତିର ପରିକଳ୍ପନା ଓ ପୃଷ୍ଟପୋଷକତା କରିଥିବା ବରପୁତ୍ରଙ୍କ ସ୍ମୃତି ସେହି ସ୍ଥାନରେ ଦେଖିବାକୁ ମିଳୁନାହିଁ। ସ୍ମୃତି ସ୍ୱରୂପ ପଞ୍ଚୁ ଦେବାଳୟ ମଠ ରହିଛି। କିନ୍ତୁ ଏହା ଏବେ ଅଲୋଡ଼ା। ସରକାର ଓଡ଼ିଆ ପକ୍ଷ ପାଳନ କରୁଛନ୍ତି। ଐତିହ୍ୟ ଓ ଐତିହାସିକ ସ୍ଥଳରେ ସୁରକ୍ଷାକୁ ଗୁରୁତ୍ୱ ଦେଉଛନ୍ତି। ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନର ଏହି ମୂଳଦୁଆକୁ ଉଦ୍‌ଜୀବିତ କରିବାପାଇଁ ସେହି ସ୍ଥାନରେ ସ୍ମୃତି ସ୍ତୂପଟିଏ ସ୍ଥାପନ ପାଇଁ ଐତିହାସିକ ଗବେଷକ ଓ ବୁଦ୍ଧିଜୀବୀ ଦାବି କରିଛନ୍ତି। ଅବିଭକ୍ତ ଗଞ୍ଜାମ ଜିଲ୍ଲାରେ ସ୍ୱତନ୍ତ୍ର ଓଡ଼ିଆ ଭାଷାଭିତ୍ତିକ ରାଜ୍ୟ ପାଇଁ ୧୯୦୧ରେ ଗଞ୍ଜାମ ଜାତୀୟ ସମିତି ନାମକ ଅନୁଷ୍ଠାନ ଗଢ଼ି ଉଠିଥିଲା। ହରିଡ଼ାଖଣ୍ଡି ମଠର ମହନ୍ତ ରାମାଧୀନ ଦାଶ ଏହି ଅନୁଷ୍ଠାନର କୋଷାଧ୍ୟକ୍ଷ ରହିଥିଲେ। ତାଙ୍କରି ଅଧୀନରେ ପଞ୍ଚୁଦେବାଳୟ ମଠ ଓ ଉତ୍କଳ ସିନେମା ହଲ୍ ଅଞ୍ଚଳ ରହିଥିଲା। ସେହି ସମୟରେ ଉତ୍କଳ ସିନେମା ହଲ୍ ସ୍ଥାନଟି ଏକ ବିରାଟ ପଡ଼ିଆ ରହିଥିଲା। ଯାହାକି ଏବେ ବିରାଟ ଅଟ୍ଟାଳିକା ଭାବେ ଛିଡ଼ା ହୋଇଛି। ଇତି ମଧ୍ୟରେ ସ୍ୱତନ୍ତ୍ର ଭାଷାଭିତ୍ତିକ ଅଞ୍ଚଳ ଗଠନ ପାଇଁ ଗଞ୍ଜାମ ସମିତିର ଲକ୍ଷ୍ୟ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ନିକଟରେ ପହଞ୍ଚିଥିଲା। ଯାହାକୁ ନେଇ ୧୯୦୩ ମସିହା ଜୁଲାଇ ୧୧ ଓ ୧୨ ତାରିଖରେ ପଞ୍ଚୁଦେବାଳୟ ଠାରେ ଗଞ୍ଜାମ ଜାତୀୟ ସମିତିର ଏକ ବୈଠକ ହୋଇଥିଲା। ଏଥିରେ ଅବିଭକ୍ତ ଗଞ୍ଜାମର ପ୍ରଥମ ଗ୍ରାଜୁଏଟ୍ ପାରଳାର ଶ୍ୟାମସୁନ୍ଦର ରାଜାଗୁରୁ ସଭାପତିତ୍ୱ କରିଥିଲେ। ସେହିପରି ଖଲ୍ଲିକୋଟ ରାଜା ହରିହର ମର୍ଦ୍ଦରାଜ ଦେଓ, ବଡ଼ଖେମୁଣ୍ଡି ରାଜା କୃପାମୟ ଦେବ, ଧରାକୋଟ ରାଜା ମଦନମୋହନ ସିଂ ଦେଓ ସଂଯୋଜନା କରିଥିଲେ। ଏହି ବୈଠକରେ ପାରଳା ମହାରାଜା କୃଷ୍ଣଚନ୍ଦ୍ର ଗଜପତି, ଉତ୍କଳ ଗୌରବ ମଧୁସୂଦନ ଦାସ, ଉତ୍କଳମଣି ଗୋପବନ୍ଧୁ ଦାସ, ବ୍ୟାସକବି ଫକୀରମୋହନ, ନୀଳମଣି ବିଦ୍ୟାରତ୍ନ, ଶଶି ଭୂଷଣ ରଥଙ୍କ ସମେତ ବହୁ ବରପୁତ୍ର ଓ ତତ୍‌କାଳୀନ ଗଞ୍ଜାମର ସମସ୍ତ ରାଜାମାନେ ଯୋଗ ଦେଇଥିଲେ। ଗଞ୍ଜାମ ଜାତୀୟ ସମିତି ସ୍ୱତନ୍ତ୍ର ଓଡ଼ିଶା ସହ ଓଡ଼ିଶାର ଆଂଚଳିକ ସଙ୍ଗଠନ ସାମିଲ ହୋଇ ସଭାକୁ ସଫଳ ରୂପାୟନ କରିଥିଲେ। ଐତିହାସିକ ଗବେଷକ ଡ. ଅନନ୍ତରାମ କର କୌଣ୍ଡିନ୍ୟ କହିଛନ୍ତି, ପଞ୍ଚୁ ଦେବାଳୟ ସଭାଟି ହେଉଛି ପ୍ରଥମ ସଭା, ଯେହେତୁ ଉତ୍କଳ ସମ୍ମିଳନୀ ପାଇଁ ପ୍ରଥମେ ଏହି ସ୍ଥାନରୁ ଆନ୍ଦୋଳନ ଆରମ୍ଭ ହୋଇଥିଲା। ଏହାହିଁ ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନର ମୂଳଦୁଆ। ସେହିପରି ବ୍ରହ୍ମପୁରରେ ଦୁଇଟି ଐତିହ୍ୟ ସ୍ଥାନ ରହିଛି। ପଞ୍ଚୁ ଦେବାଳୟ ମଠ ଓ ଉତ୍କଳ ଆଶ୍ରମ ଏହାର ସୁରକ୍ଷା ସରକାର କରିବା ସହ ସହରରେ ଐତିହ୍ୟ ସ୍ତୁପ ସ୍ଥାପନ କରନ୍ତୁ ବୋଲି ସେ କହିଛନ୍ତି। ଗଞ୍ଜାମ ଓକିଲ ସଂଘ ସଭାପତି ମନୋଜ ପଟ୍ଟନାୟକ କହିଛନ୍ତି, ଗଞ୍ଜାମ ଜାତୀୟ ସମିତିର ବୈଠକ ପୂର୍ବରୁ ସମସ୍ତ ବରପୁତ୍ର ପଂଚଦେବାଳୟ ମଠରେ ପ୍ରଥମ ପୂଜାର୍ଚ୍ଚନା କରିଥିଲେ। ଏହାପରେ ବୈଠକରେ ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନ ଆହ୍ୱାନ୍ ସହ ଉତ୍କଳ ସମ୍ମିଳନୀ ତିଆରି ହୋଇଥିଲା। ଓଡ଼ିଶା ଗଠନରେ ଏହି ମାଟିର ସ୍ୱତନ୍ତ୍ର ମହତ୍ତ୍ୱ ରହିଛି। ମହାମହିମ ରାଷ୍ଟ୍ରପତି ଏହି ସ୍ଥାନ ବୁଲି ଯିବା ସହ ଏଠାରେ ଐତିହ୍ୟ ସ୍ତମ୍ଭ ନିର୍ମାଣ ପାଇଁ ସରକାରଙ୍କୁ ପରାମର୍ଶ ଦେବାର ଆବଶ୍ୟକତା ରହିଛି।





# ପୂର୍ବ ସରକାରଙ୍କ ଅନୁମୋଦିତ ପ୍ରକଳ୍ପକୁ ଆଉଥରେ ଚୁକ୍ତି କରୁଛି ବିଜେପି ସରକାର: ବିଜେଡି

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ନିକଟରେ ରାଜ୍ୟ ସରକାରଙ୍କ ଦ୍ୱାରା ଦିଲ୍ଲୀରେ ସ୍ୱାକ୍ଷର ହୋଇଥିବା ଏମଓୟୁ ମଧ୍ୟରୁ ପାରାଦୀପ ସ୍ଥିତ ଇଣ୍ଡିଆନ ଅଏଲର ସମ୍ପ୍ରସାରଣ ସହିତ ସେଠାରେ ଇଣ୍ଟିଗ୍ରେଟେଡ୍ ନାପଥା କ୍ରାକର ପ୍ରକଳ୍ପ ସ୍ଥାପନ ପାଇଁ ହୋଇଥିବା ଚୁକ୍ତି ପୂର୍ବ ସରକାରଙ୍କ ସମୟରେ ଅନୁମୋଦିତ ହୋଇଥିବା ବେଳେ, ଏହାକୁ ପୁଣିଥରେ କରି ମିଛ ବାହାବା ନେବା ପାଇଁ ରାଜ୍ୟ ସରକାର ଚେଷ୍ଟା କରୁଛନ୍ତି ବୋଲି ବିଜୁ ଜନତା ଦଳ ଅଭିଯୋଗ କରିଛି । ଶଙ୍ଖ ଭବନ ଠାରେ ଆଜି ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ, ଦଳର ସଭାପତି ଶ୍ରୀ ନବୀନ ପଟ୍ଟନାୟକଙ୍କ ରାଜନୈତିକ ସଚିବ ଓ ଜାତୀୟ ମୁଖପାତ୍ର ଡ଼ ସଂତୃପ୍ତ ମିଶ୍ର କହିଛନ୍ତି, ରାଜ୍ୟବାସୀଙ୍କୁ ପ୍ରକୃତ ତଥ୍ୟ ନଦେଇ କେବଳ ପୂର୍ବ ପ୍ରକଳ୍ପ ଗୁଡିକର ନାମ ଓ ରଙ୍ଗ ପରିବର୍ତ୍ତନ କରି ନିଜର ବୋଲି ଦାବି କରିବା ରାଜ୍ୟ ସରକାରଙ୍କ ଏକ ଅଭ୍ୟାସରେ ପରିଣତ ହୋଇଛି । ନିକଟରେ ରାଜ୍ୟ ସରକାରଙ୍କ ଦ୍ୱାରା ଦିଲ୍ଲୀ ଠାରେ ସ୍ୱାକ୍ଷରିତ ହୋଇଥିବା କିଛି ଚୁକ୍ତି ମଧ୍ୟରୁ ପାରାଦୀପ ସ୍ଥିତ ଇଣ୍ଡିଆନ ଅଏଲ ପ୍ରକଳ୍ପର ସମ୍ପ୍ରସାରଣ ଓ ନାପଥା କ୍ରାକର ପ୍ଲାଣ୍ଟ ପ୍ରତିଷ୍ଠା ପାଇଁ କରାଯାଇଥିବା ଚୁକ୍ତି, ପୂର୍ବ ସରକାରଙ୍କ ଦ୍ୱାରା ଅନୁମୋଦିତ ହୋଇଥିଲେ ମଧ୍ୟ ଏହାକୁ ପୁନର୍ବାର କରାଯାଇ ମିଛ ବାହାଦୁରୀ ନେବାକୁ ଚେଷ୍ଟା କରାଯାଇଛି। ଶ୍ରୀ ମିଶ୍ର କହିଥିଲେ, ୨୦୧୮ ମସିହା ଜାନୁଆରୀ ୧୧ ତାରିଖରେ ତତ୍କାଳୀନ ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦିଙ୍କୁ ଚିଠି ଲେଖି ପାରାଦୀପରେ ଇଣ୍ଡିଆନ ଅଏଲ ପ୍ରକଳ୍ପର ସମ୍ପ୍ରସାରଣ ଓ ନାପଥା କ୍ରାକର ପ୍ଲାଣ୍ଟ ପ୍ରତିଷ୍ଠା ପାଇଁ ଦାବି ଜଣାଇଥିଲେ। ୨୦୧୯ ମସିହା ଏପ୍ରିଲ ମାସରେ ଇଣ୍ଡିଆନ ଅଏଲ ତରଫରୁ ଏହି ସମ୍ବନ୍ଧରେ ଦିଆଯାଇଥିବା ପ୍ରସ୍ତାବକୁ ତତ୍କାଳୀନ ଓଡିଶା ସରକାର ଅନୁମୋଦନ ଦେଇଥିଲେ । ଇଣ୍ଡିଆନ ଅଏଲ ତରଫରୁ ଦିଆଯାଇଥିବା ପ୍ରସ୍ତାବରେ ଏହାର ଉତ୍ପାଦନ କ୍ଷମତା ୧୫ ମିଲିଅନ ଟନରୁ ୨୫ ମିଲିଅନ ଟନ କରିବା ସହିତ ଏକ ନାପଥା କ୍ରାକର ପ୍ଲାଣ୍ଟ ସ୍ଥାପନ ପାଇଁ ୧ ଲକ୍ଷ ୩ ଶହ କୋଟି ଟଙ୍କା ବ୍ୟୟର ବ୍ୟବସ୍ଥା ରହିଥିଲା । ସେହିପରି, ୨୦୨୩ ମସିହାରେ ତତ୍କାଳୀନ ଶିଳ୍ପ ସଚିବଙ୍କ ଦ୍ୱାରା ଇଣ୍ଡିଆନ ଅଏଲର ଏହି ପ୍ରକଳ୍ପ ପାଇଁ ରାଜ୍ୟ ସରକାରଙ୍କ ତରଫରୁ କ'ଣ କ'ଣ ପ୍ରୋତ୍ସାହନ ପ୍ରଦାନ କରାଯିବ ତାହାର ବିସ୍ତୃତ ସୂଚନା ପ୍ରଦାନ କରାଯାଇଥିଲା । ତେଣୁ, ଗୋଟିଏ ପୁରୁଣା ପ୍ରକଳ୍ପ ପାଇଁ ଆଉଥରେ ଚୁକ୍ତି ସ୍ୱାକ୍ଷର କରି ରାଜ୍ୟବାସୀଙ୍କୁ ଭ୍ରମିତ କରିବାକୁ ସରକାର ଚେଷ୍ଟା କରୁଛନ୍ତି । ଜେଏସଡବ୍ଲ୍ୟୁ ଇଭି ପ୍ରକଳ୍ପ, ଚୌଦ୍ୱାରରେ ୱେଲସ୍ପନ ଟେକ୍ସଟାଇଲ ପ୍ରକଳ୍ପ ଭଳି ନବୀନ ପଟ୍ଟନାୟକଙ୍କ ସରକାର ସମୟରେ ଏମଓୟୁ ସ୍ୱାକ୍ଷରିତ ହୋଇଥିବା ଅନେକ ପ୍ରକଳ୍ପର ବର୍ତ୍ତମାନ ସ୍ଥିତି ରାଜ୍ୟବାସୀଙ୍କୁ ପ୍ରଦାନ କରାଯିବା ସହ ଏହାକୁ କାର୍ଯ୍ୟକାରୀ କରିବା ପାଇଁ ରାଜ୍ୟ ସରକାର କି ପଦକ୍ଷେପ ଗ୍ରହଣ କରିଛନ୍ତି ବୋଲି ଡ଼ ମିଶ୍ର ପ୍ରଶ୍ନ କରିଛନ୍ତି। ଏହି ସାମ୍ବାଦିକ ସମ୍ମିଳନୀରେ ଦଳର ଗଣମାଧ୍ୟମ ସଂଯୋଜକ ତଥା ମୁଖପାତ୍ର ଡ଼ ଲେନିନ ମହାନ୍ତି ଉପସ୍ଥିତ ଥିଲେ ।





# ଆମ୍ବେଦକର ମାନସିକ ଦୃଢ଼ତା, ପ୍ରଜ୍ଞା, ସତ୍ୟ ନିଷ୍ଠାର ମୂର୍ତ୍ତିମନ୍ତ ପ୍ରତୀକ : ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଭାରତରତ୍ନ ବାବାସାହେବ ଡଃ. ଭୀମରାଓ ରାମଜୀ ଆମ୍ବେଦକରଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ପାଳନ ଅବସରରେ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ପୂର୍ବକ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଛି । ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଏଜି ଛକସ୍ଥିତ ଭାରତରତ୍ନ ଡଃ. ଆମ୍ବେଦକରଙ୍କ ପ୍ରତିମୂର୍ତ୍ତିରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ମାଲ୍ୟାର୍ପଣ କରିଛନ୍ତି । ସମ୍ବିଧାନ ପ୍ରଣେତା ବାବାସାହେବଙ୍କୁ ଜଣେ ସମାଜ ସଂସ୍କାରକ, ଆଇନଜ୍ଞ, ଅର୍ଥନୀତିଜ୍ଞ ଓ ରାଷ୍ଟ୍ର ନିର୍ମାତା ଭାବେ ମୁଖ୍ୟମନ୍ତ୍ରୀ ଅଭିହିତ କରିଥିଲେ । ମାନସିକ ଦୃଢ଼ତା, ପ୍ରଜ୍ଞା, ସତ୍ୟ ନିଷ୍ଠାର ମୂର୍ତ୍ତିମନ୍ତ ପ୍ରତୀକ ବୋଲି ମୁଖ୍ୟମନ୍ତ୍ରୀ କହିବା ସହ ଦେଶ ଗଠନରେ ଆମ୍ବେଦକରଙ୍କ ତ୍ୟାଗର ସ୍ମୃତିଚାରଣ କରିଥିଲେ। ଏହି ମାଲ୍ୟାର୍ପଣ କାର୍ଯ୍ୟକ୍ରମରେ ବିଦ୍ୟାଳୟ ଓ ଗଣଶିକ୍ଷା, ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ, ସଂଖ୍ୟାଲଘୁ ଓ ପଛୁଆ ବର୍ଗ କଲ୍ୟାଣ, ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ, ଜଗତସିଂହପୁର ସାଂସଦ ବିଭୁ ପ୍ରସାଦ ତରାଇ, ଯାଜପୁର ସାଂସଦ ଡ. ରବିନ୍ଦ୍ର ନାରାୟଣ ବେହେରା, ଏକାମ୍ର ବିଧାୟକ ବାବୁ ସିଂ, ବହୁ ମାନ୍ୟଗଣ୍ୟ ବ୍ୟକ୍ତି, ଶିକ୍ଷାବିତ ପ୍ରମୁଖ ଉପସ୍ଥିତ ରହି ମାଲ୍ୟାର୍ପଣ ପୂର୍ବକ ଆମ୍ବେଦକରଙ୍କ ସ୍ମୃତିଚାରଣ କରିଥିଲେ । ସୂଚନା ଓ ଲୋକ ସମ୍ପର୍କ ବିଭାଗ ବୈଷୟିକ ନିର୍ଦ୍ଦେଶକ ସୁରେନ୍ଦ୍ରନାଥ ପରିଡ଼ା, ଉପ ନିର୍ଦ୍ଦେଶକ(କ୍ଷେତ୍ର) ଶ୍ରୀମତୀ ସୁଚେତା ପ୍ରିୟଦର୍ଶିନୀ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

## ପବିତ୍ର ହନୁମାନ ଜୟନ୍ତୀର ଶୁଭକାମନା ଜଣାଇଲେ ନବୀନ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ପବିତ୍ର ହନୁମାନ ଜୟନ୍ତୀର ଶୁଭକାମନା ଜଣାଇଛନ୍ତି ନବୀନ ପଟ୍ଟନାୟକ । ସୋସିଆଲ ମିଡିଆ ଏକ୍ସରେ ନବୀନ କହିଛନ୍ତି ଯେ, ପବିତ୍ର ହନୁମାନ ଜୟନ୍ତୀର ଶୁଭକାମନା ଜଣାଉଛି। ସଙ୍କଟମୋଚନଙ୍କ ଆଶୀର୍ବାଦରୁ ସଭିଙ୍କ ଜୀବନ ମଙ୍ଗଳମୟ ହେଉ ଏହାହିଁ କାମନା କରିଛନ୍ତି ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ।

# ହନୁମାନ ଜୟନ୍ତୀ ଅବସରରେ ମନ୍ଦିରରେ ପୂଜା ପାଠ କଲେ ଆଇନ୍ ମନ୍ତ୍ରୀ

**ଭୁବନେଶ୍ୱର ୧୪।୦୪**
**ନ୍ୟୁଜ ବ୍ୟୁରୋ**

ଓଡ଼ିଆ ନବବର୍ଷ, ପଣା ସଂକ୍ରାନ୍ତି ଓ ହନୁମାନ ଜୟନ୍ତୀ ଖୁବ୍ ଧୁମଧାମର ସହ ପାଳନ କରିଛନ୍ତି ଆଇନ ମନ୍ତ୍ରୀ ପୃଥ୍ୱୀରାଜ୍ ହରିଚନ୍ଦନ। କଟକ ଜିଲ୍ଲା ଚୌଦ୍ୱାର ଆଗ୍ରହାଟ ପଞ୍ଚାୟତ କୁଜିବର ଠାରେ ଥିବା ବହୁ ପୁରାତନ ହନୁମାନ ମନ୍ଦିରରେ ପହଞ୍ଚିଛନ୍ତି ମନ୍ତ୍ରୀ। ସେଠାରେ କଳସ ବୁଡ଼ାଇବା ସହିତ ପୂଜାର୍ଚ୍ଚନା କରିଛନ୍ତି । ମନ୍ତ୍ରୀ ଓ ତାଙ୍କ ପରିବାର ବହୁ ସମୟରେ ଏହି ପୀଠକୁ ଆସୁଥିବା ବେଳେ ସୋମବାର ହନୁମାନଙ୍କ ଦର୍ଶନ କରିଛନ୍ତି । ଏହି ପୀଠ ବହୁ ପୁରାତନ ହୋଇଥିବା ବେଳେ ଏଠାରେ ଏକ ଶକ୍ତି ଥିବା ମନ୍ତ୍ରୀ କହିଛନ୍ତି। ଆଗାମୀ ଦିନରେ ଏହି ପୀଠର ଉନ୍ନତି ହେବା ସହିତ ଏହା ରାଜ୍ୟର ପ୍ରମୁଖ ସ୍ଥାନ ହୋଇ ପାରିବ ବୋଲି ସେ କହିଛନ୍ତି । ମନ୍ତ୍ରୀ ଆହୁରି କହିଛନ୍ତି, ଏହି ପୀଠର ବହୁ ମହତ୍ତ୍ୱ ଅଛି । ଏଠାରେ ମାନସିକ କରୁଥିବା ମାନସିକଧାରୀଙ୍କ ସମସ୍ତ ମାନସିକ ପୂରଣ ହୋଇଥାଏ। ପ୍ରାୟ ୪୦ ବର୍ଷ ଧରି ଏଠାରେ ଗୁପ୍ତ ଭାବେ ପୂଜା ପାଇ ଆସୁଥିବା ମହାବୀର ଜଙ୍ଗଲ ପରିବେଶ ଭିତରେ ରହୁଛନ୍ତି। ସରକାରଙ୍କ ପକ୍ଷରୁ ସେହିଭଳି କିଛି କାର୍ଯ୍ୟ କରାଯାଇ ନାହିଁ। ଆଗାମୀ ଦିନରେ ସରକାର ଚାହିଁଲେ ଏହି ପୀଠର ଉନ୍ନତି ହେବ ବୋଲି ଆଶା କରାଯାଉଥିବା ପୂଜକ କହିଛନ୍ତି ।





# ବିଜେଡି ପକ୍ଷରୁ ପଣା ସଂକ୍ରାନ୍ତି ପାଳନ: ସମସ୍ତ ଓଡ଼ିଆଙ୍କୁ ନବବର୍ଷର ଶୁଭେଚ୍ଛା

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ଏକାମ୍ର ଭୁବନେଶ୍ୱରରେ ପଣା ସଂକ୍ରାନ୍ତି ପାଳନ କରାଯାଉଛି । ଏନେଇ ଏକାମ୍ର ବିଜୁ ଜନତା ଦଳ ପକ୍ଷରୁ ବିମେଶ୍ୱର ମନ୍ଦିର ପାଖରେ ପଣାର ଆୟୋଜନ କରାଯାଇଥିଲା । ୬୧ ନମ୍ବର ୱାର୍ଡର ଏହି କାର୍ଯ୍ୟକ୍ରମରେ ସ୍ଥାନୀୟ ଲୋକ ସାମିଲ ହୋଇଥିଲେ । ବିଜେଡି ପକ୍ଷରୁ ସମନ୍ୱୟ କମିଟି ଅଧ୍ୟକ୍ଷ ଦେବୀ ମିଶ୍ର, ପୂର୍ବତନ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା ଓ ଭୁବନେଶ୍ୱର ମେୟର ସୁଲୋଚନା ଦାସଙ୍କ ସମେତ ଅନେକ କର୍ପୋରେଟର ସାମିଲ ହୋଇଥିଲେ । ଏହାସହ ଲୋକଙ୍କୁ ପଣା ବଣ୍ଟନ କରିଥିଲେ । ଏଥର ପଣାରେ ଔଷଧୀୟ ଗୁଣବତ୍ତା ବଜାୟ ରଖାଯାଇଛି। ଏହି ଅବସରରେ ବିଜେଡି ପକ୍ଷରୁ ସମସ୍ତଙ୍କୁ ଓଡ଼ିଆରେ ନବବର୍ଷର ଶୁଭେଚ୍ଛା ଜଣାଯାଇଛି ।

## ରାଜଭବନରେ ବାବାସାହେବ ଡ. ଆମ୍ବେଦକର ଜୟନ୍ତୀ ପାଳିତ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ଭାରତର ମହାନ୍ ସମ୍ବିଧାନର ଜନକ ଭାରତ ରତ୍ନ ବାବାସାହେବ ଡ. ଭୀମରାଓ ରାମଜୀ ଆମ୍ବେଦକରଙ୍କ ତ୍ୟାଗ ଓ ଆଦର୍ଶ ଦେଶ ପାଇଁ ସର୍ବଦା ଆଲୋକବର୍ତ୍ତିକା ହୋଇ ରହିବ ବୋଲି ରାଜ୍ୟପାଳ ଡ. ହରି ବାବୁ କମ୍ଭମ୍ପାଟି କହିଛନ୍ତି। ସୋମବାର ରାଜଭବନର ଅଭିଷେକ ହଲ୍‌ଠାରେ ଡ. ଆମ୍ବେଦକରଙ୍କ ଜୟନ୍ତୀ ପାଳନ ଅବସରରେ ଆୟୋଜିତ କାର୍ଯ୍ୟକ୍ରମରେ ଡ. ଆମ୍ବେଦକରଙ୍କୁ ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ଅବସରରେ ରାଜ୍ୟପାଳ ଏହା କହିଛନ୍ତି। ଏହି କାର୍ଯ୍ୟକ୍ରମରେ ଉଦ୍‌ବୋଧନ ଦେଇ ରାଜ୍ୟପାଳ କହିଥିଲେ ଯେ ଯୋଗଜନ୍ମା ବାବାସାହେବ ଡ. ଆମ୍ବେଦକର ନବ ଭାରତର ଅନ୍ୟତମ ନିର୍ମାତା ଓ ଭାରତର ମହାନ ସମ୍ବିଧାନର ଜନକ। ଚିଠା କମିଟିର ଅଧ୍ୟକ୍ଷ ଭାବେ ବିଶ୍ୱର ସର୍ବବୃହତ ସମ୍ବିଧାନ ପ୍ରଣୟନରେ ତାଙ୍କର ବିଜ୍ଞତା, ତ୍ୟାଗ, ନିଷ୍ଠା ଓ ସମର୍ପଣ ତାଙ୍କୁ ଚିର ଅମର କରି ରଖିବ। ତତ୍କାଳୀନ ସମାଜରେ ରହିଥିବା ଅସମାନତା, ଅସ୍ପୃଶ୍ୟତା ଦୂର କରି ଏକ ଭେଦଭାବ ବିହୀନ ସମାଜ ଓ ଦେଶ ଗଠନ ପାଇଁ ଡ. ଆମ୍ବେଦକର ଜୀବନତମାମ ସଂଗ୍ରାମ କରିଥିଲେ। ସାମାଜିକ ବୈଷମ୍ୟକୁ ଦୂର କରି ଏକ ସୁସ୍ଥ ଓ ଭେଦଭାବହୀନ ସମାଜ ଗଠନ ପାଇଁ ସମ୍ବିଧାନରେ ବ୍ୟବସ୍ଥା କରିବାରେ ଡ. ଆମ୍ବେଦକରଙ୍କ ଅବିସ୍ମରଣୀୟ ଭୂମିକା ରହିଥିଲା। ସମାଜର ଦଳିତ ଓ ପଛୁଆ ବର୍ଗଙ୍କ ସାମଗ୍ରିକ ବିକାଶ ନିମନ୍ତେ କେନ୍ଦ୍ର ସରକାର ତଥା ରାଜ୍ୟ ସରକାରମାନେ ବିଭିନ୍ନ ଯୋଜନା ଓ କାର୍ଯ୍ୟକ୍ରମ ପ୍ରଣୟନ କରିବାବେଳେ ଡ. ଆମ୍ବେଦକରଙ୍କ ନୀତି, ଆଦର୍ଶ ଓ ଚିନ୍ତାଧାରାକୁ ଅନୁସରଣ କରିଥାନ୍ତି ବୋଲି ରାଜ୍ୟପାଳ କହିଥିଲେ। ଡ. ଆମ୍ବେଦକରଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ କାର୍ଯ୍ୟ କଲେ ସମାଜ ଓ ଦେଶର ପ୍ରଭୁତ ଉନ୍ନତି ସାଧିତ ହୋଇପାରିବ ବୋଲି ରାଜ୍ୟପାଳ ଡ. କମ୍ଭମ୍ପାଟି କହିଥିଲେ। ଏହି କାର୍ଯ୍ୟକ୍ରମରେ ରାଜଭବନର ଅଧିକାରୀ / କର୍ମଚାରୀମାନେ ଯୋଗ ଦେଇଥିଲେ।



ପ୍ରବିତ୍ର ପଣା ସଂକ୍ରାନ୍ତି ଅବସରରେ ଭୁବନେଶ୍ୱର ଉପକଣ୍ଠ ରଙ୍ଗମାଟିଆ ଗ୍ରାମରେ ଝାମୁ ଯାତ୍ରା । (ଫଟୋ : ସମ୍ବାଦ କଳିକା)

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ଘଟଗାଁ ତାରିଣୀ ...

ତାରିଖରୁ ମା'ଙ୍କ ପ୍ରସିଦ୍ଧ ଚଇତି ପର୍ବ ଆରମ୍ଭ ହୋଇଥିବାବେଳେ ଏହି ପର୍ବରେ ୭ଦିନବ୍ୟାପୀ ମା' ଭକ୍ତଙ୍କୁ ପ୍ରତ୍ୟହ ସୁନାବେଶରେ ଦର୍ଶନ ଦେଉଥିବାରୁ ପ୍ରତିଦିନ ଲକ୍ଷାଧିକ ଭକ୍ତଙ୍କ ସମାଗମ ହେଉଥିବାବେଳେ ଓଡ଼ିଆ ନବବର୍ଷରେ ୪ଗୁଣ ଭକ୍ତଙ୍କ ଭିଡ ପରିଲକ୍ଷିତ ହୋଇଛି । ମା'ଙ୍କ ସୁନାବେଶ ଦେଖି ଭକ୍ତ ଅଭିଭୂତ ହେବାସହ ଏହି ଦର୍ଶନ ପାଇଲେ କୋଟି ପୁଣ୍ୟର ଫଳ ମିଳିଥାଏ ବୋଲି ଲୋକବିଶ୍ୱାସ ରହିଆସିଛି । ପବିତ୍ର ପଣାସଂକ୍ରାନ୍ତିରେ ମା'ଙ୍କ ସାନ୍ନିଧ ଲାଭ କଲେ ବହୁ ପୁଣ୍ୟ ମିଳିବା ସହ ସକଳ ଦୁଃଖ ଦୂର ହୋଇଥାଏ। ଏହି ବିଶ୍ୱାସରେ ଜିଲ୍ଲା ଓ ରାଜ୍ୟ ବାହାରୁ ଲକ୍ଷାଧିକ ଭକ୍ତ ସୋମବାର ଭୋରରୁ ଧାଡିବାନ୍ଧି ଶୃଙ୍ଖଳାର ସହ ମାଙ୍କୁ ଦର୍ଶନ ସହ ଭୋଗଲାଗି କରିଛନ୍ତି । ମା' ତାରିଣୀଙ୍କ ପ୍ରସିଦ୍ଧ ଚଇତି ପର୍ବ ସାଙ୍ଗକୁ ପଣାସଂକ୍ରାନ୍ତି ଉପଲକ୍ଷେ ଭକ୍ତଙ୍କ ପ୍ରବଳ ଭିଡ଼କୁ ଆଖି ଆଗରେ ରଖି ଭୋର ୪ଟାରୁ ମାଙ୍କ ସକାଳ ନୀତି ଶେଷ ପରେ ୫ଟାରୁ ଭକ୍ତଙ୍କୁ ଦର୍ଶନ ପାଇଁ ମନ୍ଦିର ଉନ୍ମୁକ୍ତ ରଖାଯାଇଥିଲା। ଶୃଙ୍ଖଳିତ ଭାବେ ଭକ୍ତଗଣ କିଭଳି ମାଙ୍କ ସୁନାବେଶ ଦର୍ଶନ କରିବେ ସେ ନେଇ ମନ୍ଦିର ବେଢ଼ା ଭିତରେ ଓ ବାହାରେ ବାରିକେଡ ନିର୍ମାଣ କରାଯାଇ ପୁଲିସ ବାହିନୀ ସହ ସ୍ୱେଚ୍ଛାସେବୀ ମୁତୟନ କରାଯାଇ ଭକ୍ତଙ୍କୁ ଶୃଙ୍ଖଳିତ ଦର୍ଶନରେ ସହାୟତା କରିଥିଲେ। ମନ୍ଦିର ପରିସରରେ ଭିଡକୁ ଏଡାଇବା ପାଇଁ ଜଣପ୍ରତି ଭକ୍ତଙ୍କୁ ସର୍ବାଧିକ ୨ଟି ନଡ଼ିଆ ମାଙ୍କ ନିକଟରେ ଭୋଗଲାଗି ପଦକ୍ଷେପ କିଛି ମାତ୍ରାରେ ଭିଡକୁ ନିୟନ୍ତ୍ରଣ କରିବାରେ ସକ୍ଷମ ହୋଇଥିବା ଦେଖିବାକୁ ମିଳିଥିଲା।

ପଣାସଂକ୍ରାନ୍ତି ଅବସରରେ ମା' ତାରିଣୀ ଠାକୁରାଣୀ ମନ୍ଦିର ଟ୍ରଷ୍ଟ ବୋର୍ଡ ପକ୍ଷରୁ ଭକ୍ତଙ୍କୁ ପଣା ବଣ୍ଟନ କରାଯାଇଥିଲା । ସେହିଭଳି ପ୍ରତିବର୍ଷ ଭଳି ତାରିଣୀ ସେବା ସମିତି ବଣିକ ସଂଘ କେନ୍ଦୁଝର ପକ୍ଷରୁ ଭକ୍ତଙ୍କୁ ଅନ୍ନପ୍ରସାଦ ବଣ୍ଟନ କରାଯାଇଥିଲା। ଶ୍ରୀ ସତ୍ୟସାଇ ସେବା ସମିତି ଓ ପୁରୀ ଗୋବର୍ଦ୍ଧନ ପୀଠ ଶଙ୍କରାଚାର୍ଯ୍ୟଙ୍କ ଗଠିତ ଆଦିତ୍ୟ ବାହିନୀ ସ୍ୱେଚ୍ଛାସେବୀଙ୍କ ଦ୍ୱାରା ମାଙ୍କ ଦର୍ଶନ ପାଇଁ ଭକ୍ତଙ୍କୁ ଧାଡିରେ ଶୃଙ୍ଖଳିତ ଭାବେ ଯାତାୟାତର ତଦାରଖ ବ୍ୟବସ୍ଥା ସହ ମନ୍ଦିର ବେଢ଼ା ଭିତରେ ଓ ବାହାରେ ସ୍ୱଚ୍ଛତା କାର୍ଯ୍ୟକ୍ରମ ଗ୍ରହଣ କରାଯାଇଥିଲା। ଏହି ଅବସରରେ ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ଘଟଗାଁ କେନ୍ଦ୍ର ପକ୍ଷରୁ ଚୈତନ୍ୟ ଝାଙ୍କି ପ୍ରଦର୍ଶନ ଏବଂ ଟ୍ରଷ୍ଟ ପକ୍ଷରୁ ସକାଳୁ ସନ୍ଧ୍ୟା ପର୍ଯ୍ୟନ୍ତ ଅଖଣ୍ଡ ଭଜନ ସମାରୋହ ଆଦି ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ଭକ୍ତଙ୍କୁ ବେଶ ଆକୃଷ୍ଟ କରିଥିଲା । ପୁଲିସ ପ୍ରଶାସନ ପକ୍ଷରୁ ବ୍ୟାପକ ଫୋର୍ସ ମୁତୟନ କରାଯାଇ ମା'ଙ୍କ ଦର୍ଶନ ପାଇଁ ଦୂରଦୂରାନ୍ତରୁ ଆସୁଥିବା ଭକ୍ତଙ୍କ ଯାନକୁ ୨୦ନଂ ଜାତୀୟ ରାଜପଥର ଉଭୟ ଦିଗରେ ମନ୍ଦିର ପୂର୍ବରୁ ପାର୍କିଂ ବ୍ୟବସ୍ଥାକୁ ଅଧିକ ସୁଦୃଢ଼ କରାଯିବା ସହ ଶାନ୍ତିଶୃଙ୍ଖଳା ରକ୍ଷା କରାଯାଇଥିଲା।

## ହିସାରରୁ ଅଯୋଧ୍ୟାକୁ ...

ସେବା କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ।

ଭୀମ ରାଓ ଆମ୍ବେଦକରଙ୍କ ଜନ୍ମ ବାର୍ଷିକୀ ପାଳନ ପାଇଁ ସୋମବାର ଦିନ ରାଜ୍ୟରେ ୧୦,୦୦୦ କୋଟି ଟଙ୍କା ମୂଲ୍ୟର ଅନେକ ବିକାଶମୂଳକ ପଦକ୍ଷେପ ଆରମ୍ଭ କରିବାକୁ ମୋଦୀ ହରିୟାଣା ଗସ୍ତରେ ଅଛନ୍ତି।

## ୧୯ରେ ଓଡ଼ିଶା...

ଦେଇଛନ୍ତି।

ସାମ୍ବାଦିକମାନଙ୍କ ସହ ଆଲୋଚନା ସମୟରେ ସେ କହିଛନ୍ତି ଯେ, ସଡ଼କ ପରିବହନ ଏବଂ ରାଜପଥ ମନ୍ତ୍ରୀ ୧୯ ତାରିଖରେ ଭୁବନେଶ୍ୱର ଆସି ବରମୁଣ୍ଡା ଗ୍ରାଉଣ୍ଡରେ ରାଜ୍ୟ ପାଇଁ ଅନେକ ଜାତୀୟ ରାଜପଥ ପ୍ରକଳ୍ପର ଉଦ୍‌ଘାଟନ କରିବାର କାର୍ଯ୍ୟକ୍ରମ ରହିଛି।

ଓଡ଼ିଶା ପାଇଁ ଏବେ ସୁବର୍ଣ୍ଣ ଯୁଗ, କାରଣ ଡବଲ ଇଞ୍ଜିନ ସରକାର ଅଧୀନରେ ବିକାଶ ପାଇଁ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ଲକ୍ଷ୍ୟରେ କେନ୍ଦ୍ରୀୟ ନେତୃତ୍ୱ ରାଜ୍ୟକୁ ଆସୁଛନ୍ତି, ବୋଲି ସେ କହିଛନ୍ତି।

## ପଳାତକ ମେହୁଲ...

ବୋଲି ବିଭାଗ ପକ୍ଷରୁ କୁହାଯାଇଛି।

ମେହୁଲ ଚୋକସିଙ୍କୁ ୨୦୨୫ ଏପ୍ରିଲ ୧୨ ତାରିଖ ଶନିବାର ଗିରଫ କରାଯାଇଥିଲା। ପରବର୍ତ୍ତୀ ନ୍ୟାୟିକ ପ୍ରକ୍ରିୟା ପାଇଁ ତାଙ୍କୁ ଅଟକ ରଖାଯାଇଛି। ଭାରତୀୟ କର୍ତ୍ତୃପକ୍ଷ ଚୋକସିଙ୍କ ପ୍ରତ୍ୟର୍ପଣ ଅନୁରୋଧ କରିଛନ୍ତି ବୋଲି ବିଭାଗର ଜଣେ ମୁଖପାତ୍ର କହିଛନ୍ତି।

## ଓଡ଼ିଶାର କାଗଜବିହୀନ ...

କରିବେ। ପ୍ରତିନିଧି ଦଳ ୧୬ ଏପ୍ରିଲରେ ନେଭା କମିଟି ଏବଂ ଓଡ଼ିଶା ବିଧାନସଭା ବାଚସ୍ପତି ସୁରମା ପାଢୀଙ୍କୁ ଭେଟିବାର କାର୍ଯ୍ୟକ୍ରମ ରହିଛି।

ଗସ୍ତର ଶେଷ ଦିନରେ ନେଭା କାର୍ଯ୍ୟାନ୍ୱୟନରେ ସାମିଲ ଥିବା ଅଂଶୀଦାରମାନଙ୍କ ସହିତ ଶେଷ ବୈଠକ ଏବଂ ଅଧିକ ଆଲୋଚନା ପାଇଁ ଉତ୍ସର୍ଗୀକୃତ ହେବ। ଡିଜିଟାଲ ଇଣ୍ଡିଆ ପଦକ୍ଷେପ ଅନ୍ତର୍ଗତ ଏକ ପ୍ରକଳ୍ପ, ନେଭା, ଦେଶର ଶାସନ ପରିବେଶକୁ ଏକ କାଗଜବିହୀନ ଏବଂ ଡିଜିଟାଲ ବିଧାନସଭା ପ୍ରକ୍ରିୟା ସହିତ ପରିବର୍ତ୍ତନ କରିବା ଲକ୍ଷ୍ୟ ରଖିଛି। ଏହି ପଦକ୍ଷେପ ବିଧାନସଭାର ସଦସ୍ୟମାନଙ୍କୁ ବିଲ୍, ନୋଟିସ୍, ପ୍ରଶ୍ନ ଏବଂ କମିଟି ରିପୋର୍ଟ ଭଳି ସୂଚନାକୁ ସେମାନଙ୍କ ଡିଭାଇସରେ ସିଧାସଳଖ ଆକ୍ସେସ କରିବାକୁ ସକ୍ଷମ କରିଥାଏ, ଯାହା ଫଳରେ କାଗଜପତ୍ରର ଆବଶ୍ୟକତା ଦୂର ହୋଇଥାଏ।

## ପରିବର୍ତ୍ତନକୁ ଗ୍ରହଣ ...

ଶୋଷଣ କରୁଥିବାର ସମାଲୋଚନା କରିଥିଲେ ଏବଂ ଦାବି କରିଥିଲେ ଯେ, ବହୁ ପରିମାଣର ଅର୍ଥ ଅଣପଞ୍ଜିକୃତ ଗୋଷ୍ଠୀଗୁଡ଼ିକୁ ଦିଆଯାଇଥିଲା, ଯାହା ପରେ ଆର୍ଥିକ ଅଡିଟରୁ ବର୍ଞ୍ଚି ଯାଇଥିଲା। ସେ ଆହୁରି ମଧ୍ୟ କହିଥିଲେ ଯେ, ଏହି ପ୍ରଥା ଏବେ ବନ୍ଦ ହୋଇଯିବ ଏବଂ ସ୍ୱୟଂ ସହାୟକ ଗୋଷ୍ଠୀଗୁଡ଼ିକ କେବଳ ମହିଳା ସଶକ୍ତିକରଣ ଉପରେ ଧ୍ୟାନ ଦେବେ।

ସ୍ୱଚ୍ଛତା ଏବଂ ଅନ୍ତର୍ଭୁକ୍ତି ସୁନିଶ୍ଚିତ କରିବା ପାଇଁ ଏପରି ସଂଗଠନର ସମସ୍ତ ପଦାଧିକାରୀ ଏବଂ ନେତୃତ୍ୱ ପରିବର୍ତ୍ତନ କରାଯିବ, ଯାହା ଦ୍ୱାରା ପ୍ରତ୍ୟେକ ପରିବାରର ସଦସ୍ୟମାନେ ରାଜ୍ୟର ଆର୍ଥିକ ଅଭିବୃଦ୍ଧିରେ ପ୍ରତିନିଧିତ୍ୱ ଏବଂ ଅଂଶଗ୍ରହଣ କରିବାର ସୁଯୋଗ ପାଇବେ ବୋଲି ସେ କହିଥିଲେ।

## ପଣାସଂକ୍ରାନ୍ତି ଅବସରରେ...

ମୁର୍ମୁ କହିଛନ୍ତି, ପବିତ୍ର ଓଡ଼ିଆ ନବବର୍ଷ, ପଣା ସଂକ୍ରାନ୍ତି ବା ମହାବିଷୁବ ସଂକ୍ରାନ୍ତି ଉପଲକ୍ଷେ ମୁଁ ଓଡ଼ିଶାବାସୀ ତଥା ଦେଶବିଦେଶରେ ରହୁଥିବା ଓଡ଼ିଆ ଭାଇଭଉଣୀମାନଙ୍କୁ ଆନ୍ତରିକ ଶୁଭେଚ୍ଛା ଜଣାଉଛି । ପଣା ସଂକ୍ରାନ୍ତି ଆମ ସମାଜକୁ ପ୍ରେମ ଓ ଶାନ୍ତିର ବାର୍ତ୍ତା ଦେଇଥାଏ। ଆନନ୍ଦ ଉଲ୍ଲାସର ଏହି ପର୍ବ ଆମକୁ ଆମ ଦେଶ ପାଇଁ ସମର୍ପିତ ହୋଇ କାର୍ଯ୍ୟ କରିବାକୁ ପ୍ରେରଣା ମଧ୍ୟ ଦେଇଥାଏ । ଏହି ଅବସରରେ ମୁଁ ସମସ୍ତଙ୍କର ସୁଖସମୃଦ୍ଧି କାମନା କରୁଅଛି।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ମହାବିଷୁବ ପଣା ସଂକ୍ରାନ୍ତି ଅବସରରେ ହାର୍ଦ୍ଦିକ ଶୁଭକାମନା। ଆଗାମୀ ବର୍ଷ ଆପଣଙ୍କ ସ୍ୱପ୍ନ ସାକାରର ବର୍ଷ ହେଉ ଆପଣଙ୍କ ଜୀବନ ସୁଖ, ଶାନ୍ତି ଓ ସମୃଦ୍ଧିରେ ଭରିଯାଉ ବୋଲି କହିଛନ୍ତି।

ରାଜ୍ୟପାଳ ଡକ୍ଟର ହରିବାବୁ କମ୍ଭମପତି ପବିତ୍ର ମହାବିଷୁବ ସଂକ୍ରାନ୍ତି ଓ ଓଡ଼ିଆ ନବବର୍ଷ ଅବସରରେ ସମସ୍ତ ରାଜ୍ୟବାସୀଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଜଣାଇଛନ୍ତି ଏବଂ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ସମସ୍ତଙ୍କ ଉଜ୍ଜ୍ୱଳ ଭବିଷ୍ୟତ ପାଇଁ କାମନା କରିଛନ୍ତି।

## ଭାରତୀୟ ସେନାରେ ...

ତେବେ କୋଭିଡ ମହାମାରୀ ଯୋଗୁଁ ସୈନିକ ନିଯୁକ୍ତିରେ ଦୁଇ ବର୍ଷର ବ୍ୟବଧାନ ସୃଷ୍ଟି ହୋଇଥିଲା, ଯାହା ଫଳରେ ସୈନିକଙ୍କ ଅଭାବ ଦେଖାଦେଇଥିଲା। ଭାରତୀୟ ସେନାରେ ପ୍ରତିବର୍ଷ ପ୍ରାୟ ୬୦ ହଜାର ସୈନିକ ଅବସର ନିଅନ୍ତି । କୋଭିଡର ଦୁଇ ବର୍ଷ ମଧ୍ୟରେ ପ୍ରାୟ ୧ ଲକ୍ଷ ୨୦ ହଜାର ସୈନିକ ଅବସର ନେଇଥିଲେ ଯାହା ସୈନିକଙ୍କ ଅଭାବକୁ ଆହୁରି ବୃଦ୍ଧି କରିଥିଲା।

## ୧୬ରୁ ସ୍ନାତକ ଶ୍ରେଣୀ ...

ଶ୍ରେଣୀ ପାଠ୍ୟକ୍ରମରେ ନାମଲେଖା ନିମନ୍ତେ ଆବେଦନକାରୀମାନଙ୍କ ପାଇଁ ଆସନ୍ତା ୧୬ ତାରିଖ ଠାରୁ ସାଧାରଣ ଆପ୍ଲିକେସନ ଫର୍ମ ପୂରଣ ପ୍ରକ୍ରିୟା ଆରମ୍ଭ ହେବ।

ଶିକ୍ଷାବର୍ଷ ୨୦୨୫-୨୬ ପାଇଁ ସ୍ନାତକ ଶ୍ରେଣୀରେ ନାମଲେଖା ପ୍ରକ୍ରିୟା ଜାତୀୟ ଶିକ୍ଷା ନୀତି-୨୦୨୦ ଆଧାରରେ କରାଯିବ। ଏହି ଶିକ୍ଷା ନୀତି ଅନୁସାରେ, ଛାତ୍ରଛାତ୍ରୀମାନେ ସାମସ ମାଧ୍ୟମରେ ସାଧାରଣ ଆପ୍ଲିକେସନ ଫର୍ମ ପୂରଣ କରିବା ସମୟରେ ନିଜ ପସନ୍ଦ ଅନୁଯାୟୀ ପାଠ୍ୟକ୍ରମର ବିଭିନ୍ନ ପ୍ରକାର ଯଥା: ଗୋଟିଏ ମୁଖ୍ୟ ବିଷୟ ସହିତ ଦୁଇଟି ଉପବିଷୟ କିମ୍ବା ଦୁଇଟି ମୁଖ୍ୟ ବିଷୟ କିମ୍ବା ତିନିଟି ଉପବିଷୟ ଚୟନ କରିପାରିବେ। ଏଥିସହ ଶିକ୍ଷାବର୍ଷ ୨୦୨୫-୨୬ରେ ସ୍ନାତକ ପାଠ୍ୟକ୍ରମକୁ ଆସନ୍ତା ଜୁଲାଇ ମାସ ୧୦ ତାରିଖ ସୁଦ୍ଧା ଆରମ୍ଭ କରାଯିବାପାଇଁ ଲକ୍ଷ୍ୟ ରଖାଯାଇଛି। ସରକାରଙ୍କ ଏହି ନିଷ୍ପତ୍ତି ଫଳରେ ସଠିକ ସମୟରେ ପାଠ୍ୟକ୍ରମ ଆରମ୍ଭ ହେବା ସହିତ ସଠିକ ସମୟରେ ପରୀକ୍ଷା କରାଯାଇ ଫଳାଫଳ ମଧ୍ୟ ଘୋଷଣା କରାଯାଇପାରିବ, ଯାହାଦ୍ୱାରା ଛାତ୍ରଛାତ୍ରୀମାନେ ଉପକୃତ ହୋଇପାରିବେ।

## -ପୁଣି ବଦଳିବ...

ଗଜପତି, ମୟୂରଭଞ୍ଜ, କେନ୍ଦୁଝର, ଅନୁଗୋଳ, ସୁନ୍ଦରଗଡ଼, ଢେଙ୍କାନାଳ, ବୌଦ୍ଧ, କନ୍ଧମାଳ, ରାୟଗଡ଼ା, କୋରାପୁଟ ଏବଂ ମାଲକାନଗିରି ଜିଲ୍ଲାର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ବଜ୍ରପାତ ସହିତ ଝଡ଼ବର୍ଷା ଏବଂ ପବନ ବହିବାର ସମ୍ଭାବନା ରହିଛି। ଏହା ବ୍ୟତୀତ, ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, କଟକ, ଜଗତସିଂପୁର, ପୁରୀ, ଖୋର୍ଦ୍ଧା, ନୟାଗଡ଼, ଗଞ୍ଜାମ, ଗଜପତି, ମୟୂରଭଞ୍ଜ, କେନ୍ଦୁଝରଗଡ଼, ଅନୁଗୋଳ, ଢେଙ୍କାନାଳ, ବୌଦ୍ଧ, କନ୍ଧମାଳ, ରାୟଗଡ଼ା, କୋରାପୁଟ ଏବଂ ମାଲକାନଗିରି ଜିଲ୍ଲାରେ ଅନେକ ସ୍ଥାନରେ ହାଲୁକାରୁ ମଧ୍ୟମ ବର୍ଷା କିମ୍ବା ଘଡ଼ଘଡ଼ି ସହିତ ବର୍ଷା ହୋଇପାରେ।

# ଓଡ଼ିଆ ନବବର୍ଷର ଶୁଭେଚ୍ଛା ଜଣାଇଲେ କେଭି ସିଂହଦେଓ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ଓଡ଼ିଆ ନବବର୍ଷର ଶୁଭେଚ୍ଛା ଜଣାଇଛନ୍ତି ଉପମୁଖ୍ୟମନ୍ତ୍ରୀ କେଭି ସିଂହଦେଓ । ସୋସିଆଲ ମିଡିଆ ଏକ୍ସରେ ଉପମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଓଡ଼ିଆ ନବବର୍ଷ ଓ ମହାବିଷୁବ ସଂକ୍ରାନ୍ତିର ଶୁଭେଚ୍ଛା ଓ ଅଭିନନ୍ଦନ । ମହାପ୍ରଭୁ ଜଗନ୍ନାଥଙ୍କ କୃପା ଓ ଆଶୀର୍ବାଦରୁ ନବବର୍ଷଟି ସମସ୍ତଙ୍କ ପାଇଁ ସୁଖ ଓ ସମୃଦ୍ଧିର ବର୍ଷ ହେଉ ଏହାହିଁ କାମନା କରିଛନ୍ତି କନକ ବର୍ଦ୍ଧନ ସିଂହଦେଓ।

## ଓଡ଼ିଶା ମୋଟର ପରିବହନ ଚାଳକ ଓ କର୍ମଚାରୀ କଲ୍ୟାଣ ବୋର୍ଡର ୱେବ ପୋର୍ଟାଲ ଲୋକାର୍ପିତ

# ଏଣିକି ଅନଲାଇନରେ ହୋଇପାରିବ ସଦସ୍ୟତା ପଞ୍ଜୀକରଣ ଓ ଅନୁକମ୍ପାମୂଳକ ସହାୟତା ଆବେଦନ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ଓଡ଼ିଶା ମୋଟର ପରିବହନ ଚାଳକ ଓ କର୍ମଚାରୀ କଲ୍ୟାଣ ବୋର୍ଡରେ ସଦସ୍ୟତା କିମ୍ବା ଅନୁକମ୍ପାମୂଳକ ସହାୟତା ପାଇଁ ଏଣିକି କୌଣସି ଦପ୍ତର ଆସିବାକୁ ପଡ଼ିବ ନାହିଁ। ଅନ୍‌ଲାଇନ୍‌ରେ ଏହି ସମସ୍ତ ସୁବିଧା ଉପଲବ୍ଧ ହୋଇଛି। ଖାରବେଳ ଭବନରେ ଆୟୋଜିତ ବୋର୍ଡର ଚତୁର୍ଥ ବୈଠକରେ ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ଶ୍ରୀ ବିଭୂତି ଭୂଷଣ ଜେନାଙ୍କ ଦ୍ୱାରା ଏ ସଂପର୍କିତ ୱେବ ପୋର୍ଟାଲ ଏଚଟିପିପିଏସ୍://ଡ୍ରାଇଭରୱେଲଫେୟାର.ଓଡ଼ିଶା.ଜିଓଭି.ଇନ୍ ଲୋକାର୍ପିତ ହୋଇଯାଇଛି । ଏହା ଦ୍ୱାରା ରାଜ୍ୟର ହଜାର ହଜାର ମୋଟର ଯାନଚାଳକ ଓ କର୍ମଚାରୀ ଉପକୃତ ହେବା ସହ ସହାୟତା ପ୍ରଦାନ ବ୍ୟବସ୍ଥା ଅଧିକ ସକ୍ରିୟ ଓ ପାରଦର୍ଶୀ ହେବ ବୋଲି ମନ୍ତ୍ରୀ ଶ୍ରୀ ଜେନା ଆଶାବ୍ୟକ୍ତ କରିଛନ୍ତି ।

ଏହା ବ୍ୟତୀତ ମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୋର୍ଡ ବୈଠକରେ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ବିଷୟରେ ଆଲୋଚନା କରାଯାଇଥିଲା । ଏଥିରେ ବୋର୍ଡ ସଦସ୍ୟ ଭୁବନେଶ୍ୱର ଏକାମ୍ର ବିଧାୟକ ବାବୁ ସିଂ, ବିଭାଗୀୟ ପ୍ରମୁଖ ଶାସନ ସଚିବ ଶ୍ରୀମତୀ ଉଷା ପାଢ଼ୀ, ପରିବହନ ଆୟୁକ୍ତ ଅମିତାଭ ଠାକୁର, ଶ୍ରମ ଆୟୁକ୍ତ ଇନ୍ଦ୍ରମଣି ତ୍ରିପାଠୀ, ସିଭିଲ ସୋସାଇଟି ସଦସ୍ୟ, ଡ୍ରାଇଭର ସଙ୍ଘ ପ୍ରତିନିଧିମାନେ ଯୋଗ ଦେଇଥିଲେ। ଚାଳକମାନେ ବୋର୍ଡର ଅଧ୍ୟକ୍ଷଙ୍କ ନିକଟରେ ନିଜର ବିଭିନ୍ନ ଦାବି ଉପସ୍ଥାପନ କରିଥିଲେ । ଏହାକୁ ତର୍ଜମା କରି ସକରାତ୍ମକ ନିଷ୍ପତ୍ତି ଗ୍ରହଣ କରାଯିବା ଉପରେ ମନ୍ତ୍ରୀ ଗୁରୁତ୍ୱ ଦେଇଛନ୍ତି । ୱେବ ପୋର୍ଟାଲରେ ସୁବିଧା କେନ୍ଦ୍ର, ଜରୁରୀକାଳୀନ ସହାୟତା ଓ ଅନ୍ୟାନ୍ୟ ଆବଶ୍ୟକୀୟ ତଥ୍ୟ ସାମିଲ କରିବାକୁ ସେ ନିର୍ଦ୍ଦେଶ ଦେଇଛନ୍ତି । ସେହିଭଳି ଅନୁକମ୍ପାମୂଳକ ସହାୟତା ବୟସ ସୀମା ୬୦ରୁ ୬୫କୁ ବୃଦ୍ଧି କରାଯିବା ଦାବି ଉପରେ ପ୍ରାଧାନ୍ୟ ଦେଇ ମନ୍ତ୍ରୀ କହିଛନ୍ତି ଯେ ସରକାର ଚାହୁଁଛନ୍ତି ଅଧିକରୁ ଅଧିକ ଚାଳକଙ୍କ ପରିବାର ଏହାର ଲାଭ ପାଆନ୍ତୁ । ତେବେ ଏ ସଂପର୍କରେ ସମସ୍ତ ଦିଗକୁ ତର୍ଜମା କରିବାକୁ ସବ୍‌କମିଟି ଗଠନ କରାଯିବ। ଭାରତ ସରକାରଙ୍କ ନିୟମ, ଶ୍ରମ ବିଭାଗର ବ୍ୟବସ୍ଥା ଓ ଅନ୍ୟାନ୍ୟ ବିଷୟକୁ ଅନୁଧ୍ୟାନ କରି ଚୂଡ଼ାନ୍ତ ନିଷ୍ପତି ନିଆଯିବ ବୋଲି ମନ୍ତ୍ରୀ ଶ୍ରୀ ଜେନା ପ୍ରକାଶ କରିଛନ୍ତି।

ସେହିଭଳି ଅଟୋ ଚାଳକମାନେ ମଧ୍ୟ କିଭଳି ସରକାରୀ ସହାୟତାର ଲାଭ ପାଇବେ ତାହା ଉପରେ ବୈଠକରେ ଗୁରୁତ୍ୱ ଦିଆଯାଇଥିଲା। ସେଥିପାଇଁ ଶ୍ରମ ବିଭାଗର ଥିବା ପୋର୍ଟାଲରେ ପଞ୍ଜୀକରଣ ବ୍ୟବସ୍ଥା ସଂପର୍କରେ ଶ୍ରମ ଆୟୁକ୍ତ ଜଣାଇଥିଲେ। ତେବେ ଏ ସଂପର୍କରେ ଅଧିକ ସଚେତନତା ସୃଷ୍ଟି ପାଇଁ ମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ଅଟୋ ସଙ୍ଘ ନେତାମାନଙ୍କୁ ନେଇ ଏକ କର୍ମଶାଳା ଆୟୋଜନ କରିବାକୁ ମନ୍ତ୍ରୀ ଶ୍ରୀ ଜେନା ପରାମର୍ଶ ଦେଇଛନ୍ତି। ବୈଠକରେ ମନ୍ତ୍ରୀ କହିଥିଲେ ଯେ ଲୋକଙ୍କ ସରକାର ଚାଳକମାନଙ୍କ ସ୍ୱାର୍ଥରକ୍ଷା ପାଇଁ ପ୍ରତିଶ୍ରୁତିବଦ୍ଧ। କଲ୍ୟାଣ ବୋର୍ଡ ଜରିଆରେ ଚାଳକଙ୍କ ଉନ୍ନତି ପାଇଁ କିଭଳି ଅଧିକ ପଦକ୍ଷେପ ନିଆଯାଇପାରିବ ସେ ଦିଗରେ ପଦକ୍ଷେପ ଗ୍ରହଣ କରାଯାଉଥିବା ସେ ସୂଚନା ଦେଇଥିଲେ । ଏହି ବୈଠକରେ ଡ୍ରାଇଭର ସଂଘର ପ୍ରତିନିଧି ତଥା ବୋର୍ଡର ସଦସ୍ୟ ପ୍ରଶାନ୍ତ ମେଣ୍ଡୁଲି, ଆଦିତ୍ୟ ବେହେରା ଏବଂ ଦୀପକ ପଟ୍ଟନାୟକଙ୍କ ସହ ବିଭାଗର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ । ବୋର୍ଡର ବିଭିନ୍ନ କାର୍ଯ୍ୟକ୍ରମ ସଂପର୍କରେ ପ୍ରଶାସନିକ ଅଧିକାରୀ ଧନଞ୍ଜୟ ସେନାପତି ବିବରଣୀ ଉପସ୍ଥାପନ କରିଥିବା ବେଳେ ମୁଖ୍ୟ ବିତ ଅଧିକାରୀ ପ୍ରଭାତ ଜେନା ଧନ୍ୟବାଦ ପ୍ରଦାନ କରିଥିଲେ।

ଉତ୍କଳ ଦୀପିକା

ଭୁବନେଶ୍ୱର
୧୫ ଅପ୍ରେଲ,
ମଙ୍ଗଳବାର, ୨୦୨୫

RNI Regd. No. : 52640/94
Postal Regd. No. :
BN/60/25-27

# ଘଟଗାଁ ତାରିଣୀଙ୍କ ଚଇତି ପର୍ବ : ମାଆଙ୍କ ନିକଟରେ ସ୍ୱତନ୍ତ୍ର ପୂଜାର୍ଚ୍ଚନା

**କେନ୍ଦୁଝର, ୧୪/୦୪**
**ନ୍ୟୁଜ ବ୍ୟୁରୋ**

ମହାବିଷୁବ ପଣା ସଂକ୍ରାନ୍ତି ଅବସରରେ କେନ୍ଦୁଝର ଜିଲ୍ଲା ଘଟଗାଁ ମା' ତାରିଣୀଙ୍କ ପୀଠ ଜନସମୁଦ୍ର ପାଲଟିଛି। ମା' ତାରିଣୀଙ୍କର ୮୯ ତମ ଚଇତି ପର୍ବର ସୋମବାର ୬ଷ୍ଠ ଦିନ ତଥା ପଣା ସଂକ୍ରାନ୍ତି ଏବଂ ଓଡ଼ିଆ ନବବର୍ଷ ଅବସରରେ ସୋମବାର ମା'ଙ୍କ ପୀଠରେ ଲକ୍ଷାଧିକ ଭକ୍ତଙ୍କର ସମାଗମ ହୋଇଛି। ସୋମବାର ଦିନ ସାଢ଼େ ୧୨ ଟାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମା' ତାରିଣୀଙ୍କୁ ଦର୍ଶନ କରି ମା'ଙ୍କର କୃପାଲାଭ କରିଥିଲେ। ଏହାକୁ ଦୃଷ୍ଟିରେ ରଖି, ଶ୍ରଦ୍ଧାଳୁଙ୍କର ଶୃଙ୍ଖଳିତ ଦର୍ଶନ ପାଇଁ ବ୍ୟାପକ ବ୍ୟବସ୍ଥା କରାଯାଇଥିଲା। ମନ୍ଦିରରେ ଭଜନ, ନୃତ୍ୟ, ଗୀତ ଆୟୋଜନ କରାଯାଇଛି। ଶ୍ରଦ୍ଧାଳୁଙ୍କୁ ମାଗଣାରେ ଅନ୍ନପ୍ରସାଦ ଓ ପଣା ବଣ୍ଟନର ବ୍ୟବସ୍ଥା କରାଯାଇଛି ।



## ଶିକ୍ଷକ ନିଯୁକ୍ତି ଦୁର୍ନୀତି ମାମଲା

# ସିବିଆଇ ତଦନ୍ତ ନିର୍ଦ୍ଦେଶକୁ ରଦ୍ଦ କଲେ ସୁପ୍ରିମକୋର୍ଟ

**ଆଦିଲ୍ଲୀ, ୧୪/୦୪**

ଶିକ୍ଷକ ନିଯୁକ୍ତି ଦୁର୍ନୀତି ମାମଲାରେ ପଶ୍ଚିମବଙ୍ଗ ସରକାରଙ୍କୁ ସୁପ୍ରିମକୋର୍ଟରୁ ଆଶ୍ୱସ୍ତି ମିଳିଛି । ହାଇକୋର୍ଟ ଦେଇଥିବା ସିବିଆଇ ତଦନ୍ତ ନିର୍ଦ୍ଦେଶକୁ ରଦ୍ଦ କରିଛନ୍ତି ସୁପ୍ରିମକୋର୍ଟ । କିନ୍ତୁ ସରକାରୀ ସ୍କୁଲରେ ୨୫,୭୫୩ ଶିକ୍ଷକ ଏବଂ କର୍ମଚାରୀଙ୍କ ନିଯୁକ୍ତିର ଅନ୍ୟାନ୍ୟ ଦିଗଗୁଡ଼ିକ ସମ୍ପର୍କରେ ସିବିଆଇ ତଦନ୍ତ ଜାରି ରହିବ । ତେବେ ଶିକ୍ଷକ ନିଯୁକ୍ତି ଦୁର୍ନୀତି ମାମଲାରେ ସିବିଆଇ ତଦନ୍ତ ପାଇଁ ହାଇକୋର୍ଟଙ୍କ ନିର୍ଦ୍ଦେଶକୁ ଖାରଜ କରିଦେଇଛନ୍ତି ସର୍ବୋଚ୍ଚ ନ୍ୟାୟାଳୟ। କୋର୍ଟ କହିଛନ୍ତି, କ୍ୟାବିନେଟ୍ ନେଇଥିବା ନିଷ୍ପତ୍ତିକୁ ଯାଞ୍ଚ କରିବା ଆମର କାମ ନୁହେଁ। କିନ୍ତୁ ସୁପ୍ରିମକୋର୍ଟ ଏହା ମଧ୍ୟ ସ୍ପଷ୍ଟ କରିଛନ୍ତି



ଯେ, ଏହି ନିର୍ଦ୍ଦେଶ କେବଳ ଅତିରିକ୍ତ ପଦବୀ ସୃଷ୍ଟିର ତଦନ୍ତ ବିଷୟରେ ସୀମିତ। ଏହା କୌଣସି ପ୍ରକାରେ ସିବିଆଇ ଦ୍ୱାରା କରାଯାଉଥିବା ତଦନ୍ତ କିମ୍ବା ଏହି ସମଗ୍ର ଦୁର୍ନୀତିର ଅନ୍ୟାନ୍ୟ ଦିଗଗୁଡ଼ିକରେ ଦାଖଲ ହେଉଥିବା ଚାର୍ଜସିଟ୍ ଉପରେ କୌଣସି ପ୍ରଭାବ ପକାଇବ ନାହିଁ। ଏପ୍ରିଲରେ ସର୍ବୋଚ୍ଚ ନ୍ୟାୟାଳୟ ପଶ୍ଚିମବଙ୍ଗର ସରକାରୀ ଏବଂ ଅନୁଦାନପ୍ରାପ୍ତ ବିଦ୍ୟାଳୟରେ ୨୫,୭୫୩ ଶିକ୍ଷକ ଏବଂ କର୍ମଚାରୀଙ୍କ ନିଯୁକ୍ତିକୁ ଅବୈଧ ଘୋଷଣା କରିଥିଲେ। କୋର୍ଟ ସମ୍ପୂର୍ଣ୍ଣ ଚୟନ ପ୍ରକ୍ରିୟାକୁ ତ୍ରୁଟିପୂର୍ଣ୍ଣ ବୋଲି କହିଥିଲେ। ଏହି କର୍ମଚାରୀମାନଙ୍କୁ ୨୦୧୬ ମସିହାରେ ରାଜ୍ୟ ସ୍କୁଲ ସେବା ଆୟୋଗ ଦ୍ୱାରା ପରିଚାଳିତ ଏକ ନିଯୁକ୍ତି ଅଭିଯାନ ମାଧ୍ୟମରେ ଚୟନ କରାଯାଇଥିଲା। ଅନ୍ୟପଟେ ସୁପ୍ରିମକୋର୍ଟଙ୍କ ଏହି ନିର୍ଦ୍ଦେଶ ଉପରେ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ସନ୍ତୁଷ୍ଟ ନୁହଁନ୍ତି। ସେ କହିଛନ୍ତି ଯେ, ଜେଲ ଯିବାକୁ ପଡିଲେ ମଧ୍ୟ ସେ ତାଙ୍କ ଶେଷ ନିଶ୍ୱାସ ପର୍ଯ୍ୟନ୍ତ ଲଢ଼େଇ ଜାରି ରଖିବେ।



ଭୁବନେଶ୍ୱର : ଡ. ବି.ଆର. ଆମ୍ବେଦକରଙ୍କ ୧୩୫ ତମ ଜୟନ୍ତୀ ପାଳନ ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏଜି ଛକ ନିକଟରେ ଥିବା ତାଙ୍କ ପ୍ରତିମୂର୍ତ୍ତିରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛନ୍ତି। (ଫଟୋ : ସମ୍ବାଦ କଳିକା)

## 'ମନ୍ଥନ'ର ୩୦ତମ ପ୍ରତିଷ୍ଠା ଦିବସ ପାଳିତ

# ରାଜ୍ୟ ସମସ୍ୟା ନେଇ ବିତର୍କ ମଞ୍ଚ ଆୟୋଜନ କରିବାକୁ ପରାମର୍ଶ

**ଭୁବନେଶ୍ୱର, ୧୪/୪**
**ନ୍ୟୁଜ ବ୍ୟୁରୋ**

ପ୍ରତ୍ୟେକ ବର୍ଷ ଭଳି ପଣା ସଂକ୍ରାନ୍ତିରେ 'ମନ୍ଥନ'ର ପ୍ରତିଷ୍ଠା ଦିବସ ପାଳିତ ହୋଇ ଆସୁଥିବା ବେଳେ ସୋମବାର ଭୁବନେଶ୍ୱରସ୍ଥିତ ଗୀତଗୋବିନ୍ଦ ସଦନ ପରିସରରେ ପବିତ୍ର ପଣା ସଂକ୍ରାନ୍ତିରେ ଏହାର ୩୦ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ପୂର୍ବତନ ମନ୍ତ୍ରୀ ଶ୍ରୀକାନ୍ତ ଜେନା, ବରିଷ୍ଠ ସାମ୍ବାଦିକ ରବି ଦାସ, ଉତ୍କଳ ୟୁନିଭର୍ସିଟିର ପ୍ରଫେସର ବିଶ୍ୱରଂଜନ, ଭୁବନେଶ୍ୱର ମହାନଗର ନିଗମର ମେୟର ସୁଲୋଚନା ଦାସ, ପୂର୍ବତନ ମନ୍ତ୍ରୀ ପଞ୍ଚାନନ କାନୁଗୋ, ପୂର୍ବତନ ମନ୍ତ୍ରୀ ଅମର ପ୍ରସାଦ ଶତପଥୀ, କଂଗ୍ରେସର ବରିଷ୍ଠ ନେତା ତଥା ପୂର୍ବତନ ମନ୍ତ୍ରୀ ସୁରେଶ କୁମାର ରାଉତରାୟ, ମନ୍ଥନର ପ୍ରତିଷ୍ଠାତା ସଂପାଦକ ତଥା ପୂର୍ବତନ ମନ୍ତ୍ରୀ ଶରତ ରାଉତ ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଆଲୋଚନାର ବିଷୟବସ୍ତୁ ଥିଲା 'ଡବଲ ଇଞ୍ଜିନ ସରକାର ଦେଶ ଓ ରାଜ୍ୟ ପାଇଁ କେତେ ଦରକାର'। ଏହି ପ୍ରସଙ୍ଗରେ ମୁଖ୍ୟ ଆଲୋଚକ ଭାବେ ଯୋଗ ଦେଇ ପୂର୍ବତନ ମନ୍ତ୍ରୀ ପଞ୍ଚାନନ କାନୁଗୋ, ପୂର୍ବତନ ମନ୍ତ୍ରୀ ଶ୍ରୀକାନ୍ତ ଜେନା ଡବଲ ଇଞ୍ଜିନ ସରକାରର ଓଡ଼ିଶା ପାଇଁ ଆବଶ୍ୟକତା ନଥିବା ଏବଂ ଏହା ଏକ ରାଜନୈତିକ ସ୍ଲୋଗାନ ବୋଲି ଅଭିହିତ କରିଥିଲେ। ଦେଶ ଓ ରାଜ୍ୟ ସରକାରଙ୍କ ମିଳିତ ସହଯୋଗରେ ବିକାଶ ସମ୍ଭବ ହୋଇପାରିବ ବୋଲି ସେମାନେ ମତ ରଖିଥିଲେ। ମୁଖ୍ୟ ଅତିଥି ଶ୍ରୀକାନ୍ତ ଜେନା




କହିଥିଲେ ଅତୀତରେ କଂଗ୍ରେସ ସରକାରଙ୍କ ବେଳେ ଶିକ୍ଷାକ୍ଷେତ୍ରରେ ଗରିବ ମେଧାବୀ ଛାତ୍ରଛାତ୍ରୀଙ୍କ ପାଇଁ ୨୦ ପ୍ରତିଶତ ସଂରକ୍ଷଣ ବ୍ୟବସ୍ଥା ହୋଇଥିଲା। ଲୋକସଭାରେ ଏ ସଂପର୍କରେ ଏକ ବିଲ ମଧ୍ୟ ପାରିତ ହୋଇଥିଲା। ଘରୋଇ କଲେଜ ଗୁଡିକରେ ଉଚ୍ଚଶିକ୍ଷାରେ ଗରିବ ପିଲାମାନଙ୍କ ପାଇଁ ନାମଲେଖାରେ ୨୦% ରିହାତି ମିଳିବ ବୋଲି କହିଥିଲେ ମଧ୍ୟ ତାହା ପରବର୍ତ୍ତୀ ସମୟରେ କାର୍ଯ୍ୟକାରୀ ହେଲା ନାହିଁ। 'ମନ୍ଥନ'ର ସଂପାଦକ ଶରତ ରାଉତଙ୍କୁ ପରାମର୍ଶ ଦେଇ ସେ କହିଥିଲେ ଯେ, ମନ୍ଥନ ରାଜ୍ୟର ବିଭିନ୍ନ ସମସ୍ୟାକୁ ନେଇ ପ୍ରତ୍ୟେକ ମାସରେ ଏକ ରାଜନୈତିକ ସମୀକ୍ଷାର ମନ୍ଥନ କରୁ। ଏହା ଦ୍ୱାରା 'ମନ୍ଥନ' ରାଜ୍ୟରେ ସବୁ ଦିନ ପାଇଁ ତିଷ୍ଠି ରହିବ। ଭୁବନେଶ୍ୱର ମେୟର ସୁଲୋଚନା ଦାସ କହିଥିଲେ ସମ୍ବାଦପତ୍ରଗୁଡିକ ସତ୍ୟ ଓ ନିର୍ଭୀକ ହୋଇ ସମ୍ବାଦ ପରିବେଷଣ କରିବା ଉଚିତ। ଶେଷରେ ସାମ୍ବାଦିକତା କ୍ଷେତ୍ରରେ ସୁନାମ ଅର୍ଜନ କରିଥିବା ଯୁବ ସାମ୍ବାଦିକ ସୁମନ୍ତ ସୁନ୍ଦରାୟ, ଯୁବ ସଂପାଦିକା ତନୟା ପଟ୍ଟନାୟକ (ସମ୍ବାଦ), ଯୁବ ସାହିତ୍ୟିକ ଦେବବ୍ରତ ଦାସ, ଯୁବ ଫଟୋଗ୍ରାଫର ବୁଲୁ ସାହୁ (ସକାଳ), ମନ୍ଥନ କେନ୍ଦୁଝର ଜିଲ୍ଲା ଯୋଡା ସାମ୍ବାଦିକ ମନୋରଂଜନ ଲେଙ୍କା ପୁରସ୍କୃତ କରାଯାଇଥିଲା।



ଭୁବନେଶ୍ୱର : ସମ୍ବିଧାନ ପ୍ରଣେତାଙ୍କ ଜୟନ୍ତୀ ପାଳନ ଅବସରରେ ତାଙ୍କ ପ୍ରତିମୂର୍ତ୍ତିରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛନ୍ତି ବିରୋଧି ଦଳ ନେତା ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। (ଫଟୋ : ସମ୍ବାଦ କଳିକା)

# ଅକ୍ଟୋବରରୁ ବାଘଗଣନା : ଶିମିଳିପାଳରେ ବଢୁଛି ବାଘ ସଂଖ୍ୟା

**ଭୁବନେଶ୍ୱର, ୧୪/୪**
**ନ୍ୟୁଜ ବ୍ୟୁରୋ**

ଅକ୍ଟୋବରରୁ ଆରମ୍ଭ ହେବ ବାଘଗଣନା ପ୍ରକ୍ରିୟା । ଏନେଇ ଆରମ୍ଭ ହୋଇସାରିଛି ପ୍ରସ୍ତୁତି ପ୍ରକ୍ରିୟା। ଜାତୀୟ ବ୍ୟାଘ୍ର ସଂରକ୍ଷଣ କର୍ତ୍ତୃପକ୍ଷଙ୍କ ପକ୍ଷରୁ ଦେଶର ବିଭିନ୍ନ ବ୍ୟାଘ୍ର ପ୍ରକଳ୍ପ ନିର୍ଦ୍ଦେଶକଙ୍କୁ ବାଘ ଗଣନା ପ୍ରସ୍ତୁତି ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଏହି କ୍ରମରେ ଶିମିଳିପାଳରେ ମଧ୍ୟ ପ୍ରକ୍ରିୟା ଆରମ୍ଭ ହୋଇଥିବା ଦେଖିବାକୁ ମିଳିଛି। ବାରିପଦା ସର୍କଲର ଶିମିଳିପାଳ ସମେତ ୭ଟି ଡିଭିଜନ ଡେପୁଟି ଡାଇରେକ୍ଟର, ଡିଏଫଓ, ଏସିଏଫ୍ ଓ ୱାଇଲ୍ଡଲାଇଫ ଇନଷ୍ଟିଚ୍ୟୁଟ ଅଫ ଇଣ୍ଡିଆର ସଦସ୍ୟଙ୍କୁ ନେଇ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଏଥିରେ ମୁଖ୍ୟତଃ ଟାଇମ ସିଡ୍ୟୁଲ, ଇକ୍ୟୁପମେଣ୍ଟ, ଟ୍ରାପ କ୍ୟାମେରା ଭଳି ବାଘ ଗଣତି ପାଇଁ ଆବଶ୍ୟକ ଜିନିଷପତ୍ର ବିଷୟରେ ଆଲୋଚନା




କରାଯାଇଥିଲା । ଏପ୍ରିଲ ଓ ମେ'ମାସ ସୁଦ୍ଧା ଗାର୍ଡ ଓ ଫରେଷ୍ଟର ମାନଙ୍କର ତାଲିମ କାର୍ଯ୍ୟ ସମାପ୍ତ କରାଯିବ । ଅକ୍ଟୋବର ମାସରୁ ବିଭିନ୍ନ ପର୍ଯ୍ୟାୟରେ ଗଣତି ପ୍ରକିୟା ଚାଲୁ ରହିବ। ଡିସେମ୍ବର, ଜାନୁଆରୀ ଓ ଫେବୃୟାରୀ ମାସରେ ଏକ ହଜାରରୁ ଉର୍ଦ୍ଧ୍ୱ ଟ୍ରାପ କ୍ୟାମେରାର ଡାଟା ସଂଗ୍ରହ କରି ଏନଟିସିଏ ପାଖରେ ଦାଖଲ କରାଯିବ । ତେବେ ଏଥର ବାଘ ଗଣନା ରିପୋର୍ଟ ବେଶ୍ ସନ୍ତୋଷ ଜନକ ରହିବ ବୋଲି କହିଛନ୍ତି ଶିମିଳିପାଳର ବ୍ୟାଘ୍ର ପ୍ରକଳ୍ପ ନିର୍ଦ୍ଦେଶକ। ୨୭୫୦ ବର୍ଗ କିଲୋମିଟର ବ୍ୟାପୀ ଶିମିଳିପାଳ ଏସିଆ ମହାଦେଶର ଦ୍ୱିତୀୟ ସର୍ବବୃହତ ଜୈବମଣ୍ଡଳ । ଶିମିଳିପାଳ କଳାବାଘ ପାଇଁ ଦେଶ ବିଦେଶରେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛି । ଶତାଧିକ ରୟାଲ ବେଙ୍ଗଲ ଟାଇଗରଙ୍କ ଏହା ଆଶ୍ରୟ ସ୍ଥଳ ହୋଇଥିବା ବେଳେ ନିକଟରେ ଏହାର ସଂଖ୍ୟା କମିଯାଇ ୮ରେ ପହଞ୍ଚିଥିଲା । ଯାହା ପରିବେଶ ପ୍ରେମୀଙ୍କୁ ଗଭୀର ଆଘାତ ଦେଇଥିଲା। ମାତ୍ର ଶିକାରୀ ଦମନ, ପାଟ୍ରୋଲିଂ ଓ ସରକାରଙ୍କ ପକ୍ଷରୁ ଆବଶ୍ୟକ ପଦକ୍ଷେପ ପାଇଁ ଏବେ ବାଘ ସଂଖ୍ୟା ବଢିଛି । ଅଦ୍ୟାବଧି ୩୯ଟି ବାଘ ରହିଥିବା ବେଳେ ଅଧିକ ସଂଖ୍ୟକ ମିଲେନାଷ୍ଟିକ ପ୍ରଜାତିର ବାଘ ବା କଳାବାଘ ରହିଥିବା ନେଇ 'ଅଲ ଓଡ଼ିଶା ଟାଇଗର ଏସ୍ଟିମେସନ' ରିପୋର୍ଟରେ ସୂଚନା ପ୍ରକାଶ ପାଇଥିଲା। ତେବେ ନିକଟରେ ବାଘ ଗଣନା ହେବା ନେଇ ଖବର ଆସିବା ପରେ ଏବେ ବନ୍ୟପ୍ରାଣୀ ବିଶେଷଜ୍ଞ ଓ ପ୍ରକୃତି ପ୍ରେମୀଙ୍କ ମହଲରେ ଉତ୍ସାହ ଦେଖିବାକୁ ମିଳିଛି ଏବଂ ଏଥର ବାଘ ସଂଖ୍ୟାରେ ବୃଦ୍ଧି ଘଟିବା ନେଇ ଆଶା ମଧ୍ୟ ବାନ୍ଧିଛନ୍ତି । ପୂର୍ବରୁ ଶିମିଳିପାଳରେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବାଘ ଗଣନା ରିପୋର୍ଟରେ ତାଳମେଳ ରହିନଥିବା ବେଳେ ଶିକାରୀ ଦମନ ଯୋଗୁଁ ବାଘ ସଂଖ୍ୟାରେ ଦ୍ରୁତ ବୃଦ୍ଧି ଘଟିଛି ।

# ଉତ୍କଳ ସମ୍ମିଳନୀ ପକ୍ଷରୁ ଓଡ଼ିଆ ନବ ବର୍ଷ ପାଳନ

**ଭୁବନେଶ୍ୱର, ୧୪/୦୪ ନ୍ୟୁଜ ବ୍ୟୁରୋ**

ପବିତ୍ର ମହାବିଷୁବ ସଂକ୍ରାନ୍ତି ତଥା ଓଡ଼ିଆ ନବବର୍ଷ ଅବସରରେ ଉତ୍କଳ ସମ୍ମିଳନୀ ପକ୍ଷରୁ ସମ୍ମିଳନୀର କେନ୍ଦ୍ରୀୟ କାର୍ଯ୍ୟାଳୟରେ ଓଡ଼ିଆ ନବବର୍ଷ ପାଳନ ହୋଇଯାଇଛି। ସମ୍ମିଳନୀର ସଦସ୍ୟ ସଦସ୍ୟାମାନେ ପ୍ରଥମେ ନବବର୍ଷ ଉପଲକ୍ଷେ କବିତା ପାଠ କରିବା ପରେ ଅନୁଷ୍ଠିତ ବୈଠକରେ ଉତ୍କଳ ସମ୍ମିଳନୀର ରାଜ୍ୟ ସଭାପତି ଅଧିବକ୍ତା ଅନନ୍ତ ପ୍ରସାଦ ଜେନା ସଭାପତିତ୍ୱ କରିଥିଲେ ଓ ସମ୍ମିଳନୀର ସାଧାରଣ ସମ୍ପାଦକ ତଥା ମଞ୍ଚେଶ୍ୱର ଶିଳ୍ପାଞ୍ଚଳ ଶାଖା ସଭାପତି ଦିଲ୍ଲୀପ ଦାଶଶର୍ମା ସଭା ପରିଚାଳନା କରିଥିଲେ । ଏହି ବୈଠକରେ ଭୁବନେଶ୍ୱର ଶାଖା ସଭାପତି ସୁବ୍ରତ ମହାପାତ୍ର, ମଞ୍ଚେଶ୍ୱର ଶାଖା ଯୁଗ୍ମ-ସମ୍ପାଦକ ସିଦ୍ଧାର୍ଥ ଶେଖର ଗଡନାୟକ, ଅକ୍ଷୟ ଜେଠୀ, ସୁରଜିତ ପରିଡା, ଶଶି ଭୂଷଣ ଦାସ, ଅରୁଣ କୁମାର ବେହେରା ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଭାଗ ନେଇଥିଲେ ।





## ସଂଗ୍ରହ କରନ୍ତୁ ! ସଂଗ୍ରହ କରନ୍ତୁ !

ସାପ୍ତାହିକ ସମ୍ବାଦ ପତ୍ରିକା 'ଉତ୍କଳ ଦୀପିକା' ରାଜ୍ୟର ସମସ୍ତ ଅଞ୍ଚଳରେ ଉପଲବ୍ଧ। ଏହାକୁ ଭଲ ପାଉଥିବା ପାଠକ ପାଠିକାମାନଙ୍କୁ ଅନୁରୋଧ, ନିକଟସ୍ଥ ପୁସ୍ତକ ଭଣ୍ଡାରକୁ ଯାଇ ସଂଗ୍ରହ କରିନିଅନ୍ତୁ ।

ସମ୍ପର୍କ : ପ୍ଲଟ୍ ନଂ.-୪୬୪, ଶହୀଦନଗର, ଭୁବନେଶ୍ୱର-୭୫୧୦୦୭
ଜିଲ୍ଲା-ଖୋର୍ଦ୍ଧା, ଓଡ଼ିଶା
ଦୂରଭାଷ : (୦୬୭୪)୨୫୪୧୪୪୮, ୨୫୪୫୬୭୮
Email : utkaldeepika2016@gmail.com


# ଜବରଦଖଲରେ ୧୩,୦୦୦ ବର୍ଗକିମି ଜଙ୍ଗଲ

**ଭୁବନେଶ୍ୱର, ୧୪/୪**
**ନ୍ୟୁଜ ବ୍ୟୁରୋ**

ଦେଶରେ ପ୍ରାୟ ୧୩ ହଜାର ବର୍ଗ କି.ମି.ରୁ ଅଧିକ ପରିମିତ ଜଙ୍ଗଲ ଜବରଦଖଲରେ ରହିଛି। କେନ୍ଦ୍ର ସରକାରଙ୍କ ପରିବେଶ ମନ୍ତ୍ରଣାଳୟ ପକ୍ଷରୁ ନ୍ୟାସନାଲ ଗ୍ରିନ୍ ଟ୍ରିବ୍ୟୁନାଲ (ଏନ୍‌ଜିଟି) ପାଖରେ ଦାଖଲ କରାଯାଇଥିବା ତଥ୍ୟରୁ ଏପରି ସାଂଘାତିକ ସୂଚନା ସାମନାକୁ ଆସିଛି। ଜବରଦଖଲ ହୋଇ ରହିଥିବା ଏହି ଜଙ୍ଗଲ ଜମି ପରିମାଣ ସମଗ୍ର ଦିଲ୍ଲୀ, ସିକ୍କିମ୍ ଓ ଗୋଆର ମିଳିତ ଆୟତନ ସଙ୍ଗେ ସମାନ। ମଧ୍ୟପ୍ରଦେଶରେ ସର୍ବାଧିକ ଜଙ୍ଗଲ ଜମି ଜବରଦଖଲ ହୋଇଥିବା ଜଣାପଡ଼ିଛି। ସୂଚନାଯୋଗ୍ୟ, ଗତବର୍ଷ ଜଙ୍ଗଲ ଜମି ଜବରଦଖଲ ସଂକ୍ରାନ୍ତ 'ପିଟିଆଇ'ର ଏକ ରିପୋର୍ଟକୁ ଭିତ୍ତି କରି ଏନ୍‌ଜିଟି ସ୍ୱତଃପ୍ରବୃତ୍ତ ଭାବେ ସରକାରଙ୍କୁ ଏ ବାବଦରେ ତଥ୍ୟ ଦାଖଲ ପାଇଁ ନିର୍ଦ୍ଦେଶ ଦେଇଥିଲା। ନ୍ୟାସନାଲ ଗ୍ରିନ୍ ଟ୍ରିବ୍ୟୁନାଲ (ଏନ୍‌ଜିଟି) ପାଖରେ ଦାଖଲ କରାଯାଇଥିବା ତଥ୍ୟରୁ ଏପରି ସାଂଘାତିକ ସୂଚନା ସାମନାକୁ ଆସିଛି। ଗତ ସପ୍ତାହରେ ପରିବେଶ ମନ୍ତ୍ରଣାଳୟ ଦାଖଲ କରିଥିବା ବିବରଣୀ ଅନୁଯାୟୀ, ୨୦୨୪ ମାର୍ଚ୍ଚ



ସୁଦ୍ଧା ଦେଶର ୨୫ଟି ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳରେ ମୋଟ ୧୩,୦୫,୬୬୮ ହେକ୍ଟର ବା ୧୩,୦୫୬ ବର୍ଗ କି.ମି. ଜମି ଜବରଦଖଲ ହୋଇଥିବା କୁହାଯାଇଛି। ଏଥି ସହିତ ବିହାର, ହରିୟାଣା, ହିମାଚଳପ୍ରଦେଶ, ରାଜସ୍ଥାନ, ତେଲେଙ୍ଗାନା, ପଶ୍ଚିମବଙ୍ଗ, ନାଗାଲାଣ୍ଡ, ଦିଲ୍ଲୀ, ଲଦାଖ ଓ ଜମ୍ମୁକଶ୍ମୀର ଆଦି ରାଜ୍ୟ ଓ କେନ୍ଦ୍ର ଶାସିତ ଅଞ୍ଚଳରେ ଜବରଦଖଲ ବିବରଣୀ ଏଥିରେ ସାମିଲ ହୋଇନାହିଁ। ସୁତରାଂ ଜବରଦଖଲ ପରିମାଣ ଆହୁରି ଅଧିକ ହେବ ବୋଲି ଅନୁମାନ କରାଯାଏ। ତେବେ ସେଥି ମଧ୍ୟରୁ ମଧ୍ୟପ୍ରଦେଶରେ ସର୍ବାଧିକ ୫,୪୬୧ ବର୍ଗ କି.ମି. ଜବରଦଖଲ ହୋଇଥିବା ବେଳେ ତାହା ପଛକୁ ଆସାମରେ ଜବରଦଖଲ ପରିମାଣ ୩,୬୨୧ ବର୍ଗ କି.ମି. ରହିଛି। ସେହିପରି ଓଡ଼ିଶାରେ ପ୍ରାୟ ୪୦୫ ବର୍ଗ କି.ମି. ଜଙ୍ଗଲ ଜମି ଜବରଦଖଲ ହୋଇ ରହିଥିବା ବେଳେ ମଣିପୁରରେ ଦେଶର ସର୍ବନିମ୍ନ ୩୨.୭ ବର୍ଗ କି.ମି. ଜଙ୍ଗଲ ଜମି ଜବରଦଖଲ ହୋଇଛି। ଏଠାରେ ଉଲ୍ଲେଖଯୋଗ୍ୟ, ବୃକ୍ଷ ଥାଉ କି ନଥାଉ, ସରକାରଙ୍କ ଦ୍ୱାରା ଘୋଷିତ ଜଙ୍ଗଲ ଜମିକୁ ରେକର୍ଡ ହୋଇଥିବା ଜଙ୍ଗଲ ଅଞ୍ଚଳ (ଆରଏଫ୍ଏ) ଭାବେ ବିବେଚନା କରାଯାଏ। ଆରଏଫ୍ଏ ପୁଣି ତିନି ଭାଗରେ ବିଭକ୍ତ : (୧) ସଂରକ୍ଷିତ ଜଙ୍ଗଲ, ଯାହାର ସଂପୂର୍ଣ୍ଣ ସୁରକ୍ଷା ରହିଛି ଏବଂ ସାଧାରଣତଃ ଶିକାର ଓ ଚରିବା ଭଳି କାର୍ଯ୍ୟକଳାପ ନିଷିଦ୍ଧ, (୨) ସୁରକ୍ଷିତ ଜଙ୍ଗଲ, ଯେଉଁଠି ନିର୍ଦ୍ଦିଷ୍ଟ ଭାବରେ କିଛି ପ୍ରତିବନ୍ଧକ ଲାଗୁ କରାଯାଇ କିଛି କାର୍ଯ୍ୟକଳାପକୁ ଅନୁମତି ଦିଆଯାଇଥାଏ ଏବଂ (୩) ଅବର୍ଗୀକୃତ ଜଙ୍ଗଲ, ଯାହାକୁ ସଂରକ୍ଷିତ ବା ସୁରକ୍ଷିତ ଭାବରେ ବର୍ଗୀକୃତ କରାଯାଇନାହିଁ।


## ବଜାରରେ ଉପଲବ୍ଧ...

'କଥାକଳିକା'ର ଜନ୍ମ ବିଶେଷାଙ୍କ ମାର୍ଚ୍ଚ-୨୦୨୫ ସଂଖ୍ୟା




### ଏଥର ସଂଖ୍ୟାରେ...

**ସ୍ମରଣୀୟ କଥା :** ତ୍ରିନାଥ ପଟ୍ଟନାୟକ
**ସମକାଳର କଥା :** ପୁଷ୍ପାଞ୍ଜଳି କର, ଚନ୍ଦ୍ରପ୍ରକାଶ ପାତ୍ର, ଭାଗିରଥୀ ବେହେରା, ସିଦ୍ଧେଶ୍ୱର ତ୍ରିପାଠୀ, ପ୍ରତାପ ବିଶ୍ୱାଳ, ରଞ୍ଜନ ପ୍ରଧାନ, ବିନୋଦ, ପ୍ରଭାତ ସିହ୍ନା, କମଳିନୀ ମଲ୍ଲିକ, ବିଜନବାଳା ପାଟଯୋଶୀ, ସତ୍ୟରଞ୍ଜନ ସାହୁ, ଲିପସା ପଟେଲ, ବିଦ୍ୟାଧର ଗୁରୁ, ମଧୁସୂଦନ ମିଶ୍ର, ଆଶାରାଣୀ ପଣ୍ଡା, ବିଜୟଲକ୍ଷ୍ମୀ ସାହୁ, ମନୋଜ କୁମାର ମହାନ୍ତି।
**ଅନ୍ୟ ଭାଷାର କଥା :** ସୁପ୍ରଭା ରାୟ, ନଗେନ୍ଦ୍ର ପଟ୍ଟନାୟକ।
**ଯୁବ ମାନସର କଥା :** ପ୍ରିୟଙ୍କା ପ୍ରିୟଦର୍ଶିନୀ ଦାସ, ରୀନାରାଣୀ ରାଉତରାୟ, ଅନୁକମ୍ପା ପହି, ସତୀଶ ବିଶ୍ୱାଳ, ସରୋଜ ସାହୁ, ମଧୁସ୍ମିତା ମିଶ୍ର, ମାଙ୍ଗଳିକା ମହାପାତ୍ର, ସ୍ରୋତସ୍ୱିନୀ ପରିଡା।

(ଗାଳ୍ପିକମାନଙ୍କୁ ଅନୁରୋଧ ସେମାନଙ୍କର ଗଳ୍ପ ପରିଚ୍ଛନ୍ନ ଭାବେ ଡିଟିପି କରି ସଂପୂର୍ଣ୍ଣ ଠିକଣା ସହ ମେଲ୍‌ରେ ପଠାଇବାକୁ ହେବ)

**ଯୋଗାଯୋଗ କରନ୍ତୁ**
ପ୍ରସାର ପରିଚାଳକ 'କଥାକଳିକା'
କୋଡ୍ ନଂ - (୦୬୭୪)
୨୫୪୧୪୪୮, ୨୫୪୫୦୪୬,
ଫାକ୍ସ: ୨୫୪୫୬୭୮
E-mail: kathakalika@gmail.com

ପୃଷ୍ଠା-୧୧୬/ ମୂଲ୍ୟ ୭୦ ଟଙ୍କା ମାତ୍ର
'ସମ୍ବାଦ କଳିକା'ର ସ୍ଥାନୀୟ ପ୍ରତିନିଧି/ ଏଜେଣ୍ଟ/ପତ୍ରିକା ଷ୍ଟଲଙ୍କ ସହ ଯୋଗାଯୋଗ କରନ୍ତୁ । କଥା କଳିକାର ବାର୍ଷିକ ଗ୍ରାହକ ଦେୟ ଟ.୫୦୦/-
(୨ଟି ବିଶେଷ ସଂଖ୍ୟା ସହ)